ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୫/୨୦୨୨ (୧୪ ପୃଷ୍ଠା) | Sambalpur, Thursday, September 15/2022 | Page 14 | ₹ 7.00 | ★★
୧୮ଶ ଭାଗ ୨୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 269 | ମୂଲ୍ୟ ₹୭/-



## ମନ୍ଧାନାଙ୍କ ଅର୍ଦ୍ଧଶତକ

ଓପନର ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ବୁଧବାର ଅନୁଷ୍ଠିତ ମହିଳା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ପରାସ୍ତ କରିଛି।

୧୪

୧୦

## ଅଡୁଆରେ ଅଜୟଙ୍କ 'ଥ୍ୟାଙ୍କ୍ ଗଡ୍'

ବଲିଉଡ୍ ଚଳଚ୍ଚିତ୍ର 'ଥ୍ୟାଙ୍କ୍ ଗଡ୍' ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ନେଇ ଅଭିନେତା ଅଜୟ ଦେବଗନ୍‌ଙ୍କ ନାମରେ କୋର୍ଟରେ ଅଭିଯୋଗ ହୋଇଛି।





କୋରାପୁଟ-ରାୟଗଡ଼ା ରେଳ ଲାଇନ୍‌ର ନିର୍ମାଣାଧୀନ ଟନେଲ୍-୨

# ରେଲ୍‌ୱେ ଟନେଲରେ ମାଟିଅତଡ଼ା ଧସି ୨ ଶ୍ରମିକ ମୃତ

**ଲକ୍ଷ୍ମୀପୁର/କୋରାପୁଟ ୧୪।୯(ସ୍ୱ.ପ୍ର.)**

କୋରାପୁଟ-ରାୟଗଡ଼ା ରେଳ ଲାଇନ ଦୋହରୀକରଣ କାର୍ଯ୍ୟ ଚାଲିଥିବାବେଳେ ନିର୍ମାଣାଧୀନ ୨ ନମ୍ବର ଟନେଲରେ ଏକ ଅଭାବନୀୟ ଘଟଣା ଘଟିଛି। ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ଘାଟି ନିକଟରେ ଏସିଡବ୍ଲୁ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟ କରାଯାଉଛି। ଟନେଲ ଭିତରେ ପ୍ରାୟ ୧୦ ଶ୍ରମିକ ପଶି ମେଶିନ ସହାୟତାରେ ବୁଧବାର କାର୍ଯ୍ୟ କରୁଥିଲେ। ହଠାତ୍ ସେମାନଙ୍କ ଉପରେ ମାଟି ଅତଡା ଧସି ପଡ଼ିଥିଲା। ଫଳରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ଗ୍ରାମର ରବୀନ୍ଦ୍ର ପ୍ରପେକା (୨୬) ଏବଂ ଆସାମର ବରପେଟା ଜିଲା ମାଜଗାଁ ଗ୍ରାମର ଜହର ଅଲ୍ଲିଉଦ୍ଦିନ (୩୦)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣା ସ୍ଥଳରେ କାକିରିଗୁମ୍ମା ଥାନା ଅଧିକାରୀ ଦାମୋଦର ବିହାରୀ, ଏଏସ୍‌ଆଇ ଶଙ୍କର ତାଡିଙ୍ଗି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ସୁରକ୍ଷିତ ଭାବେ ଟନେଲରୁ ବାହାରି ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୃତ ରବୀନ୍ଦ୍ରଙ୍କ ପରିବାର ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରିଛନ୍ତି। ଫଳରେ ଏନେଇ କିଛି ସମୟ ଧରି ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ୮୦୦ ରୋଗୀଙ୍କ ଲାଗି ୨୧ ଆଇସିୟୁ

**କଟକ ଅଫିସ, ୧୪।୯**

କଟକ ଶିଶୁଭବନରେ ଦିନକୁ ଦିନ ଶିଶୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସମେତ ରାଜ୍ୟ ବାହାରୁ ମଧ୍ୟ ଲୋକମାନେ ସେମାନଙ୍କ ପିଲାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଏଠାକୁ ଆଣୁଛନ୍ତି। ତେବେ ଏହି ଚିକିତ୍ସାଳୟରେ ୨୦୦ ରୋଗୀଙ୍କ ପାଇଁ ଶଯ୍ୟା ମଞ୍ଜୁରୀ ଥିବାବେଳେ ପ୍ରକୃତ ଚିତ୍ର କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି। ତଥ୍ୟ ଅନୁଯାୟୀ, ପ୍ରତିଦିନ ପ୍ରାୟ ୪୦୦ରୁ ୫୦୦ ବହିର୍ବିଭାଗ(ଆଉଟ ଡୋର) ଶିଶୁ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ସେହିପରି ଚିକିତ୍ସାଧୀନ(ଇନ୍‌ଡୋର) ରୋଗୀ ଭାବେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି। ଗୋଟିଏ ଶଯ୍ୟାରେ ୨ଜଣଙ୍କ ଚିକିତ୍ସା କରାଯାଉଥିବାବେଳେ କେତେକ ସମୟରେ ଗୋଟିଏ ଶଯ୍ୟାରେ ୩ଜଣ ରୋଗୀଙ୍କୁ ରଖାଯାଇ ମଧ୍ୟ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳୁଛି। ନିୟମିତ ଦେଖିବାକୁ ଗଲେ ଆଉଟ୍‌ଡୋର ଏବଂ ଚିକିତ୍ସିତ(ଇନ୍‌ଡୋର) ରୋଗୀସଂଖ୍ୟା ମିଶି ୮୦୦ରୁ ଊର୍ଦ୍ଧ୍ୱ ହେଉଥିବାବେଳେ ଏମାନଙ୍କ ପାଇଁ ଜରୁରୀବେଳେ ଲାଇଫ୍ ସପୋର୍ଟ ଆଇସିୟୁ ମାତ୍ର ୨୧ଟି ରହିଛି। ଫଳରେ ଗୁରୁତର ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସରକାରଙ୍କ ରେକର୍ଡ ଅନୁଯାୟୀ ଶିଶୁଭବନରେ ୨୦୦ ଶଯ୍ୟା ପାଇଁ ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ରହିଛନ୍ତି। ହେଲେ ଦୈନିକ ଚିକିତ୍ସିତ ରୋଗୀସଂଖ୍ୟା ୪୦୦ରୁ ଅଧିକ ରହୁଥିବାରୁ ସେହି ହିସାବରେ କର୍ମଚାରୀଙ୍କ ଅଭାବ ପଡୁଛି। ଅଧିକାଂଶ ସମୟରେ ରୋଗୀ ଚଟାଣରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ଦ୍ୱାରା ସ୍ୱୀକୃତ ୨୦୦ ଶଯ୍ୟା ବ୍ୟତୀତ ଅଧିକ ୨୧୬ କାର୍ଯ୍ୟକାରୀ ଶଯ୍ୟା ପାଇଁ ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଟ୍ରେନିଂ(ଡିଏମ୍‌ଇଟି) ପକ୍ଷରୁ ଅନୁମତି ଦିଆଯିବା ପରେ ସେହି ଅନୁସାରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ବୋଲି ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ନାଥ ବେହେରା କହିଛନ୍ତି। ଏଠାରେ ବଢୁଥିବା ରୋଗୀଙ୍କ ସଂଖ୍ୟା ହିସାବରେ ଆଇସିୟୁର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍-୧୯ ପାଇଁ ହୋଇଥିବା ଡେଡିକେଟେଡ୍ ୧୪ଟି ଆଇସିୟୁକୁ ଖୁବ୍‌ଶୀଘ୍ର ବ୍ୟବହାର କରାଯିବାକୁ ସ୍ଥିର ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ଆଇସିୟୁ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇବ ବୋଲି ସେ କହିଛନ୍ତି। ସେହିପରି ଶିଶୁ ଭବନ ପରିସରରେ ନିର୍ମାଣ ହେଉଥିବା ନୂତନ କୋଠା ବିଭାଗକୁ ହସ୍ତାନ୍ତର ବିଳମ୍ବ ହେଉଥିବାରୁ ରୋଗୀଙ୍କ ପାଇଁ ଶଯ୍ୟା ଅଭାବ ଘଟଣାକୁ ସ୍ୱୀକାର କରିବା ସହ ନୂତନ କୋଠା ମିଳିବା ପରେ ଚଟାଣରେ ଶିଶୁରୋଗୀ ଚିକିତ୍ସା ସଂଖ୍ୟା ହ୍ରାସ ପାଇବ ବୋଲି ☞ପୃଷ୍ଠା-୪

### ଶିଶୁଭବନ କଟକ

### ହସ୍ତାନ୍ତର ହୋଇପାରୁନି ନୂତନ କୋଠା






# ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ



ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲାଙ୍କୁ ତାରକସି କଳାକୃତି ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ରାଜ୍ୟ ସରକାର ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମିଳିତ ସହଯୋଗରେ ମୁମ୍ବାଇରେ ବୁଧବାର 'ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍' ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ

### ମୁମ୍ବାଇ ଇନଭେଷ୍ଟର୍ସ ମିଟ୍

### ୱାନ୍ ଟୁ ୱାନ୍ ଆଲୋଚନା କରୁଛନ୍ତି ନବୀନ

ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ହେଉଛି ଦେଶର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ରାଜ୍ୟ। ଗତ ଦେଢ଼ ଦଶନ୍ଧି ଧରି ଓଡ଼ିଶା ଜାତୀୟ ହାରଠାରୁ ନିରନ୍ତର ଅଭିବୃଦ୍ଧି କରି ଚାଲିଛି। ପ୍ରାକୃତିକ ସମ୍ବଳ ଏବଂ ଶିଳ୍ପ ଅନୁକୂଳ ସ୍ଥାନ ଯୋଗୁ ଓଡ଼ିଶା ପୂର୍ବ ଭାରତର ଏକ ବୃହତ୍ ଶିଳ୍ପ ସ୍ଥଳରେ ପରିଣତ ହୋଇଛି। ଗତ ୨୦ ବର୍ଷ ଧରି ରାଜ୍ୟ ସରକାର ପ୍ରଗତିଶୀଳ ନୀତି, ଦୃଢ଼ ପ୍ରଶାସନ ଏବଂ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଏହାର ସୁଯୋଗ ନେବା ପାଇଁ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଉପସ୍ଥିତ ସମସ୍ତ ପୁଞ୍ଜିନିବେଶକାରୀଙ୍କୁ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

## ଜିଭର ଶକ୍ତି ଜାଗରଣ

ଗୋଆ ରାଜନୀତି
ଚଳଚଞ୍ଚଳ: ପଦ୍ମ ଧରିଲେ
୮ କଂଗ୍ରେସ ବିଧାୟକ
........୧୨........

# ନିକୁଞ୍ଜଙ୍କୁ ଅବକାରୀ, ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟ ସଚିବ

■ **ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ**

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ବୁଧବାର ଏ ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶକ୍ତି ବିଭାଗର ପ୍ରମୁଖ ସଚିବ ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଏବଂ ଗ୍ରୀଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କୁ ହସ୍ତତନ୍ତ, ବୟନ ଶିଳ୍ପ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୧୯୯୮ ବ୍ୟାଚ୍ ଆଇଏଏସ୍ ☞ପୃଷ୍ଠା-୪

# ଲମ୍ପି ବ୍ୟାପୁଛି: ମଲେଣି ୭୫ ହଜାର ଗୋରୁ

**ନୂଆଦିଲ୍ଲୀ,୧୪।୯**

କରୋନା ମହାମାରୀ ସମଗ୍ର ମାନବ ଜାତି ପାଇଁ ଅଭିଶାପ ପାଲଟିଥିବାବେଳେ ଗୋରୁଙ୍କ ଭଳି ଗୃହପାଳିତ ପ୍ରାଣୀଙ୍କ ଲାଗି ଘାତକ ସାଜିଛି ଲମ୍ପି ଭାଇରସ୍। ଗୁଜରାଟର କଚ୍ଛ ଅଞ୍ଚଳରେ ପ୍ରଥମେ ଚିହ୍ନଟ ହୋଇଥିବା ଲମ୍ପି ଭାଇରସ୍ ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ଭାଗକୁ ମାଡ଼ିବାରେ ଲାଗିଛି। ଗୁଜରାଟ, ରାଜସ୍ଥାନ ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଲମ୍ପି ଆତଙ୍କ ଦେଖି ଚାଷୀକୁଳ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ଗତ ଜୁଲାଇରୁ ଅଦ୍ୟାବଧି ଏହି ଭୂତାଣୁରେ ସଂକ୍ରମିତ ପ୍ରାୟ ୭୫,୦୦୦ ଗୋରୁଙ୍କ ମୃତ୍ୟୁ ଘଟିସାରିଲାଣି। ଏଥିରୁ ସର୍ବାଧିକ ୫୦,୦୦୦ ଗୋରୁ ରାଜସ୍ଥାନର। ସଂକ୍ରମିତ ଗୋରୁଙ୍କ ମୃତ୍ୟୁହାର ୮-୧୦%ରେ ପହଞ୍ଚିଛି।

ଗୋମହିଷାଦିଙ୍କୁ ହେଉଥିବା ଚର୍ମବିଣ୍ଡି (ଲମ୍ପି) ଭୂତାଣୁଜନିତ ରୋଗ, ଯାହାକି ଲୋକଙ୍କୁ ପ୍ରଭାବିତ କରି ନ ଥାଏ। ଏହା ମଶା ଓ ମାଛିଙ୍କଠାରୁ ସଂକ୍ରମିତ ହୋଇ ଗୋରୁଙ୍କୁ ଆକ୍ରାନ୍ତ କରିଥାଏ। ଫଳରେ ସଂକ୍ରମିତ ଗୋରୁ ଚର୍ମରେ ଗଣ୍ଠି ପଡ଼ିବା ସହ ଘା' ସୃଷ୍ଟି ହୋଇଥାଏ। ରାଜସ୍ଥାନ ଓ ଗୁଜରାଟରେ ଲମ୍ପି ସଂକ୍ରମିତ ଗୋରୁଙ୍କୁ ନେଇ ସଂଗୃହୀତ ଡ୍ରୋନ୍ ଫୁଟେଜ୍‌ରୁ ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି। ଗତ ଜୁଲାଇରୁ ବର୍ତ୍ତମାନ ସୁଦ୍ଧା ୮ ପ୍ରଭାବିତ ରାଜ୍ୟରେ ଏହି ରୋଗ ଦ୍ରୁତଗତିରେ ବ୍ୟାପିଚାଲିଥିବା ଜଣାପଡ଼ିଛି। ଏହି ରାଜ୍ୟଗୁଡ଼ିକରେ ଲମ୍ପି ସଂକ୍ରମିତ ଗୋରୁଙ୍କୁ 'ଗୋଟ୍ ପକ୍ସ ଭାକ୍ସିନ' ଦିଆଯାଉଛି। ଏହି ଟିକା ଲମ୍ପି ଚର୍ମରୋଗ ପାଇଁ ଶତ ପ୍ରତିଶତ କାମ କରୁଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜସ୍ଥାନରେ ୫୦,୦୦୦ ଗୋରୁ ଲମ୍ପିରେ ଆକ୍ରାନ୍ତ ହୋଇ ଆଖି ବୁଜିସାରିଲେଣି। ଏଠାରେ ଦୈନିକ ୬୦୦-୭୦୦ ☞ପୃଷ୍ଠା-୪

■ **ଗୁଜରାଟର କଚ୍ଛରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲା**

■ **ରାଜସ୍ଥାନରେ ସର୍ବାଧିକ ୫୦,୦୦୦ ଗୋରୁଙ୍କ ଜୀବନ ନେଇଛି ଭାଇରସ**



### ଲମ୍ପି ଲକ୍ଷଣ

- ■ ସଂକ୍ରମିତ ଗାଈ ବା ମଇଁଷିର ଓଜନ ହଠାତ୍ କମିଯାଇଥାଏ
- ■ ଗାଈଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ୫୦% ପର୍ଯ୍ୟନ୍ତ ହ୍ରାସ ପାଇଥାଏ
- ■ ଚର୍ମରେ ୧୦ରୁ ୫୦ ମି.ମି. ଗୋଲେଇର ଗଣ୍ଠି ପଡ଼ିଥାଏ
- ■ ଏହି ଭାଇରସ୍‌ରେ ସଂକ୍ରମିତ ପ୍ରାଣୀଙ୍କୁ ଭୀଷଣ ଜ୍ୱର ହୋଇଥାଏ
- ■ ଚୋବେଇବା ଓ ହଜମ କରିବା ଶକ୍ତି କମୁଥିବାରୁ ଭୋକ ମରିଯାଏ
- ■ ଗାଈଙ୍କଠାରେ ବନ୍ଧ୍ୟାପଣ ଓ ଗର୍ଭପାତ ସମସ୍ୟା ଦେଖାଯାଇଥାଏ



## ସଂକ୍ଷେପରେ

### କୋଭିଡ୍‌ର ନୂଆ ଭାରିଏଣ୍ଟ ଚିହ୍ନଟ

**ଲଣ୍ଡନ, ୧୪।୯:** ଆମେରିକା ସମେତ ବିଶ୍ୱର ଏକାଧିକ ରାଷ୍ଟ୍ରରେ କୋଭିଡ୍‌ର ନୂଆ ଭାରିଏଣ୍ଟ ଚିହ୍ନଟ ହୋଇଛି। ଏହି ନୂଆ ଭାରିଏଣ୍ଟର ନାମ ଓମିକ୍ରନ୍ ବିଏ.୪.୬ ହୋଇଥିବା ବ୍ରିଟେନ୍ ହେଲ୍‌ଥ ସିକ୍ୟୁରିଟି ଏଜେନ୍ସି ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୪ରେ ବ୍ରିଟେନ୍‌ରେ ଟେଷ୍ଟ ହୋଇଥିବା କୋଭିଡ୍ ନମୁନା ମଧ୍ୟରୁ ୩.୩% ସଂକ୍ରମିତଙ୍କ ଦେହରେ ବିଏ.୪.୬ ଭାରିଏଣ୍ଟ ଦେଖାଦେଇଥିଲା, ଯାହା ଏବେ ୯% ରେ ପହଞ୍ଚିଛି। ଓମିକ୍ରନ୍ ବିଏ.୪ର ବଂଶଜ ହେଉଛି ବିଏ.୪.୬। ଚଳିତ ବର୍ଷ ଜାନୁୟାରୀରେ ସାଉଥ୍ ଆଫ୍ରିକାରେ ପ୍ରଥମ କରି କୋଭିଡ୍ ଭାରିଏଣ୍ଟ ଓମିକ୍ରନ୍ ବିଏ.୪ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ବିଶ୍ୱରେ ଓମିକ୍ରନ୍ ବିଏ.୫ ସଂକ୍ରମଣ ବ୍ୟାପିବାରେ ଲାଗିଛି। ତେବେ ନୂତନ ଭାବେ ଚିହ୍ନଟ ହୋଇଥିବା ବିଏ.୪.୬ ମନୁଷ୍ୟ ଶରୀର ପ୍ରତି କେତେ ଘାତକ ତାହା ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇ ନାହିଁ।

### ଜ୍ୟାକ୍‌ଲିନ୍‌ଙ୍କୁ ୮ ଘଣ୍ଟା ଜେରା



**ନୂଆଦିଲ୍ଲୀ, ୧୪।୯:** ମନି ଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ବୁଧବାର ଦିଲ୍ଲୀ ପୋଲିସର ଇକୋନୋମିକ୍ ଅଫେନ୍ସେସ୍ ୱିଙ୍ଗ ୮ ଘଣ୍ଟା ଜେରା କରିଛି। ବୁଧବାର ସକାଳ ସାଢ଼େ ୧୧ଟାବେଳେ ଜ୍ୟାକ୍‌ଲିନ୍ ମନ୍ଦିର ମାର୍ଗ କାର୍ଯ୍ୟାଳୟରେ ପହଞ୍ଚିଥିବାବେଳେ ରାତି ୮ଟାରେ ଅଫିସ ଛାଡ଼ିଥିଲେ। ବିଭିନ୍ନ ବ୍ୟବସାୟୀଙ୍କଠାରୁ ୨୦୦ କୋଟି ଟଙ୍କା ଠକି ଆଣିଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ସହ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବା ଗତ ମାସରେ ଇଡି ନିଜ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା।

### ନାବାଳକଙ୍କୁ ଅପହରଣ ମାମଲାରେ ୩ ପୋଲିସ ନିଲମ୍ବିତ

**ଲକ୍ଷ୍ନୌ,୧୪।୯:** ଦୁଇ ନାବାଳକଙ୍କୁ ଅପହରଣ ଏବଂ ଅତ୍ୟାଚାର ମାମଲାରେ ୟୁପି କାନପୁରର ତିନି ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବାପା ଟଙ୍କା ନ ଦେବାରୁ ଦୁଇ ନାବାଳକ ଭାଇ ଅପରାଧ ଭିଆଇଥିଲେ। ଯାଞ୍ଚ ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିଲା। ନାବାଳକଙ୍କୁ ଛାଡ଼ିବା ପରେ ଅଧିକାରୀମାନେ ନାବାଳକଙ୍କ ବାପା ମହେନ୍ଦ୍ର କୁଶୱାହାଙ୍କୁ ଟଙ୍କା ମାଗିଥିଲେ। ସେ ଯେତେବେଳେ ଟଙ୍କା ଦେବାକୁ ମନା କଲେ। ଉତ୍ୟକ୍ତ ପୋଲିସ ଜୋର ଜବରଦସ୍ତ ତାଙ୍କ ଦୁଇ ପୁଅଙ୍କୁ ଥାନାକୁ ନେଇ ତାଙ୍କୁ ମାଡ଼ ମାରିଥିଲେ। ଘଟଣାର ସୂଚନା ଏସ୍‌ପି ପାଇବା ପରେ ଘଟଣାରେ ସମ୍ପୃକ୍ତ ତିନି ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

### ୨୪ ବର୍ଷ ପୁରୁଣା ହତ୍ୟା ମାମଲା
### ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ

**ଲକ୍ଷ୍ନୌ,୧୪।୯:** ୨୪ ବର୍ଷ ପୁରୁଣା ହତ୍ୟା ମାମଲାରେ ଉତ୍ତର ପ୍ରଦେଶ ଆଜମଗଡ଼ ସ୍ପେସାଲ କୋର୍ଟ ପୂର୍ବତନ ବିଧାୟକ ତଥା ସାମାଜବାଦୀ ପାର୍ଟି ନେତା ଅଭୟ ନାରାୟଣ ପଟେଲ ଓ ୩ ସହଯୋଗୀଙ୍କୁ ଆଜୀବନ ଜଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୧୯୯୮ ଅକ୍ଟୋବର ୨୨ରେ ଉରଦିହା ନାଇ ବସ୍ତି କୋଲୱାର ସନ୍ତରାଜ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

# କ୍ୟାନ୍‌ସର ଚିକିତ୍ସା ପାଇଁ ବ୍ୟାଙ୍କ ଲୁଟ୍

### ସାଙ୍ଗରେ ନେଇଥିଲେ ଖେଳଣା ବନ୍ଧୁକ



**ବେରୁଟ, ୧୪।୯:** ଭଉଣୀର କ୍ୟାନ୍‌ସର ଚିକିତ୍ସା ପାଇଁ ଲେବାନନ୍‌ର ଜଣେ ମହିଳା ବୁଧବାର ବ୍ୟାଙ୍କ ଲୁଟିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ସେ ଲୁଟ୍‌ବେଳେ ବ୍ୟାଙ୍କ କର୍ମଚାରୀଙ୍କୁ ଡରାଇବା ପାଇଁ ଖେଳଣା ବନ୍ଧୁକ ଧରିଥିଲେ। ବ୍ଲୋମ୍ ବ୍ୟାଙ୍କର ବେରୁଟ୍ ଶାଖାରେ ଲୁଟ୍ ବେଳର ଭିଡିଓ ସେ ଲାଇଭ୍ ଷ୍ଟ୍ରିମ୍ ମଧ୍ୟ କରିଥିଲେ।

ଲୁଟ୍ କରିଥିବା ମହିଳା ଜଣକ ହେଲେ ସାଲି ହାଫିଜ୍। ୨୮ ବର୍ଷୀୟା ସାଲି ଜଣେ ଫ୍ୟାଶନ ଡିଜାଇନର ଏବଂ ସାମାଜିକ କର୍ମୀ। ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଥିବାରୁ ବହୁ ଜମାକାରୀଙ୍କ ଅର୍ଥ ବିଭିନ୍ନ ବ୍ୟାଙ୍କରେ ଫସିରହିଛି। ତେଣୁ ଲୋକେ ସେମାନଙ୍କ ଜମାପୁଞ୍ଜି ବ୍ୟାଙ୍କଗୁଡ଼ିକରୁ ବାହାର କରିବା ପାଇଁ ଆସୁଥିଲେ ହେଁ ନିରାଶ ହୋଇ ଫେରିବାକୁ ପଡୁଛି। ବ୍ଲୋମ୍ ବ୍ୟାଙ୍କରେ ସାଲିଙ୍କ ପରିବାର ମଧ୍ୟ ଅର୍ଥ ଜମା କରିଥିଲେ। ହେଲେ ସେ ଅର୍ଥ ଉଠାଣ କରି ନ ପାରିବାରୁ ଲୁଟ୍‌ର ବାଟ ଆପଣାଇଥିବା କହିଛନ୍ତି। ଲାଇଭ୍ ଭିଡିଓରେ ସାଲି ବ୍ୟାଙ୍କ କର୍ମଚାରୀଙ୍କ ଉପରେ ପାଟି କରୁଥିବା ଦେଖିବାକୁ ମିଳିଛି। 'ମୁଁ ସାଲି ହାଫିଜ୍, ମୋ ଭଉଣୀ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛି। ତାଙ୍କ ଜମାଅର୍ଥ ନେବାକୁ ଏଠାକୁ ଆସିଛି। କାହାରିକୁ ହତ୍ୟା କରିବି ନାହିଁ କିମ୍ବା ଗୁଳି ଚଳାଇବି ନାହିଁ। ମୋ ଅଧିକାର ସାବ୍ୟସ୍ତ କରିବାକୁ ବ୍ୟାଙ୍କରେ ପହଞ୍ଚିଛି' ବୋଲି ସେ ଭିଡିଓରେ କହୁଥିବା ଶୁଣାଯାଉଛି। କ୍ୟାନ୍‌ସର ଚିକିତ୍ସା ପାଇଁ ୫୦ ହଜାର ଡଲାର ଆବଶ୍ୟକ। ତାଙ୍କ ପରିବାର ଡିପୋଜିଟ୍ କରିଥିବା ୨୦ ହଜାର ଡଲାରରୁ ପ୍ରାୟ ୧୩ ହଜାର ଡଲାର ସେ ନେଇଥିବା ମିଡିଆ ଆଗରେ କହିଛନ୍ତି। ଲୁଟ୍ ବେଳେ ସେ ଖେଳଣା ବନ୍ଧୁକ ଧରିଥିଲେ ବୋଲି ପ୍ରକାଶ କରିଛନ୍ତି। ସାଲି ଓ ତାଙ୍କ ସହଯୋଗୀ ବ୍ୟାଙ୍କ ଝରକା ଭାଙ୍ଗି ସେଠାରୁ ଖସିଯାଇଥିଲେ।

ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲେବାନନ୍‌ବାସୀ ସାଲିଙ୍କୁ ପ୍ରଶଂସା କରିଛନ୍ତି। ନିଜ କଷ୍ଟ ଉପାର୍ଜିତ ଟଙ୍କା ପାଇବା ପାଇଁ କୌଣସି ବିକଳ୍ପ ନାହିଁ ବୋଲି ସେମାନେ ମତ ଦେଇଛନ୍ତି। ୨୦୧୯ରୁ ଲେବାନନ୍‌ର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ସେଠାକାର ମୁଦ୍ରାର ମୂଲ୍ୟ ୯୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଲୋକେ ସେମାନଙ୍କ ଜମାଅର୍ଥ ବ୍ୟାଙ୍କରୁ ଉଠାଇପାରୁନାହାନ୍ତି। ଦେଶରେ ଦାରିଦ୍ର୍ୟ ହାର, ବେରୋଜଗାରୀ ବହୁମାତ୍ରାରେ ବୃଦ୍ଧି ପାଇଛି।

# ଟୁଇଟରରେ ଭାରତ, ଚାଇନା ଏଜେଣ୍ଟ

## ପ୍ରଘଟ କଲେ ହ୍ୱିସିଲ୍‌ବ୍ଲୋଓର

**ୱାଶିଂଟନ୍, ୧୪।୯**



ପିଟର ମଜ୍ ଜାଟ୍‌କୋ

- କର୍ମଚାରୀ ରହି ଦରମା ନେଉଥିଲେ
- ଟୁଇଟର ସାଇବର ସୁରକ୍ଷା ଦୁର୍ବଳ
- ବିପଦରେ ୟୁଜର୍ସଙ୍କ ଗୋପନୀୟତା

ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରର ପୂର୍ବତନ ସୁରକ୍ଷା ମୁଖ୍ୟ ତଥା ହ୍ୱିସିଲ୍‌ବ୍ଲୋଓର ପିଟର ମଜ୍ ଜାଟ୍‌କୋ ଆମେରିକା ସିନେଟ୍‌ର ନ୍ୟାୟିକ କମିଟି ଆଗରେ ଚକିତ କଲାଭଳି ତଥ୍ୟ ରଖିଛନ୍ତି। ଭାରତ ଓ ଚାଇନାର ଏଜେଣ୍ଟ ଟୁଇଟରରେ ବେତନଭୋଗୀ କର୍ମଚାରୀ ଭାବେ କାମ କରିଛନ୍ତି। ଟୁଇଟର ଜାଣିଶୁଣି କମ୍ପାନୀର ଷ୍ଟାଫ୍‌ମାନଙ୍କ ସହ ଭାରତୀୟ ଏଜେଣ୍ଟଙ୍କୁ ଲିଙ୍କ୍‌ରେ ରଖିବା ପାଇଁ ଅନୁମତି ଦେଇଛି। ଫଳରେ ଏହି ଏଜେଣ୍ଟମାନେ ସହଜରେ ସମ୍ପୃକ୍ତ ଦେଶକୁ ୟୁଜର୍ସଙ୍କ ସମ୍ବେଦନଶୀଳ ତଥ୍ୟ ଯୋଗାଉଥିଲେ ବୋଲି ଜାଟ୍‌କୋ ପ୍ରଘଟ କରିଛନ୍ତି। ଟୁଇଟର ସାଇବର ସୁରକ୍ଷା ଦୁର୍ବଳ ଏବଂ ଏହାର ୟୁଜର୍ସଙ୍କ ଗୋପନୀୟତା ବିପଦରେ ଥିବା ସେ ପ୍ରକାଶ କରିଛନ୍ତି।

ଟୁଇଟର ବିରୋଧରେ ଜାଟ୍‌କୋ ଆଣିଥିବା ଅନେକ ଅଭିଯୋଗର ସାକ୍ଷ୍ୟ ପ୍ରମାଣ ଦେବାକୁ ସେ ସିନେଟ କମିଟି ସମ୍ମୁଖରେ ହାଜର ହୋଇଥିଲେ। ସିନେଟ୍‌ର ସଦସ୍ୟ ଥିବା ଆମେରିକା ଏମ୍‌ପିଙ୍କ ସମ୍ମୁଖରେ ଜାଟ୍‌କୋ କହିଛନ୍ତି, ଚାଇନା ଗୋଇନ୍ଦା ଏଜେଣ୍ଟଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଟୁଇଟରରେ କାମ କରିଛନ୍ତି। କମ୍ପାନୀର ନେତୃତ୍ୱ ନେଉଥିବା ଅଧିକାରୀମାନେ କେବଳ ଲୋକଙ୍କୁ ନୁହେଁ ସରକାର, ଆଇନପ୍ରଣେତା, ନିୟାମକ ଏପରିକି ନିଜ ଡାଇରେକ୍ଟର ବୋର୍ଡକୁ ମଧ୍ୟ ବିଭ୍ରାନ୍ତ କରୁଛନ୍ତି। ଦୁର୍ବଳ ସାଇବର ସୁରକ୍ଷା ଯୋଗୁ ଅନେକେ ନିର୍ଯାତନାର ଶିକାର ହୋଇଛନ୍ତି କିମ୍ବା ହେବା ଆଶଙ୍କା ରହିଛି। ସେମାନଙ୍କ ପ୍ରିଭେସି(ଅନ୍ତରଙ୍ଗ ତଥ୍ୟ) ପ୍ରତି ବିପଦ ରହିଛି। ଟୁଇଟର ନେତୃତ୍ୱ ଏହାର ଇଞ୍ଜିନିୟରଙ୍କୁ ଅବହେଳା କରିଆସିଛନ୍ତି। ସେମାନେ ସୁରକ୍ଷା ଅପେକ୍ଷା କମ୍ପାନୀର ଲାଭକୁ ପ୍ରାଧାନ୍ୟ ଦିଅନ୍ତି। ଟୁଇଟରରେ କେଉଁମାନଙ୍କ ଡାଟା ରହିଛି, ତାହା କେଉଁଠାରୁ ଆସିଛି, କୁଆଡ଼େ ଯାଉଛି ସେ ବାବଦରେ ମଧ୍ୟ ଏହି ନେତୃତ୍ୱ ଟିମ୍ ନିକଟରେ କିଛି ଖବର ନାହିଁ। ସିକ୍ୟୁରିଟି ଲକ୍ ନ ରହିଲେ ବି ସେମାନଙ୍କୁ ଫରକ୍ ପଡ଼େନାହିଁ ବୋଲି ଜାଟ୍‌କୋ କହିଛନ୍ତି।

ସେପଟେ ଟୁଇଟର ଏକ ବିବୃତିରେ ଏ ନେଇ ସ୍ପଷ୍ଟୀକରଣ ରଖିଛି। ଏହାର ନିଯୁକ୍ତି ପ୍ରକ୍ରିୟା ସ୍ୱାଧୀନ ଏବଂ ଏହା ଉପରେ ବିଦେଶୀ ପ୍ରଭାବ ନ ଥାଏ। ଡାଟା ସୁରକ୍ଷା ପାଇଁ କମ୍ପାନୀ ଅନେକ ପଦକ୍ଷେପ ନେଇଛି। ଏଥିରେ ବ୍ୟାକଗ୍ରାଉଣ୍ଡ ଚେକ୍, ଆକ୍ସେସ୍ କଣ୍ଟ୍ରୋଲ୍, ଗୁପ୍ତଚରଗିରି ଉପରେ ନଜର ରଖାଯିବା ସହ ଗ୍ରାହକଙ୍କ ଗୋପନୀୟତା ଓ ନିରାପତ୍ତାର ସମ୍ପୂର୍ଣ୍ଣ ଯତ୍ନ ନିଆଯାଇଛି ବୋଲି କମ୍ପାନୀ କହିଛି। ଟୁଇଟର କିଣିବା ପାଇଁ ୪୪ ବିଲିୟନ ଡଲାରର ଡିଲ୍ କରିଥିବା ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କ କହିବା ଅନୁସାରେ, ଏହି ସୋସିଆଲ ମିଡିଆର ବାସ୍ତବ ସକ୍ରିୟ ୟୁଜର୍ସଙ୍କ ସଂଖ୍ୟା କମ୍ପାନୀ ଦେଖାଉଥିବା ସଂଖ୍ୟାଠାରୁ ଢେର୍ କମ୍।

### ୱାକଫ୍ ବୋର୍ଡର ବିନା ଅନୁମତିରେ ବିକି ହେଉନି ଜମି

**ଚେନ୍ନାଇ, ୧୪।୯**

ତାମିଲନାଡୁର ୨୦ଟି ଗ୍ରାମର ଜମି ମାଲିକ ଏବେ ଚିନ୍ତାରେ। ୱାକଫ୍ ବୋର୍ଡର ବିନା ଅନୁମତିରେ ଗ୍ରାମର କୌଣସି ଜମି ମାଲିକ ନିଜ ସମ୍ପତ୍ତି ବିକ୍ରି କରିପାରୁ ନ ଥିବା ଥିରୁଚେନ୍ଦୁରାଇ ସବ୍-ରେଜିଷ୍ଟ୍ରାର ଅଫିସ୍ ପକ୍ଷରୁ କୁହାଯାଇଛି। ଏହି ଗ୍ରାମର ସମସ୍ତ ଜମିକୁ ୱାକଫ୍ ବୋର୍ଡ କବ୍‌ଜା କରି ନେଇଥିବାବେଳେ ଜମି ମାଲିକମାନେ ନିଜ ସମ୍ପତ୍ତି ବିକ୍ରି କରିବା ପୂର୍ବରୁ ଚେନ୍ନାଇରେ ଥିବା ବୋର୍ଡ କାର୍ଯ୍ୟାଳୟରୁ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ (ଏନ୍‌ଓସି) ଆଣିବା ଆବଶ୍ୟକ ହୋଇପଡ଼ିଛି। ଗ୍ରାମରେ କେହି ମୁସଲମାନ ସମ୍ପ୍ରଦାୟର ଲୋକ ବାସ କରୁ ନ ଥିବାବେଳେ ଜମିର ମାଲିକାନା କୌଣସି ମୁସଲମାନ ବ୍ୟକ୍ତିଙ୍କ ନାମରେ ନ ଥିବା ଜଣାପଡ଼ିଛି। ବିଭିନ୍ନ ଜିଲାରେ ବୋର୍ଡର ଜମି ଥିବା ଦାବି କରି ୱାକଫ୍ ବୋର୍ଡ ପକ୍ଷରୁ ୨୦ ପୃଷ୍ଠା ବିଶିଷ୍ଟ ଚିଠି ତ୍ରିଚିର ୧୨ଟି ରେଜିଷ୍ଟ୍ରେଶନ୍ ଅଫିସ୍‌କୁ ପଠାଯାଇଛି।

### ନିର୍ମାଣାଧୀନ କୋଠାର ଲିଫ୍ଟ ଖସି ୮ ଶ୍ରମିକ ମୃତ

**ଅହମଦାବାଦ, ୧୪।୯**

ଗୁଜରାଟର ଅହମଦାବାଦରେ ବୁଧବାର ଏକ ନିର୍ମାଣାଧୀନ କୋଠାର ଲିଫ୍ଟ ଖସିପଡ଼ିବାରୁ ୮ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ପୂର୍ବାହ୍ନ ପ୍ରାୟ ୧୦ଟାରେ କୋଠାର ୭ମ ମହଲାରେ ଲିଫ୍ଟ କାମ କରିବା ବନ୍ଦ କରିଦେଇଥିଲା। ପରେ ତାହା ତଳକୁ ଖସିପଡ଼ିଥିଲା। ସେଥିରେ ଥିବା ଶ୍ରମିକମାନେ ୭ମ ମହଲାରୁ ଗ୍ରାଉଣ୍ଡରେ ପଡ଼ିଥିଲେ। ଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ହିତେଶ ବାରୋଟ୍ କହିଛନ୍ତି, ଏହା ଏକ ଘରୋଇ କୋଠା। ବିଲ୍ଡିଂ ନିର୍ମାଣର ଯୋଜନା ଏବଂ ଏହାକୁ ମିଳିଥିବା ଅନୁମତିର ଯାଞ୍ଚ କରାଯିବ।



ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ୍ ୨ୟଙ୍କ ମରଶରୀରକୁ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ହଲ୍‌ରେ ରଖାଯିବ। ଏହା ପୂର୍ବରୁ ମର୍ସି ନଦୀର ଲିଭରପୁଲରେ ଜାହାଜଗୁଡ଼ିକର ଫାୟାର କ୍ୟାନନ୍‌ରୁ ଜଳ ସ୍ପ୍ରେ କରାଯାଇ ମହାରାଣୀଙ୍କୁ ସାମୁଦ୍ରିକ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ପୁଞ୍ଛ ଘାଟିରୁ ଖସିଲା ବସ୍: ୧୧ ମୃତ

**ପୁଞ୍ଛ, ୧୪।୯**

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ବୁଧବାର ଏକ ମିନି ବସ୍ ଘାଟିରୁ ଖସିପଡ଼ିଛି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ମହିଳା ରହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି। ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରାଯାଇଛି।

ସକାଳ ପ୍ରାୟ ସାଢ଼େ ୮ଟାରେ ବସ୍‌ଟି ଗଲି ମଇଦାନରୁ ପୁଞ୍ଛ ଅଭିମୁଖେ ଯାଉଥିବାବେଳେ ବ୍ରାରି ନାଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ପ୍ରାୟ ୨୫୦ ଫୁଟ୍ ଉଚ୍ଚରୁ ତଳକୁ ଖସିଥିଲା। ସେଥିରେ ଅନେକ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ରହିଥିଲେ। ସେନା, ପୋଲିସ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଉଦ୍ଧାରକାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ହିଁ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲରେ ଆଉ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



### ୪୭ କୋଟିର ସୁନା, ରୁପା ଜବତ

**ମୁମ୍ବାଇ,୧୪।୯**

ମୁମ୍ବାଇର ଏକ ପ୍ରାଇଭେଟ ଲକର୍‌ରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୯୧.୫ କେଜି ସୁନା ଏବଂ ୧୫୨ କେଜି ଓଜନର ରୁପା ଜବତ କରିଛି। ଜବତ ସୁନା ଓ ରୁପାର ବଜାର ମୂଲ୍ୟ ୪୭ କୋଟି ଟଙ୍କା ରହିଛି। ମନି ଲଣ୍ଡରିଂ ନେଇ ସୁନା ବାର୍ ନିର୍ମାଣକାରୀ କମ୍ପାନୀରେ ଇଡି ଚଢ଼ାଉ କରିଥିବାବେଳେ ବୁଧବାର ଏହାର ପ୍ରାଇଭେଟ ଲକର ସର୍ଚ୍ଚ କରାଯାଇଥିଲା। ଆଉ ଏକ ଲକରରୁ ୧୮୮ କେଜିର ରୂପା ଇଡ଼ିର ହସ୍ତଗତ ହୋଇଛି।

# ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ନିଆଁ

### ବିମାନରେ ଥିଲେ ୧୫୧ ଯାତ୍ରୀ

**ନୂଆଦିଲ୍ଲୀ,୧୪।୯:** ଓମାନର ମସ୍କାଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏୟାର ଇଣ୍ଡିଆର ଏକ ବିମାନରେ ନିଆଁ ଲାଗିଯିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏହାର ଏକ ଇଞ୍ଜିନରୁ ନିଆଁ ବାହାରୁଥିବା ଜଣାପଡ଼ିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାର ତଦନ୍ତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଆରମ୍ଭ କରିଛି।ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୨୦ରେ ଏୟାରପୋର୍ଟରୁ କୋଚି ଅଭିମୁଖେ ବାହାରିଥିବା ଏୟାର ଇଣ୍ଡିଆ ବିମାନ ଏୟାରପୋର୍ଟରେ ପାର୍କିଂ ଅବସ୍ଥାରେ ଥିବାବେଳେ ବୋଇଂ ୭୩୭-୮୦୦ ବିମାନରେ ମୋଟ ୧୪୧ ଯାତ୍ରୀ, ୪ ଶିଶୁ ଓ ୬ କ୍ରୁ ମେମ୍ବର ଥିଲେ। ବିମାନଟି ଟ୍ୟାକ୍ସିୱେରେ ଥିବାବେଳେ ଏଥିରେ ହଠାତ୍ ନିଆଁ ଲାଗିଯାଇଥିଲା।

# ମହାରାଣୀଙ୍କ ଶେଷକୃତ୍ୟରେ ସାମିଲ ହେବେ ରାଷ୍ଟ୍ରପତି ମୁର୍ମୁ

**ନୂଆଦିଲ୍ଲୀ,୧୪।୯**



ସେପ୍ଟେମ୍ବର ୮ରେ ପରଲୋକଗତ ବ୍ରିଟେନ ମହାରାଣୀ ଏଲିଜାବେଥ ୨ୟଙ୍କ ଶେଷକୃତ୍ୟ ଆସନ୍ତା ସୋମବାର (୧୯ରେ) ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟାରେ ସମ୍ପନ୍ନ ହେବ। ଏଥିରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ୫୦୦ ବିଶ୍ୱନେତା ଓ ପ୍ରତିନିଧି ସାମିଲ ହେବେ। ଏଥିଲାଗି ରାଷ୍ଟ୍ରପତି ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଗସ୍ତ କରିବେ। ସେ ଭାରତ ସରକାରଙ୍କ ପକ୍ଷରୁ ରାଜପରିବାରକୁ ସମବେଦନା ଜଣାଇବେ ବୋଲି ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

ୱେଷ୍ଟମିନିଷ୍ଟର ଆବେରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମହାରାଣୀଙ୍କ ଶେଷକୃତ୍ୟ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଏଲିଜାବେଥ ୨ୟଙ୍କ ବଡ଼ପୁଅ କିଙ୍ଗ୍ ଚାର୍ଲ୍ସ ୩ୟ ରବିବାର ରାତିରେ ଲଣ୍ଡନର ବକିଂହାମ ପ୍ୟାଲେସରେ ବିଶ୍ୱନେତାଙ୍କୁ ଭେଟି ସ୍ୱାଗତ କରିବେ। ବ୍ରିଟେନରେ ଏହା ହେବ ବିଗତ ୫୭ ବର୍ଷରେ ପ୍ରଥମ ଷ୍ଟେଟ୍ ଫ୍ୟୁନେରାଲ। ୧୯୬୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ ମୃତ୍ୟୁ ପରେ ଏଭଳି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଷ୍ଟ୍ରପତି ମୁର୍ମୁ ୩ ଦିନିଆ ଲଣ୍ଡନ ଗସ୍ତରେ ଯିବେ। ବକିଂହାମ୍ ପ୍ୟାଲେସର ଲାନ୍‌କାଷ୍ଟର ହାଉସ୍‌ରେ ରାଷ୍ଟ୍ରପତି ଭାରତ ସରକାରଙ୍କ ପକ୍ଷରୁ ଶୋକବାର୍ତ୍ତା ଦେବେ। ଫ୍ୟୁନେରାଲ ସର୍ଭିସ୍ ପରେ ମହାରାଣୀଙ୍କ କଫିନକୁ ୱେଷ୍ଟମିନିଷ୍ଟର ଆବେରୁ ୱିଣ୍ଡସର କ୍ୟାଶେଲସ୍ଥିତ ସେଣ୍ଟ ଜର୍ଜ ଚାପେଲକୁ ଶୋଭାଯାତ୍ରାରେ ନିଆଯିବ। କମନ୍‌ୱେଲ୍‌ଥ ରାଷ୍ଟ୍ର ଓ ବ୍ରିଟେନର ସହଯୋଗୀ ଦେଶର ମୁଖ୍ୟମାନଙ୍କ ସହ ରାଷ୍ଟ୍ରପତି ମୁର୍ମୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ବ୍ରିଟେନ ମିଡିଆ ରିପୋର୍ଟ ଅନୁସାରେ ରୁଷିଆ, ବେଲାରୁଷ ଓ ମ୍ୟାନ୍‌ମାରକୁ ରାଜପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇ ନାହିଁ।

# ବାଧ୍ୟତାମୂଳକ ଶ୍ରମ ଉତ୍ପାଦିତ ଦ୍ରବ୍ୟ ବ୍ୟାନ୍ କରିବ ଇୟୁ

**ବ୍ରସେଲ୍ସ, ୧୪।୯**



ଲୋକଙ୍କୁ ଜବରଦସ୍ତି ଶ୍ରମିକ ସଜାଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଉପରେ କଟକଣା ଲଗାଇବାକୁ ୟୁରୋପିଆନ୍ ୟୁନିୟନ୍(ଇୟୁ) ଯୋଜନା ପ୍ରସ୍ତୁତ କରିଛି। ମହାମାରୀ, ଯୁଦ୍ଧ ପ୍ରଭାବ, ଜଳବାୟୁ ପରିବର୍ତ୍ତନ ଆଦି ଯୋଗୁ ବିଶ୍ୱରେ ବଢୁଥିବା ଆଧୁନିକ ଦାସତ୍ୱ ବା ମର୍ଡନ ସ୍ଲେଭେରି ହ୍ରାସ କରିବାକୁ ଏହି ପଦକ୍ଷେପ ଜରୁରୀ ବୋଲି ଇୟୁ କହିଛି। ଗତବର୍ଷ ବିଶ୍ୱର ୨ କୋଟି ୭୦ ଲକ୍ଷ ଲୋକଙ୍କୁ ଦାସତ୍ୱ ଗ୍ରହଣ କରିବାକୁ ବାଧ୍ୟ କରାଯାଇଛି। ସେମାନଙ୍କୁ ଇଚ୍ଛା ବିରୋଧରେ ତଥା ଅତ୍ୟାଚାର ବଳରେ ଶ୍ରମିକ ସଜାଯାଇଥିବା ଜାତିସଂଘର ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) କହିଛି। ଶିଞ୍ଜିଆଙ୍ଗ୍ ପ୍ରଦେଶରେ ବସବାସ କରୁଥିବା ସଂଖ୍ୟାଲଘୁ ଉଇଗର ମୁସଲମାନଙ୍କ ଉପରେ ଚାଇନାର ଅତ୍ୟାଚାର ଓ ସେମାନଙ୍କୁ ଜୋରଜବରଦସ୍ତି ଶ୍ରମିକ ସଜାଉଥିବା ସାରା ବିଶ୍ୱ ଜାଣିଛି। ତେଣୁ ଇୟୁର ଏପରି ପଦକ୍ଷେପ ଯୋଗୁ ଚାଇନା ଉପରେ ଚାପ ପଡ଼ିବ ବୋଲି କୁହାଯାଉଛି। ହେଲେ ୟୁରୋପୀୟ ସଂଘ ନିର୍ଦ୍ଦିଷ୍ଟ ଭାବେ କୌଣସି ଦେଶର ନାଁ ଦର୍ଶାଇନାହିଁ।

ଇୟୁ ଏହି ନିୟମ ଆଣିବା ନିମନ୍ତେ ୟୁରୋପିଆନ୍ କମିଶନ ପ୍ରସ୍ତାବ ଦେଇଛି। ୨୭ ରାଷ୍ଟ୍ର ସଦସ୍ୟ ଥିବା ଏହି ବ୍ଲକ୍‌ର ମାର୍କେଟରୁ ବାଧ୍ୟ ଶ୍ରମ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ ହଟାଯିବ ବୋଲି ୟୁରୋପୀୟ କମିଶନ କହିଛି। ଏହାଦ୍ୱାରା ବିଶ୍ୱର ସବୁଠୁ ବଡ଼ ବଜାର ବାଣିଜ୍ୟିକ ବ୍ଲକ୍‌ରେ ବାଧ୍ୟତାମୂଳକ ଶ୍ରମ ଦ୍ୱାରା ପ୍ରଡକ୍ଟ ଉତ୍ପାଦନ କିମ୍ବା ଏହି ମାର୍କେଟ ଦେଇ ଏହାର ପରିବହନକୁ ରୋକାଯାଇପାରିବ। ଏଥିରେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ, ଶିଳ୍ପ କିମ୍ବା ଦେଶକୁ ଟାର୍ଗେଟ କରାଯାଇନାହିଁ ବୋଲି କୁହାଯାଇଛି। ଇୟୁ ବଜାରରୁ ଏଭଳି ଭାବେ ପ୍ରସ୍ତୁତ ଉତ୍ପାଦକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିବା ଏହାର ଉଦ୍ଦେଶ୍ୟ ବୋଲି କମିଶନର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଭାଲ୍‌ଡିସ୍ ଡୋମ୍ବ୍ରୋଭ୍‌ସ୍କିସ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୫୦,୬୪,୯୮୦ | ୬୫,୨୧,୨୨୫ | ୫୯,୪୧,୭୪,୦୦୫ |
| ଭାରତ | ୪,୪୫,୧୦,୦୫୭ | ୫,୨୮,୨୧୬ | ୪,୩୯,୩୬,୦୯୨ |
| ଓଡ଼ିଶା | ୧୩,୩୦,୮୫୩ | ୯୧୮୫(+୫୩) | ୧୩,୧୯,୯୪୧ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କୃଷି ବିଭାଗର ୩୦ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲା ଦାୟିତ୍ୱ

- ନୋଡ଼ାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ
- ପ୍ରତି ମାସରେ ଜିଲା ଗସ୍ତ କରି ରିପୋର୍ଟ ଦେବେ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ରାଜ୍ୟରେ କୃଷି କ୍ଷେତ୍ରର ଉନ୍ନତି ସହ ସହ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ କୃଷି ବିଭାଗ ପକ୍ଷରୁ ୩୦ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲାର ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଏମାନେ ପ୍ରତିମାସରେ ଜିଲା ଗସ୍ତ କରି ଜିଲାରେ ଚାଷର ସ୍ଥିତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ। ପରେ ବିଭାଗୀୟ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ବରିଷ୍ଠ ଅଧିକାରୀଙ୍କୁ ଜିଲାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ଜିଲାଗସ୍ତ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ବିଭିନ୍ନ କୃଷି ସାମଗ୍ରୀ ଯୋଗାଣର ସ୍ଥିତି, ଫସଲ ଋଣ ଯୋଗାଣ, ଓଡ଼ିଶା ମିଲେଟ ମିଶନ, କ୍ଷେତପୋଖରୀ ଖନନ ଭଳି ବିଭିନ୍ନ କାର୍ଯ୍ୟର ଧାର୍ଯ୍ୟ ଲକ୍ଷ୍ୟ ଓ ଏହାର ସଫଳତା ନେଇ ସମୀକ୍ଷା କରିବେ। ବିଭିନ୍ନ ପ୍ରକାର ଫଳ, ପନିପରିବା ଚାଷ ସମେତ ଆଳୁ, ମସଲାଚାଷ, ବ୍ଲକସ୍ତରୀୟ ନର୍ସରୀ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ ଆଦି ସମ୍ପର୍କରେ ସବିଶେଷ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ସହିତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପ୍ରସ୍ତାବ ଦେବା ପାଇଁ କୁହାଯାଇଛି।

### ବିଜେବି କଲେଜରେ ୨ ସେଲ୍ଫ ଫାଇନାନ୍ସିଂ କୋର୍ସ ଫି’, ସିଟ୍ ବଢ଼ିଲା

**ଭୁବନେଶ୍ୱର, ୧୪।୯(ବ୍ୟୁରୋ):** ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିପିପି ମୋଡ୍‌ରେ ଚାଲୁଥିବା ବିଆଇଟିଏମ୍ ଓ ଏମ୍‌ଏଫ୍‌ସି ସେଲ୍ଫ ଫାଇନାନ୍ସିଂ କୋର୍ସର ଫି’ ସହିତ ସିଟ୍ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଏ ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜେବି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ପ୍ରତିଭା ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ବିଜେବି କଲେଜରେ ଏହି ପାଠ୍ୟକ୍ରମ ଖୋଲାଯାଇଛି। ତେବେ ୨୦୨୨-୨୩ ଶିକ୍ଷାବର୍ଷରୁ ସିଟ୍ ବୃଦ୍ଧି ସହ ଫି’ ବୃଦ୍ଧି କରାଯାଇଛି। ବିଆଇଟିଏମ୍ ପାଠ୍ୟକ୍ରମ ପାଇଁ ପୂର୍ବରୁ କୋର୍ସ ଫି’ ୨୫ ହଜାର ଟଙ୍କା ରହିଥିବାବେଳେ ଏବେ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏହାର ସିଟ୍ ସଂଖ୍ୟା ୬୦ରୁ ୯୬କୁ ବୃଦ୍ଧି ହୋଇଛି। ଏମ୍‌ଏଫ୍‌ସି ପାଠ୍ୟକ୍ରମ ପାଇଁ କୋର୍ସ ଫି ପୂର୍ବରୁ ୨୫ହଜାର ଥିବାବେଳେ ଏବେ ତାହା ୫୦ ହଜାର ହୋଇଛି। ଏଥି ସହ ସିଟ୍ ସଂଖ୍ୟା ୭୨ରୁ ୯୬କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ନିକଟରେ ବିଜେବି କଲେଜରେ ୫ଟି ସେଲ୍ଫ ଫାଇନାନ୍ସିଂ କୋର୍ସରେ ସିଟ୍ ସଂଖ୍ୟା ସହ କୋର୍ସ ଫି’ ମଧ ବୃଦ୍ଧି କରିଥିଲା ଉଚ୍ଚଶିକ୍ଷା ବିଭାଗ।



ସିପିଆଇର ନବନିର୍ବାଚିତ ରାଜ୍ୟ ସମ୍ପାଦକ ଅଭୟ ସାହୁ ବୁଧବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ତାଙ୍କ ସହ ଅଛନ୍ତି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କ୍ଷୀରୋଦ ସିଂଦେଓ ଏବଂ ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ।

## ଲୋଭରେ ବୁଡ଼ିଲା ୧୦ଲକ୍ଷ: ଯୁବକଙ୍କ ଆତ୍ମହତ୍ୟା

- ଶେୟାର ମାର୍କେଟ୍ ଦଲାଲ ଠକିନେଲେ
- ଧାର ଉଧାର କରି ଟଙ୍କା ଖଟାଇଥିଲେ

**ବଲାଙ୍ଗୀର ଅଫିସ, ୧୪।୯**

ଶେୟାର ମାର୍କେଟରେ କମ୍‌ଦିନରେ ଟଙ୍କା ଦ୍ୱିଗୁଣିତ ହେବା ଆଶାରେ ଧାର ଉଧାର କରି ୧୦ ଲକ୍ଷ ଟଙ୍କା ଖଟାଇଥିବା ଜଣେ ବ୍ୟକ୍ତି ସର୍ବସ୍ୱାନ୍ତ ହେବା ପରେ ବିଷପିଇ ଜୀବନ ହାରିଛନ୍ତି। ଏଭଳି ଏକ ଅଘଟଣ ଘଟିଛି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଗନ୍ଧର୍ଲା ଗ୍ରାମରେ। ମୃତକ ହେଲେ ବିନୋଦ କୁମାର ଯାଦବ(୫୦)। ଶେୟାର ମାର୍କେଟର ଜଣେ ଦଲାଲଙ୍କ ହାବୁଡ଼ରେ ପଡ଼ିବା ପରେ ବିନୋଦଙ୍କ ଏଭଳି ଦୁର୍ଦ୍ଦଶା ହୋଇଛି।

ଶେୟାର ମାର୍କେଟରେ ଟଙ୍କା ବୁଡ଼ିଯିବା କଥା ଜାଣିବା ପରେ କିଛିଦିନ ହେଲା ବିନୋଦ କୁମାର ମାନସିକ ଅବସାଦରେ ଥିଲେ। ମଙ୍ଗଳବାର ସେ ବିଷ ପିଇ ଦେଇଥିବା ପରିବାର ଲୋକେ ଜାଣିବା ପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ



ମୃତ ବିନୋଦ କୁମାର ଯାଦବ।

ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ବିନୋଦଙ୍କ ସ୍ତ୍ରୀଙ୍କ ଅଭିଯୋଗ ହେଲା ଯେ, ଦିଲ୍ଲୀର ଜଣେ ଶେୟାର ମାର୍କେଟ ଦଲାଲ ଓମ୍‌ପ୍ରକାଶ ଶେୟାର ମାର୍କେଟରେ ଟଙ୍କା ଡବଲ ହେବା ଲୋଭ ଦେଖାଇ ବିନୋଦଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଠକି ନେଇଥିଲେ। ବିନୋଦ ନିଜର ସମ୍ପତ୍ତି ବିକ୍ରି କରି ଏବଂ ବିଭିନ୍ନ ଲୋକଙ୍କଠାରୁ ଧାର ଉଧାର କରି ଶେୟାର ମାର୍କେଟ ଦଲାଲ ଓମ୍‌ପ୍ରକାଶଙ୍କୁ ଟଙ୍କା ଦେଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଏସ୍‌ଏଚ୍‌ଜି ଏବଂ ଅନ୍ୟମାନଙ୍କଠାରୁ ୩ ଲକ୍ଷ ଟଙ୍କା ଯୋଗାଡ଼ କରି ଦେଇଥିଲେ। ବହୁ ଦିନ ଧରି ଟଙ୍କା ନ ମିଳିବାରୁ ଓମ୍‌ପ୍ରକାଶଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ବୁଝିଥିଲେ। ଏହାପରେ ଓମ୍‌ପ୍ରକାଶ ଦେଢ଼ ଲକ୍ଷ ଟଙ୍କାର ଏକ ଚେକ୍ ବିନୋଦଙ୍କୁ ଦେଇ ସ୍ଥାନୀୟ ବ୍ୟାଙ୍କରେ ଡିପୋଜିଟ କଲେ ଟଙ୍କା ପାଇବେ ଏବଂ ଏଭଳି ଚେକ୍ ମାଧ୍ୟମରେ ନିରନ୍ତର ବ୍ୟବଧାନରେ ଦୁଇଗୁଣା ଟଙ୍କା ଫେରି ପାଇବେ ବୋଲି କହିଥିଲେ। ବିନୋଦ ଉକ୍ତ ଚେକ୍‌କୁ ନେଇ ସ୍ଥାନୀୟ ଏକ ବ୍ୟାଙ୍କରେ ଡିପୋଜିଟ କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ଏହାପରେ ଓମ୍‌ପ୍ରକାଶଙ୍କ ସହ ଆଉ କୌଣସି ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏଥିରୁ ବିନୋଦ ଠକାମିରେ ପଡିଥିବା ଜାଣିପାରିଥିଲେ। ଏପଟେ ଧାରଉଧାର ଦେଇଥିବା ଲୋକେ ଟଙ୍କା ଫେରସ୍ତ କରିବାକୁ ବିନୋଦଙ୍କୁ ବାରମ୍ବାର କହିଥିଲେ। ଏହି ଚାପରେ ମାନସିକ ବିଷାଦଗ୍ରସ୍ତ ହୋଇ ଶେଷରେ ବିନୋଦ ବିଷ ପିଇ ଦେଇଥିବା ଜଣାପଡିଛି। ବିନୋଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ଦିଆଯାଇଥିଲା। ଘଟଣା ସମ୍ପର୍କରେ ସିନ୍ଧେକେଲା ଥାନାଧିକାରୀ ଆଲୋକ ବେହେରାଙ୍କୁ ପଚାରିବାରୁ ଟଙ୍କା ଠକେଇ ନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

### ଯୁକ୍ତ୨: ଆଜି ସ୍ୱଟ୍ ମେଧା ତାଲିକା

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ରେ ନାମଲେଖା ଲାଗି ଗୁରୁବାର ଅପରାହ୍ନ ୨ଟାରେ ସ୍ୱଟ୍ ମେଧା ତାଲିକା ପ୍ରକାଶ ପାଇବ। ଏହି ତାଲିକାରେ ବଳକା ସିଟ୍‌ର ୧୦ଗୁଣ ରହିବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୫ ତାରିଖ ମଧ୍ୟାହ୍ନ ୩ଟାରୁ ୧୬ତାରିଖ ଅପରାହ୍ନ ୫ଟା ମଧ୍ୟରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ନାମ ପଞ୍ଜୀକରଣ କରିବେ। ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ୱଟ୍ ନାମଲେଖା ପାଇଁ ଚୂଡ଼ାନ୍ତ ମେଧା ତାଲିକା ଉକ୍ତ ସ୍କୁଲରେ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୭ ତାରିଖ ଅପରାହ୍ନ ୧୨ଟାରୁ ୨୦ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ।

## ଅଢ଼େଇ ଘଣ୍ଟା ଧରି ଉଭୟଙ୍କୁ କାଉନ୍‌ସେଲିଂ

- ପରିବାର ଅଦାଲତରେ ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା
- ବୁଝାମଣା ପାଇଁ ବାଟ ଫିଟୁଛି

**କଟକ ଅଫିସ,୧୪।୯**

ଅଭିନେତା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ସୃଷ୍ଟ ପାରିବାରିକ ବିବାଦରେ ଆପୋସ ବୁଝାମଣାର ବାଟ ଫିଟୁଛି। ଉଭୟେ ବୁଧବାର କଟକ ପରିବାର ଅଦାଲତରେ ହାଜର ହେବା ପରେ କୋର୍ଟ ଆପୋସ ବୁଝାମଣା ପାଇଁ ଉଭୟଙ୍କୁ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି କାଉନ୍‌ସେଲିଂ କରିଛନ୍ତି। ଏହି କାଉନ୍‌ସେଲିଂ କିଛିମାତ୍ରାରେ ସଫଳ ହୋଇଥିବା ଅଦାଲତ ଅନୁଭବ କରିବାପରେ ଆଉଥରେ କାଉନ୍‌ସେଲିଂ ପାଇଁ ମାମଲାକୁ ଆସନ୍ତା ୨୭କୁ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ବର୍ଷାଙ୍କ ପକ୍ଷରୁ ଅଦାଲତରେ ଏକ ସତ୍ୟପାଠ ଦାଖଲ କରାଯାଇ ବିଚାର ପ୍ରକ୍ରିୟାରେ ସହଯୋଗ କରିବାକୁ ଉଲ୍ଲେଖ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏମ୍‌ପି ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଚାଲିଥିବା ଛାଡ଼ପତ୍ର ମାମଲାରେ ଅଭିନେତ୍ରୀ ବର୍ଷା କୋର୍ଟ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ଓ ଏମ୍‌ପି ଅନୁଭବ ବିବାହ ସ୍ଥାନ ସମ୍ପର୍କିତ ଭୁଲ୍ ତଥ୍ୟ ଦେଇଥିବା କାରଣରୁ ଅଦାଲତ ଉଭୟଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଗତ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଭବ ଓ ବର୍ଷା ଅଦାଲତରେ ବୁଧବାର ପହଞ୍ଚିବା ପରେ ଜରିମାନା ଅର୍ଥ ନାଜରଖାନାରେ ଦାଖଲ କରି ପ୍ରମାଣସ୍ୱରୂପ ତାର ରସିଦ୍ ଅଦାଲତଙ୍କ ନିକଟରେ ଦେଖାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପରିବାର ଅଦାଲତ ଉଭୟଙ୍କ ମଧ୍ୟରେ ସୃଷ୍ଟ ବିବାଦକୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ



ଏବଂ ଆପୋସ ବୁଝାମଣାରେ ଅନ୍ତ ଘଟାଇବାକୁ ଚେଷ୍ଟା କରିଥିଲେ। ସେଥିପାଇଁ ସେମାନଙ୍କୁ ବିଚାରପତି ନିଜ ଚ୍ୟାମ୍ବରରେ ଅପରାହ୍ନ ପ୍ରାୟ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଉଭୟଙ୍କୁ କାଉନ୍‌ସେଲିଂ କରିଥିଲେ। ଏହା ଏକ ପ୍ରକାର ସଫଳ ହୋଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ, ଏମ୍‌ପି ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଦାଏର ହୋଇଥିବା ମାମଲାର ବାରମ୍ବାର ତାରିଖ ସତ୍ତ୍ୱେ ଶୁଣାଣି ବେଳେ ସାକ୍ଷ୍ୟ ପ୍ରଦାନ ପାଇଁ ବର୍ଷା ଅନୁପସ୍ଥିତ ରହୁଥିଲେ। ତେଣୁ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ନ କରି ଶୁଣାଣି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଗତ ଶୁକ୍ରବାର ପରିବାର ଅଦାଲତରେ ବର୍ଷାଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ନିମନ୍ତେ କରାଯାଇଥିବା ଆବେଦନକୁ ଅଦାଲତ ଗ୍ରହଣ କରିବା ସହ ଅନୁଭବଙ୍କ ପିଟିଶନ୍‌ରେ ବିବାହ ସ୍ଥାନ ଦିଲ୍ଲୀ ବଦଳରେ ଭୁବନେଶ୍ୱର ସଂଶୋଧନ ନିମନ୍ତେ କରିଥିବା ଆବେଦନକୁ ଅଦାଲତ ଗ୍ରହଣ କରିଥିଲେ।

## ନକଲି ଔଷଧ ରୋକିବାକୁ ସବୁ ଜିଲାରେ ଚଢ଼ାଉ ହେବ: ମନ୍ତ୍ରୀ

**ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ସେବା ଉଦ୍‌ଘାଟିତ**



ସିଟି ସ୍କାନ ମେଶିନକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର, (ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ, ୧୪।୯**

ନକଲି ଔଷଧ କାରବାର ରୋକିବାକୁ ରାଜ୍ୟରେ ଚଢ଼ାଉ କରାଯାଉଛି। ଆଗକୁ ସବୁ ଜିଲାରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯିବ। ଯଦି କେହି ଭୁଲ୍ କରିଥିବେ ତାଙ୍କୁ ଦଣ୍ଡ ଦିଆଯିବ। କାହାକୁ ଛଡ଼ାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ କଦାପି ଏହାକୁ ସହ୍ୟ କରିପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ସିଟି ସ୍କାନ୍ ସେବାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରୁ କିପରି ଲୋକେ ଉତ୍ତମ ଚିକିତ୍ସା ସେବା ପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଇଛି। ଏଥିସହ ଝାରସୁଗୁଡା ଜିଲାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ତେବେ ଏହି ସିଟି ସ୍କାନ୍ ସେବା ପବ୍ଲିକ ପ୍ରାଇଭେଟ ପାର୍ଟନରସିପ୍(ପିପିପି) ମାଧ୍ୟମରେ ଆଡ୍ ଆନେକ୍ସ ହେଲ୍‌ଥ କେୟାର ପ୍ରା. ଲି. ଦ୍ୱାରା ପରିଚାଳିତ ହେବ। ଏଥିରେ ସମସ୍ତ ପ୍ରକାର ସିଟି ସ୍କାନ୍ ନିଦାନ କାର୍ଯ୍ୟକ୍ରମ ଅଧୀନରେ ମାଗଣାରେ ଉପଲବ୍ଧ ହେବ। ରାଜ୍ୟ ସରକାରଙ୍କ ସହ ଅନୁବନ୍ଧିତ ଓଡିଶା ରାଜ୍ୟ ଔଷଧ ଯୋଗାଣ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ୧୮ ଜିଲା ମଧ୍ୟରୁ ଝାରସୁଗୁଡାରେ ପ୍ରଥମେ ଏହି ସେବା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡୋଲାମଣି ପଟେଲ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ଆଡ୍ ଆନେକ୍ସ ହେଲ୍‌ଥ କେୟାର ପ୍ରା.ଲି.ର ପ୍ରତିନିଧି ପୟୋଧର ଦାସଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଜିଲାରେ ଅଣସଂକ୍ରାମକ ରୋଗ ଚିକିତ୍ସାକୁ ତ୍ୱରାନ୍ୱିତ କରିବା ପାଇଁ ନବନିଯୁକ୍ତ ୩୨ଜଣ ସିଏଚ୍‌ଓଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଭୁବନେଶ୍ୱର, କଟକ, ରାଉରକେଲା ଆଦି କେତେକ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଚଢ଼ାଉ କରିବା ପରେ ନକଲି ଔଷଧ କାରବାର ଘଟଣା ପଦାକୁ ଆସିଥିଲା। ଏଥିରେ ସମ୍ପୃକ୍ତ କଟକର ଦୁଇଜଣ ହୋଲ୍‌ସେଲରଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ କିଏ ସାମିଲ ଅଛନ୍ତି, ସେ ଦିଗରେ ମଧ ତଦନ୍ତ ଜାରି ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପିଜି ନାମଲେଖା: ଆଜି ପ୍ରକାଶ ପାଇବ ସିଟ୍ ଆବଣ୍ଟନ ତାଲିକା

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ଗୁରୁବାର ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରଙ୍କର ୧୬ ଓ ୧୭ ତାରିଖରେ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆବଣ୍ଟନ ତାଲିକା ୨୩ ତାରିଖ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୪ ଓ ୨୫ ତାରିଖ ସନ୍ଧ୍ୟା ୫ଟା ଭିତରେ ହେବ। ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ୨୯ ତାରିଖରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ ତାରିଖ ଅପରାହ୍ନ ୪ଟାରେ ସ୍ୱଟ ନାମଲେଖା ଲାଗି ମେଧା ତାଲିକା ପ୍ରକାଶ ପାଇବ। ୧୧ ଓ ୧୨ତାରିଖରେ ଛାତ୍ରୀଛାତ୍ରମାନେ ମନୋନୀତ ହୋଇଥିବା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରିବେ। ୧୪ ତାରିଖ ଅପରାହ୍ନ ୧୨ଟାରେ ସ୍ୱଟ୍ ନାମଲେଖା ଲାଗି ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ୧୫ ଓ ୧୭ ତାରିଖରେ ସ୍ୱଟ୍ ନାମଲେଖା ହେବ। ସୂଚନାଯୋଗ୍ୟ, ପିଜି ନାମଲେଖା ଲାଗି ରାଜ୍ୟରେ ଗତ ଅଗଷ୍ଟ ୧ରୁ ୧୩ ତାରିଖ ମଧ୍ୟରେ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।




## ୧୦ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

**ଇନ୍ଦ୍ରାବତୀ ଜଳଭଣ୍ଡାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଅପହଞ୍ଚ**

**ଭବାନୀପାଟଣା,୧୪।୯(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ସ୍ୱାସ୍ଥ୍ୟସେବା ଅପହଞ୍ଚ। ଏହି ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଭିତରେ ଥିବା ପୋଡାପଦର ପଞ୍ଚାୟତ ଉପରପୁଙ୍ଗା ଗ୍ରାମରେ ବୁଧବାର ଏକ ଅଭାବନୀୟ ଦୃଶ୍ୟ ସାମାନାକୁ ଆସିଛି। ଏଠାକାର ଜଣେ ମହିଳାଙ୍କୁ ପ୍ରସବ ଯନ୍ତ୍ରଣା ହେବାରୁ ଖଟିଆରେ ବୋହି ଡ଼ାକ୍ତରଖାନା ନେଉଥିବା ସମୟରେ ବାଟରେ ପ୍ରସବ ହୋଇଛି। ମହିଳା ଜଣକ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ କିପରି ଡାକ୍ତରଖାନାକୁ ନିଆଯିବ ସେ ନେଇ ଚିନ୍ତାରେ ପରିବାର ଲୋକେ ରହିଥିଲେ। ଅମ୍ବୁଲାନ୍ସକୁ ଫୋନ କରିବା ପାଇଁ ମୋବାଇଲ ନେଟଓ୍ୱାର୍କ ମଧ୍ୟ ଏହି ଜଳବନ୍ଦୀ ଅଞ୍ଚଳକୁ ଅପହଞ୍ଚ। ଏପରିସ୍ଥଳେ ଏହି ପଞ୍ଚାୟତ ସମିତି ସଭ୍ୟ ଅକ୍ଷୟ କୁମାର ହରିଜନ ମହିଳାଙ୍କ ଅବସ୍ଥା ଗୁରୁତର ଦେଖି ମୋବାଇଲ ନେଟଓ୍ୱାର୍କ ପଏଣ୍ଟକୁ ଯାଇ ବୋଟ ଅମ୍ବୁଲାନ୍ସକୁ



ଖଟିଆରେ ବୋହି ଗର୍ଭବତୀଙ୍କୁ ନିଆଯାଉଛି।

ଯୋଗାଯୋଗ କରିଥିଲେ। ହେଲେ ବୋଟ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଯିବାକୁ ହେଲେ ୮ କି.ମି. ପଡିଥାଏ। ତେଣୁ ଏକ ଖଟିଆରେ ପରିବାର ଲୋକଙ୍କ ସହଯୋଗରେ ନିଜେ ସମିତି ସଭ୍ୟ ଗର୍ଭବତୀଙ୍କୁ କାନ୍ଧରେ ବୋହି ଦୁର୍ଗମ ପାହାଡିଆ ଘଞ୍ଚ ରାସ୍ତାରେ ପ୍ରାୟ ୮ କି.ମି.ସ୍ଥିତ ତଳଟେମରା ଡଙ୍ଗା ଘାଟ ଅଭିମୁଖେ ବାହାରିଥିଲେ। ତେବେ ଏହାରି ଭିତରେ ବାଟରେ ମହିଳାଙ୍କ ପ୍ରସବ ହୋଇଥିଲା। ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ହେବା ପରେ ମହିଳା ଜଣକ ଅଧିକ ଗୁରୁତର ହୋଇ ଚେତାଶୂନ୍ୟ ହୋଇପଡିଥିଲେ। କିଛି ସମୟ ପରେ ମହିଳା ଜଣକ ଚେତା ଫେରିପାଇବା ଦେଖି ତାଙ୍କୁ ତଳଟେମରା ଡଙ୍ଗାଘାଟକୁ ନେଇ ଆସିଥିଲେ। ପୂର୍ବରୁ ସୂଚନା ପାଇ ବୋଟ ଅମ୍ବୁଲାନ୍ସ ଅପେକ୍ଷା କରିଥିଲା। ତୁରନ୍ତ ଅମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ଜଳଭଣ୍ଡାରର ପୋଡାଗଡ ଡ୍ୟାମ ନିକଟକୁ ଆଣିଥିଲେ। ସେଠାରୁ ୧୦୮ ଅମ୍ବୁଲାନ୍ସ ଯୋଗେ ଗୁରୁତର ମହିଳାଙ୍କୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରସୂତୀ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଦେଖି ଡାକ୍ତର ତାଙ୍କୁ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।

**ଆଜିର ମନ୍ତବ୍ୟ**

ଭାଜପା ହେଉଛି ଗଣତନ୍ତ୍ରର ସିରିଆଲ କିଲର। ପଞ୍ଜାବରେ ଭଗୱନ୍ତ ମାନ୍ ସରକାରକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏହି ଦଳ ବିରୋଧରେ ସିବିଆଇ କାର୍ଯ୍ୟାନୁଷ୍ଠାନ ନେଉନି କାହିଁକି? **-ଆତିଶି, ଏଏପି ମୁଖପାତ୍ର**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


Sahinta
Family members

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତା ଖଡିକା ଦେ ଚିଆଁ**
**ଏଥିପାଇଁ ହାଟ ବସିଛି କିଆଁ ?**

ଦୁଷ୍ଟ ବା ଖଳ ପ୍ରକୃତିର ବ୍ୟକ୍ତି ସହଜରେ ସିଧା ବାଟକୁ ଆସି ନ ଥାନ୍ତି। ଭୁଲ ରାସ୍ତାରୁ ଠିକ୍ ବାଟକୁ ଆଣିବା ପାଇଁ ତାଙ୍କ ପକ୍ଷେ ଶାରୀରିକ ଦଣ୍ଡ ଏକାନ୍ତ କାମ୍ୟ ବା ଅମୋଘ ଅସ୍ତ୍ର ହୋଇଥାଏ। ଆଗକାଳରେ ଦୋଷୀ ମୁହଁରୁ ସତ କଥା ଜାଣିବା ପାଇଁ ଲୁହାଖଡ଼ିକାକୁ ନିଆଁରେ ତତାଇ ଦୋଷୀ ବ୍ୟକ୍ତିଙ୍କୁ ଚିଆଁ ବା ଚେଙ୍କ ଦିଆଯାଉଥିଲା। ଫଳ ସ୍ୱରୂପ ଦୋଷୀ ନିଜ ଦୋଷ ସ୍ୱୀକାର କରିନେବା ସହ ପୁନରାୟ ସେଭଳି ଭୁଲ କରିବାକୁ ସାହସ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲ ପୋଡ଼ିଗଲେ ଘି**
**ଘିଅ ପୋଡ଼ିଗଲେ ଛି।**

ସାଧାରଣତଃ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ତେଲକୁ ଅଧିକ ତାପମାତ୍ରାରେ ବ୍ୟବହାର କରାଯାଇଥାଏ। ପେଟ ପାଇଁ ଖରାପ ହୋଇଥିଲେ ମଧ୍ୟ ପାଟିକୁ କିନ୍ତୁ ସୁଆଦିଆ ଲାଗିଥାଏ। ସେହିପରି ଘିଅ ବେଶୀ ମାତ୍ରାରେ ପୋଡିଗଲେ ଆଦୌ ଖାଇ ହୋଇ ନଥାଏ। ପାଟିକୁ ଏହା ପିତୁଳିଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ୧୮ରେ ଘୂର୍ଣ୍ଣିବଳୟ, ୨୦ରେ ଲଘୁଚାପ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ଆସନ୍ତା ୧୮ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୦ରୁ ୨୩ ତାରିଖ ଯାଏ ଦକ୍ଷିଣ ଏବଂ ଉପକୂଳ ଓଡିଶାରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ବାଲେଶ୍ୱର ଜିଲାରେ ଘଡଘଡି ସହ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ମୌସୁମୀ ଦୁର୍ବଳ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ସର୍ବାଧିକ ୩୬.୪ ମିଲିମିଟର ହୋଇଥିବା ବେଳେ ପାରାଦୀପରେ ୩୧.୪ ଏବଂ ଯାଜପୁରରେ ୧୮ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# 'ଚାଷୀଙ୍କ ଆୟ ଦ୍ୱିଗୁଣ କରାଯିବ'

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ରାଜ୍ୟରେ କୃଷିର ବିକାଶ ଏବଂ କୃଷକଙ୍କ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-ଟି ଆଧାରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି କୃଷିର ବିକାଶ ଓ ଚାଷୀଙ୍କ ଆୟ ଦ୍ୱିଗୁଣିତ କରାଇବା ନିମନ୍ତେ ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି।

କୃଷି ଭବନଠାରେ ବୁଧବାର ଆୟୋଜିତ ୫-ଟି ଟାସ୍କ ଟିମ୍‌ର ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଅରବିନ୍ଦ ୫-ଟି ଅନ୍ତର୍ଗତ ୨୩ଟି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲର ବିବିଧକରଣ କରାଯାଇ ଅଧିକରୁ ଅଧିକ ଡାଲି, ତୈଳବୀଜ, କପା, ଲଘୁଶସ୍ୟ, ଫଳ ଓ ପନିପରିବା ଚାଷକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନାରେ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ଫାର୍ମ ପଣ୍ଡ ଖନନର ଅଗ୍ରଗତି ସମ୍ପର୍କରେ ବିଶଦ ଭାବେ ସମୀକ୍ଷା କରି ଏଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ କହିଛନ୍ତି। ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ମିଲେଟ୍ ଜାତୀୟ ଫସଲର ଉତ୍ପାଦକତା ବୃଦ୍ଧି କରିବା ଓ ଏହାକୁ ଅଧିକ ବ୍ୟାପକ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାରେ କୃଷିର ବିକାଶ ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ଏହାକୁ ସ୍ୱତନ୍ତ୍ର ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ପ୍ରୋତ୍ସାହନ ଦେବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। କୃଷି କାର୍ଯ୍ୟରେ ଅଧିକରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭାଗୀଦାରିତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିବାରର ସହମତି ଓ ସହଯୋଗ ଆପଣଙ୍କ କାମ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପାଖକୁ ଆସିପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିପାରିବେ ନାହିଁ।

**ବୃଷ**
ବନ୍ଧୁଙ୍କ ପରାମର୍ଶକ୍ରମେ ପ୍ରତିଯୋଗିତାରେ ସଫଳତା ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଉପସ୍ଥିତ ବୁଦ୍ଧିରେ କାର୍ଯ୍ୟ ସାଧନ କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ପ୍ରଶଂସିତ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା କାରଣରୁ ସାମୟିକ ମନୋବଳ କାମକୁ ତ୍ୱରାନ୍ୱିତ କରିବ।

**କର୍କଟ**
ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ। ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ପୂର୍ବକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ**
ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**କନ୍ୟା**
କେତେକ ଅନିଚ୍ଛାକୃତ କାରଣବଶତଃ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ପାରିବାରିକ ଆବଶ୍ୟକତା ପୂରଣ ଲାଗି ଧାର ସୂତ୍ରରେ ଅର୍ଥ ଆଣିବେ।

**ତୁଳା**
ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟା ଆଣିପାରନ୍ତି। ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମ ଦେବ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା**
ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରାଜନୈତିକସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଧାଁ ଦଉଡ଼ କରିବାକୁ ପଡ଼ିପାରେ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ଲାଭକରି ଖୁସି ରହିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରି ଚିନ୍ତାଗ୍ରସ୍ତ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ସାମୟିକ ବ୍ୟସ୍ତତାର କାରଣ ହୋଇପାରେ।

**ମକର**
ପରିବାରରେ ଭୁଲ୍ ବୁଝାମଣା ହେତୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ସାମାଜିକସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ**
ଅଯଥା ସନ୍ଦେହଜନିତ କାରଣରୁ ଘରୋଇ କଳହ ବଢ଼ି ମନ ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡ଼ିକ ଠିକ୍‌ଭାବେ କାର୍ଯ୍ୟକାରୀ ହେବ ନାହିଁ। ବିଭିନ୍ନ ଅସୁବିଧାରେ ବୁଡ଼ିରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିବେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ।

**ମୀନ**
ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ। ସାମାଜିକସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ପୁଞ୍ଜିନିବେଶ ...

ଓଡ଼ିଶା କନ୍‌କ୍ଲେଭ୍-୨୦୨୨ରେ ଯୋଗଦେବାକୁ ସେ ଆମନ୍ତ୍ରଣ କରିଛନ୍ତି। ଏଥିରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜ୍ୟରେ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ଅତି କୁଶଳୀ ଶ୍ରମିକ ସୃଷ୍ଟି ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟରେ ୨୦୦ ଇଞ୍ଜିନିୟରିଂ କଲେଜ ଏବଂ ୧୦୦୦ ଆଇଟିଆଇ କଲେଜ ଜରିଆରେ ଦେଶର ସବୁଠାରୁ କୁଶଳୀ ମାନବ ସମ୍ବଳ ସୃଷ୍ଟି କରାଯାଇଛି। ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ପାଇଁ ରାଜ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟର ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ସକାଶେ ଷ୍ଟାର୍ଟଅପ୍ ଓଡ଼ିଶା ଆରମ୍ଭ କରାଯାଇଛି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଓଡ଼ିଶା ଦେଶର ସର୍ବ ବୃହତ ଷ୍ଟିଲ୍ ଓ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇପାରିଛି। ଏହା ପୂର୍ବରୁ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାନ୍ ଟୁ ୱାନ୍ ଆଲୋଚନା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଶିଳ୍ପପତି ତଥା ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଓ 'ୱାରେ ଇଞ୍ଜିନିୟର୍ସ ଲିଃ.'ର ଅଧ୍ୟକ୍ଷ ହିତେଶ ଚିମନଲାଲ ଦୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାରେ ପୁଞ୍ଜିନିବେଶର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଦିନେଶ କୁମାର ଖାରା, ଅପାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଅଧ୍ୟକ୍ଷ ଚୈତନ୍ୟ ଦେଶାଇ, ଜେଏମ୍ ବକ୍ସି ପ୍ରାଇଭେଟ ଲିମିଟେଡ୍ ଅଧ୍ୟକ୍ଷ ଧ୍ରୁଭ କୋଟାକ, ଆଇସିଆଇସିଆଇ ବ୍ୟାଙ୍କ ଏକଜିକ୍ୟୁଟିଭ ଡାଇରେକ୍ଟର ରାକେଶ ଝା, ଏଚ୍‌ଡିଏଫସି ବ୍ୟାଙ୍କ କଣ୍ଟ୍ରିହେଡ୍ ଅରବିନ୍ଦ ଭୋରା, ଏସ୍‌ଟିଟିଜିସି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ସିଏଫ୍‌ଓ ବିମଳ ଖଣ୍ଡେଲୱାଲ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା, ବେଦାନ୍ତ ଗ୍ରୁପ୍ ଚେୟାରମ୍ୟାନ ଅନିଲ ଅଗ୍ରୱାଲଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ସାଢ଼େ ୧ଟା ଯାଏ ମୁଖ୍ୟମନ୍ତ୍ରୀ ଜଣ ଜଣ କରି ନିବେଶକମାନଙ୍କ ସହ କଥା ହୋଇଛନ୍ତି। ଓଡ଼ିଶାର ଆର୍ଥିକ ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସେ ନିବେଶକଙ୍କୁ ଆମନ୍ତ୍ରଣ କରୁଛନ୍ତି। ରାଜ୍ୟର ବ୍ୟାଙ୍କିଙ୍ଗ୍, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ପ୍ଲାଷ୍ଟିକ୍ ଓ ଖଣି ଆଦି କ୍ଷେତ୍ର ସହ ପରିଚିତ କରାଉଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ନଭେମ୍ବର ୩୦ ରୁ ଡିସେମ୍ବର ୪ ତାରିଖ ଯାଏ ଭୁବନେଶ୍ୱରରେ ମେକ୍ ଇନ ଓଡ଼ିଶା କନକ୍ଲେଭ୍‌ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଦେଶ ବିଦେଶରେ ଇନ୍‌ଭେଷ୍ଟର୍ସ ମିଟର ଆୟୋଜନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ଅନୁକୂଳ ବାତାବରଣ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସମ୍ପର୍କରେ ନିବେଶକଙ୍କୁ ବୁଝାଉଛନ୍ତି। ଦୁବାଇ ଓ ଦିଲ୍ଲୀରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ପରେ ମୁମ୍ବାଇରେ ଏହା ଆୟୋଜିତ ହୋଇଛି।




ବେଦାନ୍ତ ଗ୍ରୁପ୍ ଚେୟାରମ୍ୟାନ ଅନିଲ ଅଗ୍ରୱାଲ ଓ ଅନ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

## ୮୦୦ ରୋଗୀଙ୍କ...

ବେହେରା କହିଛନ୍ତି। ଅପରପକ୍ଷରେ ଶିଶୁଭବନରେ ଉନ୍ନତମାନ ଓ ସମ୍ପୂର୍ଣ୍ଣ ମାଗଣାରେ ଶିଶୁରୋଗୀଙ୍କୁ ଚିକିତ୍ସା ସୁବିଧା ମିଳୁଥିବାରୁ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଆଦି ରାଜ୍ୟରୁ ଚିକିତ୍ସା ପାଇଁ ରୋଗୀ ଆସିଥାନ୍ତି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ୧୧୬କୋଟି ଟଙ୍କା ବ୍ୟୟରେ ଏକ ୬ମହଲା କୋଠା ମଧ୍ୟ ନିର୍ମାଣାଧୀନ ରହିଛି। ୨୦୧୯ରୁ ଏହି କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୦୨୧ ଫେବୃୟାରୀ ମାସରେ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବାର ସମ୍ପୃକ୍ତ ଠିକା ସଂସ୍ଥା ଚୁକ୍ତି କରିଥିଲେ। ହେଲେ ଇତିମଧ୍ୟରେ ବିଭିନ୍ନ କାରଣ ଦର୍ଶାଇ ବାରମ୍ବାର ଅବଧି ବଢ଼ାଉଥିବା ଅଭିଯୋଗ ହେଉଛି। ପୂର୍ତ୍ତବିଭାଗ ଏବଂ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁ ନୂତନ କୋଠାରେ ରୋଗୀ ଚିକିତ୍ସା ପାଇବା ବିଳମ୍ବ ହେଉଥିବା କୁହାଯାଉଛି। ଫଳରେ ଶିଶୁ ରୋଗୀ ଆବଶ୍ୟକ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କଟକ-୧ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝି କୁହନ୍ତି, ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କୋଠା ନିର୍ମାଣ ଶେଷ ହୋଇ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ନିକୁଞ୍ଜଙ୍କୁ ଅବକାରୀ...

ଅଫିସର ତଥା ବିଜ୍ଞାନ ଓ ବୈଷୟିକ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସଚିବ, ୧୯୯୯ ବ୍ୟାଚ୍ ଆଇଏଏସ ଅଫିସର ତଥା ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ସଚିବ ଥିବା ଶୁଭା ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ୧୯୯୯ ବ୍ୟାଚ୍ ଆଇଏଏସ ଅଫିସର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)ର ନିର୍ଦ୍ଦେଶକ ତଥା ୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଏସ୍‌ଟି ଡାଇରେକ୍ଟର ଓ ଓର୍‌ମାସ ସିଇଓ ଗୁହା ପୁନମ ତାପସ କୁମାରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ୧୯୯୨ ଆଇଆରଟିଏସ୍ ସଞ୍ଜୟ କୁମାର ମିଶ୍ରଙ୍କୁ ଓପିଟିସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବରିଷ୍ଠ ଓଏଏସ୍ ଅଫିସର ତଥା ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ସରୋଜ କୁମାର ମିଶ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

## ଲମ୍ପି ବ୍ୟାପୁଛି: ମଲେଣି ...

ଗୋରୁଙ୍କ ମୃତ୍ୟୁ ଘଟୁଥିବା ଜଣେ ଅଧିକାରୀ କହିଛନ୍ତି। ମହାରାଷ୍ଟ୍ର ସରକାର ଏହାର ନିରାକରଣ ଉପାୟ ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିସହ ଜଲଗାଓଁ ଏବଂ ଅମରାବତୀ ଭଳି ଅଞ୍ଚଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଦକ୍ଷିଣ କଶ୍ମୀରରେ ୩୦,୦୦୦ ଗାଈ ସଂକ୍ରମିତ ହୋଇଛନ୍ତି। ଅନନ୍ତନାଗ ଜିଲା ମହମୁଦାବାଦ ନିବାସୀ ମହମ୍ମଦ ଇକ୍‌ବାଲ କହିଛନ୍ତି, କ୍ଷୀର ବିକି ପରିବାର ଚଳାଇବା ଛଡ଼ା ଅନ୍ୟ ଉପାୟ ନାହିଁ। କିନ୍ତୁ ଗାଈକୁ ଚର୍ମରୋଗ ହେବା ପରେ କ୍ଷୀର ଦେବା ବନ୍ଦ କରିଦେଇଛି। ଫଳରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହେଲାଣି। ଅନୁକ୍ରମରେ ସଂକ୍ରମିତ ଗୋରୁଙ୍କଠାରୁ ଭୂତାଣୁ ଯେପରି ନ ବ୍ୟାପିବ ତାହା ସୁନିଶ୍ଚିତ କରିବା ବର୍ତ୍ତମାନ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଲମ୍ପି ସଂକ୍ରମଣରେ ଗୃହପାଳିତ ପ୍ରାଣୀର ଜୀବନ ଚାଲିଗଲେ ତାକୁ କିପରି ସୁରକ୍ଷିତ ଭାବେ ଓ କେଉଁ ସ୍ଥାନରେ ଫୋପଡ଼ାଯିବ ତାହା ଆଉ ଏକ ମୁଣ୍ଡବ୍ୟଥା। ଏହି ଭାଇରସ୍ ସଂସ୍ପର୍ଶରେ ଆସିଥିବା ଗୋରୁଙ୍କଠାରେ ଜ୍ୱର ଦେଖାଯିବା ସହ ଦୁଗ୍ଧ ଉତ୍ପାଦନ କ୍ଷମତା ୫୦% ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ବିପଦ ଆଶଙ୍କା କରି ଲମ୍ପି ସଂକ୍ରମିତ ଗୋରୁଙ୍କ କ୍ଷୀର ମଧ୍ୟ କିଣିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। କ୍ଷୀରକୁ ଭଲ ଭାବେ ଫୁଟାଇବା ପରେ ବ୍ୟବହାର କରିବା ନିରାପଦ ବୋଲି ପ୍ରାଣୀ ଚିକିତ୍ସକମାନେ ମତ ଦେଇଛନ୍ତି। ତେବେ ଏହା ମଣିଷଙ୍କୁ ପ୍ରଭାବିତ କରୁ ନ ଥିବା କେତେଜଣ ବିଶେଷଜ୍ଞ କହିଛନ୍ତି।

ଅନ୍ୟପକ୍ଷେ ଲମ୍ପି ପ୍ରଭାବିତ ରାଜ୍ୟଗୁଡ଼ିକର ଚାଷୀ ନିଜ ଗୋରୁଙ୍କୁ ନେଇ ଚିନ୍ତିତ ହୋଇଯାଇଛନ୍ତି। ଏହାର ନିରାକରଣ ପାଇଁ ଭାରତରେ ଏକ ଟିକା ବିକଶିତ ହୋଇଛି। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଏହା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାର ୨୦୨୫ ସୁଦ୍ଧା ଦେଶର ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ ୧୦୦% ଟିକାକରଣ କରିବାକୁ ଲକ୍ଷ୍ୟ ରଖିଥିବା ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।


# classifieds

**Everyday**
**0674-2580101, 2549302**

real estate
SALE

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

SBI Colony ପାଖ କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପ୍ଲଟ୍ ମିଳୁଛି । 9692213354. D-73970

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/- ରେ କିଣନ୍ତୁ। OD GROUP. 9437033320.** D-74112

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

Low cost plot sqft. 180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି । 9692213354. D-73971

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Spa offer @799/-, positively health benefits, Kalpana-7846814019. D-73642

Newly massage at your doorstep by male massage therapist for ladies and gents. contact 6372096831. D-1471

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

business

(ଟାଇମ୍ ଟୁ ଟ୍ରେଡ୍) ଏହା ଏକ ପଞ୍ଜୀକୃତ କମ୍ପାନୀ, ଆପଣ ଏହା ସହିତ ଯୋଡିହୁଅନ୍ତୁ ଏବଂ ଲାଭ ଉଠାନ୍ତୁ । ପ୍ରତ୍ୟେକ ଦିନ- ୧୦୦/- ରୁ ୧୦୦୦୦୦/- ପର୍ଯ୍ୟନ୍ତ ଏବଂ ତା'ଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ ଆମ ସହ ଯୋଗାଯୋଗ କରନ୍ତୁ- 9090888033, 9090888044, 9090888055, 9090888066, 06742915001. D-73869

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୪ ଲକ୍ଷର ବ୍ରାଉନସୁଗାର ଜବତ

ଅନୁଗୋଳ ଅଫିସ: ପାର୍ବଣ ଆରମ୍ଭରୁ ଅନୁଗୋଳରେ ଜୋର୍ ଧରିଲାଣି ବ୍ରାଉନସୁଗାର କାରବାର। ଭିଡ଼ ଭିତରେ ଏହି ନିଶା ବେପାର କରି ଖସିଯିବା ସହଜ ମନେକରି ଚୋରା ବେପାରୀମାନେ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ତେବେ ବୁଧବାର ବ୍ରାଉନସୁଗାର ବିକ୍ରି ପୂର୍ବରୁ ୨ ବେପାରୀଙ୍କୁ ମାଡ଼ି ବସିଛି ଅବକାରୀ ବିଭାଗ। ସେମାନଙ୍କ ନିକଟରୁ ୧୪ ଲକ୍ଷ ଟଙ୍କା ମୂଲ୍ୟର ୧୪୨ ଗ୍ରାମ ଓଜନର ଏହି ନିଶା ସାମଗ୍ରୀ ଜବତ କରାଯାଇଛି। ଏ ସଂକ୍ରାନ୍ତରେ ମାମଲା ରୁଜୁ ପରେ ଗିରଫ ୨ ଅଭିଯୁକ୍ତ ନାଲ୍‌କୋ ଥାନା ଗିରାଙ୍ଗ ଗ୍ରାମର ଝିଲି ସାହୁ(୨୪) ଓ ବ୍ରହ୍ମପୁରର ପ୍ରଦ୍ୟୁମ୍ନ କୁମାର ସାହୁ(୨୬)ଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ପୂର୍ବତନ କଂସ ଅଭିନେତାଙ୍କ ପରଲୋକ



ବରଗଡ଼ ଅଫିସ୍,୧୪।୯: ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପୂର୍ବତନ କଂସ ଅଭିନେତା ଦେବେନ୍ଦ୍ର ବିଶ୍ୱାଳଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ଅତାବିରା ବ୍ଲକ ହିର୍ଲିପାଲି ନିବାସୀ ସ୍ୱର୍ଗତ ବିଶ୍ୱାଳ ୧୯୮୧ ମସିହା ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ଏହା ସହିତ ସେ ସମ୍ବଲପୁରୀ ଚଳଚ୍ଚିତ୍ର ଭୁଖାରେ ପାର୍ଶ୍ୱ କଳାକାର ଥିଲେ। ସେହିପରି ନିଜେ ଏକ ନାଟ୍ୟାନୁଷ୍ଠାନ ଗଢ଼ି ତୋଳିଥିବାବେଳେ ନାଟକରେ ଅଭିନୟ, ନିର୍ଦ୍ଦେଶନା ମଧ୍ୟ ଦେଇ ଆସୁଥିଲେ। ତାଙ୍କ ପରଲୋକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନ, ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଲାଞ୍ଚ ମାମଲା: ଡିଏସ୍‌ପି ଡାଲୁଆଙ୍କ ଜାମିନ ଆବେଦନ ଖାରଜ

ଢେଙ୍କାନାଳ ଅଫିସ, ୧୪।୯: ଲାଞ୍ଚ ମାମଲାରେ ଛନ୍ଦି ହୋଇପଡ଼ିଥିବା ଢେଙ୍କାନାଳ ସଦର ଥାନାର ପୂର୍ବତନ ଅଧିକାରୀ ତଥା ଡିଏସ୍‌ପି ଅଭିନବ



ଡାଲୁଆଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଏହାପରେ ସେ ହାଇକୋର୍ଟକୁ ଯିବେ ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି। ଅନ୍ୟପଟେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଭିଜିଲାନ୍ସ ପକ୍ଷରୁ ମାମଲାର କେସ୍ ଡାଏରି ଦାଖଲ କରାଯାଇଛି। ଗତ ଅଗଷ୍ଟ ୩୦ରେ ଥାନା ପ୍ରକୋଷ୍ଠରେ ଜଣେ କୋଇଲା ପରିବହନକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଡିଏସ୍‌ପି ଡାଲୁଆ। ଏହାପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ତାଙ୍କ ଜାମିନ ଆବେଦନ ଉପରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଶୁଣାଣି ରହିଥିଲା, ଯାହାକୁ କୋର୍ଟ ନାମଞ୍ଜୁର କରିଦେଇଛନ୍ତି। ଅନ୍ୟପଟେ ଡାଲୁଆଙ୍କ ସ୍ତ୍ରୀ ତଥା ଢେଙ୍କାନାଳ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆଇୟୁସିଏଡବ୍ଲୁ ବିଭାଗରେ ଡିଏସ୍‌ପି ଭାବେ କାର୍ଯ୍ୟରତ ସସ୍ମିତା ବାରିକଙ୍କୁ ମଙ୍ଗଳବାର ବଲାଙ୍ଗୀର ଜିଲାକୁ ବଦଳି ହୋଇଛି। ସେ ବଲାଙ୍ଗୀର ଜିଲା ପିସିଆର ସେଲ୍ ଡିଏସ୍‌ପି ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।
ଏ ସମ୍ପର୍କରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ କୁହନ୍ତି, ଭିଜିଲାନ୍ସ ବିଭାଗ ପକ୍ଷରୁ ସିଡୀ ଦାଖଲ କରାଯାଇଛି। ଡାଲୁଆଙ୍କ ଜାମିନ ଆବେଦନକୁ ଖାରଜ କରିଦିଆଯାଇଛି ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଭିଜିଲାନ୍ସ)ଙ୍କ ସୂଚନାରୁ ଜଣାପଡ଼ିଛି।

# ସିଏମ୍‌ସି ମେୟରଙ୍କୁ କବାଟ ଭେଟି

କଟକ ଅଫିସ, ୧୪।୯

ମୁଁ ବାଥ୍‌ରୁମ୍ ଗଲେ କବାଟ ଧରିକି ଯାଉଛି। କାରଣ ମୁଁ ଅଫିସ୍‌ରେ ବସୁଛି। ବାଥ୍‌ରୁମ୍ କବାଟ ଭାଙ୍ଗି ପଡିଥିବା ନେଇ କଟକ ମେୟର ସୁବାସ ସିଂ ମଙ୍ଗଳବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ କଟକ ମହାନଗର ନିଗମ(ସିଏମ୍‌ସି) କାଉନ୍‌ସିଲ ବୈଠକରେ ବକ୍ତବ୍ୟ ଦେଇଥିଲେ। ବୁଧବାର କଟକ ଜିଲା କଂଗ୍ରେସ ପକ୍ଷରୁ ମେୟରଙ୍କ ଉଦ୍ଦେଶ୍ୟରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କୁ ଏକ କବାଟ ଭେଟି ଦିଆଯାଇଛି। ସେଥିରେ ବେଷ୍ଟ କମ୍ପ୍ଲିମେଣ୍ଟ ଫ୍ରମ୍ କଂଗ୍ରେସ ବୋଲି ଲେଖାଯାଇଛି। କଂଗ୍ରେସର ଏଭଳି ନିଆରା ପ୍ରତିବାଦ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ କହିଛନ୍ତି, ମେୟରଙ୍କ ଚ୍ୟାମ୍ବରରେ ବାଥ୍‌ରୁମ କବାଟ ନ ଥିବା ସମ୍ପର୍କରେ ସେ ବୈଠକରେ କହିଥିଲେ। ତେଣୁ ମୁଁ ଦଳୀୟ କର୍ମକର୍ତ୍ତାଙ୍କ ସହ ଆସି ମେୟରଙ୍କ ଉଦ୍ଦେଶ୍ୟରେ କମିଶନରଙ୍କୁ ଏକ ନୂଆ କବାଟ ପ୍ରଦାନ କରିଥିଲି। କାରଣ ମେୟରଙ୍କ ଅଫିସ୍ ଚାମ୍ବରକୁ ବହୁ ଝିଅ, ବୋହୂ, କଟକବାସୀ, ପ୍ରତିଷ୍ଠିତ ବ୍ୟକ୍ତି ସମସ୍ୟା ଜଣାଇବାକୁ ଆସୁଥିବେ। ସେମାନେ କ'ଣ ଭାବୁଥିବେ। ଯେମିତି କଟକ ଜାଇକା ଅବସ୍ଥା, ସେମିତି ତାଙ୍କ ଅବସ୍ଥା ହେଉଥିବ। ଯେହେତୁ ମେୟର ୫ ପଇସା ଖର୍ଚ୍ଚ କରିବାର ଶକ୍ତି ନାହିଁ ବୋଲି ବୈଠକରେ କହିଛନ୍ତି, ତେଣୁ



କଟକ ଜିଲା କଂଗ୍ରେସ ପକ୍ଷରୁ ମେୟରଙ୍କ ଉଦ୍ଦେଶ୍ୟରେ ସିଏମ୍‌ସି କମିଶନରଙ୍କୁ କବାଟ ପ୍ରଦାନ କରାଯାଉଛି।

କବାଟ ସହ କବାଟ ଲଗାଇବା ପାଇଁ ୫୦୦ ଟଙ୍କା ପ୍ରଦାନ କରିଥିଲି। କମିଶନର କବାଟକୁ ରଖିଥିଲେ ମଧ୍ୟ ଟଙ୍କା ଫେରାଇ ଦେଇଥିଲେ। ସେ ତାଙ୍କ କାର୍ଯ୍ୟାଳୟର ବାଥ୍‌ରୁମରେ ଖଣ୍ଡିଏ କବାଟ ଲଗାଇବାକୁ ସକ୍ଷମ ନାହାନ୍ତି। ବାଥ୍‌ରୁମ କବାଟ ଭଙ୍ଗା ହୋଇପଡିଛି। ତେଣୁ ସିଏମ୍‌ସିର ଅର୍ଥ ବ୍ୟୟ ସମ୍ପର୍କରେ ତାଙ୍କ ଉପରେ କେହି ଅଙ୍ଗୁଳି ଉଠେଇ ପାରିବେ ନାହିଁ। ତେଣୁ କବାଟକୁ କମିଶନରଙ୍କୁ ଦେଇ, ଏହାକୁ ମେୟରଙ୍କ ଅଫିସ୍ ଚାମ୍ବରରେ ଭାଙ୍ଗି ଯାଇଥିବା ପାଇଖାନା କବାଟ ସ୍ଥାନରେ ଲଗାଇବାକୁ ଅନୁରୋଧ କରାଯାଇଥିଲା। ଏହି କବାଟ ପ୍ରଦାନବେଳେ ଶିଶିର ରଥ, ମନୋଜ ବିଶ୍ୱାଳ, ବିପ୍ଳବ ଶିଳାଦିତ୍ୟ, ଆକ୍ବୁବ ଖାଁ, ସଚ୍ଚିଦାନନ୍ଦ ରାଉତ, ସଦାଶିବ ବାରିକ, ସତୀଶ ଶେଖର ଓ ଶିବ ଅଗ୍ରୱାଲ ଉପସ୍ଥିତ ଥିଲେ।
ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, କଟକରେ କାର୍ଯ୍ୟ କରି ଲୋକଙ୍କ ବିଶ୍ୱାସ ଜିତନ୍ତୁ। କବାଟରେ କ'ଣ ରହିଛି। ମିଳିତ ଭାବେ ସହଯୋଗ କରି କଟକକୁ ଆଗକୁ ନେବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଏସବୁ ଅବାସ୍ତବ ପ୍ରସ୍ତାବ ନେଇ ରାଜନୀତିକରଣ କରି କିଛି ଫାଇଦା ମିଳିବ ନାହିଁ। ରାଜନୀତିରେ ରହିବା ପାଇଁ ବାଟ ଖୋଜୁଛନ୍ତି। କାଲି ଭାଜପା କରୁଥିଲା ଆଜି କଂଗ୍ରେସ କରୁଛି। ମିଥ୍ୟା ଆରୋପ ବକ୍ତବ୍ୟରେ କ'ଣ ଅଛି। ଯେଉଁମାନେ ଏଭଳି ବକ୍ତବ୍ୟ ଦେଉଛନ୍ତି, ସେମାନଙ୍କ କଟକ ପ୍ରତି କ'ଣ ଯୋଗଦାନ ରହିଛି ବୋଲି ମେୟର ପ୍ରଶ୍ନ କରିଛନ୍ତି। କଟକବାସୀଙ୍କ ସେବା କର। ମେୟର କ'ଣ କହିଲେ ସେ ଦିଗରେ ଧ୍ୟାନ ନ ଦେଇ କାର୍ଯ୍ୟ କରନ୍ତୁ। ମେୟର କିପରି କାର୍ଯ୍ୟ କରନ୍ତି ତାହା କଟକବାସୀ ଜାଣିଛନ୍ତି ବୋଲି ସେ କହିଥିଲେ।

## ଯାଜପୁରରୁ ଜଣେ ଗିରଫ

### ବସ୍ତା ବିଧାୟକଙ୍କୁ ହତ୍ୟା ଧମକ ଘଟଣା

ବାଲେଶ୍ୱର ଅଫିସ, ୧୪।୯

ବାଲେଶ୍ୱର ଜିଲା ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ଫୋନ୍ ଯୋଗେ ଜଣେ ଦୁର୍ବୃତ୍ତ ଟଙ୍କା ମାଗିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାକୁ ନେଇ ବିଧାୟକ ସାହୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ଦେବା ସହ ବାଲେଶ୍ୱର ଏସ୍‌ପିଙ୍କୁ ଜଣାଇଥିଲେ। ଉକ୍ତ ଘଟଣାକୁ ଏସ୍‌ପି ଗୁରୁତର ସହ ନେଇ ସାଇବର ଥାନାକୁ ମାମଲା ହସ୍ତାନ୍ତର କରିଥିଲେ। ଯାଜପୁର ଜିଲାରୁ ଜଣେ ଦୁର୍ବୃତ୍ତଙ୍କୁ ଠାବ କରାଯାଇ ବାଲେଶ୍ୱର ଅଣାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି।
ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, ବସ୍ତା ଥାନାରେ ମାମଲା (ନଂ. ୨୩୦/୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ବିଧାୟକ ସାହୁ ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ମଧ୍ୟ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସାଇବର ଥାନା ପୋଲିସ ଏବଂ ଜିଲା ପୋଲିସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲା। ଅପରାହ୍ନ ୩ଟା ସୁଦ୍ଧା ଫୋନ୍ ନମ୍ବରକୁ ଟ୍ରେସ୍ କରି ଯାଜପୁର ଜିଲା ପୋଲିସ ସହାୟତାରେ ଉକ୍ତ ଜିଲା ମଙ୍ଗଳପୁର ଥାନା କଟିପୁର ଗ୍ରାମର ଏସ୍.କେ. ମୁଜିଆମିଲଙ୍କୁ ଠାବ କରାଯାଇଥିଲା। ପରେ ତାଙ୍କୁ ବାଲେଶ୍ୱର ଅଣାଯାଇ ପଚରାଉଚରା କରାଯାଇଥିଲା। ଏସ୍‌ପି ମିଶ୍ର କହିଛନ୍ତି, ଟଙ୍କା ପାଇଁ ଯୁବକ ଜଣକ ଏଭଳି କାଣ୍ଡ ଭିଆଇଛନ୍ତି। ଏହାପରେ ମଧ୍ୟ ଅନ୍ୟ ବିଧାୟକ ଓ ଜଣାଶୁଣା ଲୋକଙ୍କୁ ଟାର୍ଗେଟ କରିଥିଲେ ବୋଲି ଯୁବକ ଜଣକ ସ୍ୱୀକାର କରିଥିବା ପ୍ରକାଶ କରିଛନ୍ତି।




## ଜ୍ୱର, କାଶରେ ୩୭ ଅନ୍ତେବାସୀ ପୀଡ଼ିତ



ଡେଣୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ୍‌ରେ ଗୋଟିଏ ଖଟରେ ୨ଜଣ ଲେଖାଏ ଛାତ୍ରୀଛାତ୍ର ଶୋଇଛନ୍ତି।

ପାଟଣା,୧୪।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଡେଣୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କ ପାଇଁ ୪୦ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ ଅଛି। ଏଠାରେ ରହୁଥିବା ୩୭ଜଣ ଛାତ୍ରୀଛାତ୍ର ମଙ୍ଗଳବାର ଜ୍ୱର ଓ କାଶରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ସହ ହଷ୍ଟେଲର ୱାର୍ଡେନ ମଧ୍ୟ ଜ୍ୱର, କାଶରେ ପୀଡ଼ିତ ହୋଇଥିଲେ। ଡା. ଯଶୋବନ୍ତ ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ହଷ୍ଟେଲରେ ପହଞ୍ଚି ମଙ୍ଗଳବାର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ମଧ୍ୟ କୌଣସି ସୁଧାର ଆସି ନ ଥିଲା। ବୁଧବାର ପୁଣି ଡା. ଲକ୍ଷ୍ମଣ ମହାନ୍ତ ଓ ଡା. ଯଶୋବନ୍ତ ମହାନ୍ତଙ୍କ ନେତୃତ୍ୱରେ ଡାକ୍ତରୀ ଓ କର୍ମଚାରୀ ଟିମ୍ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୋଭିଡ୍ ଓ ମ୍ୟାଲେରିଆ ପରୀକ୍ଷା କରିଛନ୍ତି। କୌଣସି ଛାତ୍ରୀଛାତ୍ର ପଜିଟିଭ ନ ଥିବା ଡାକ୍ତର ଶୁଭେନ୍ଦୁ ସାଗର ନାଏକ ସ୍ପଷ୍ଟ କରିଛନ୍ତି। ସେମାନଙ୍କୁ ଭାଇରାଲ ଡିଜିଜ୍ ହୋଇଥିବା କହିଛନ୍ତି। ତେବେ ଏକା ସଙ୍ଗେ ସମସ୍ତ ଛାତ୍ରୀଛାତ୍ର ସଂକ୍ରମିତ ହେବା ବିଷୟରେ ଡାକ୍ତର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ଛାତ୍ରୀଛାତ୍ରମାନେ ଦୁଇଟି ଅତ୍ୟନ୍ତ ଛୋଟ କୋଠରିରେ ଗୋଟିଏ ଖଟରେ ୨ ଜଣ ଲେଖାଏ ଶୋଉଥିବାରୁ ସଂକ୍ରମଣ ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ଏ ନେଇ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲୁଇଓ) ଶୁଭେନ୍ଦୁ କୁମାର ବଳଙ୍କୁ ପଚାରିବାରୁ, ଛାତ୍ରୀଛାତ୍ରଙ୍କ ଚିକିତ୍ସା ଜାରି ରହିଛି, କୌଣସି ପିଲାଙ୍କଠାରେ କୋଭିଡ୍ କିମ୍ବା ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇ ନାହାନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି।

## ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା

### ଥାନାରେ ପୋଲିସକୁ ମାଡ଼, ଭଙ୍ଗାରୁଜା ଘଟଣା

ପାରଳାଖେମୁଣ୍ଡି,୧୪।୯(ଡି.ଏନ୍.ଏ.)

ଗଜପତି ଜିଲା ଅଡ଼ବା ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରିଥିଲା। ତାଙ୍କୁ ଖଲାସ କରିବା ଦାବି ନେଇ ଝରଣାପୁର ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପଶି ଲଙ୍କାକାଣ୍ଡ ଭିଆଇଥିଲେ। ସେମାନେ ପୋଲିସକୁ ଅତର୍କିତ ଆକ୍ରମଣ କରିବା ସହ ଥାନା ପରିସରରେ ବିଭିନ୍ନ ଜିନିଷ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ପୋଲିସ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ନିଜ ଆଡୁ ମାମଲା ରୁଜୁ କରିଛି। ଅଡ଼ବା ଥାନାରେ ନଂ.୧୧୧/୨୨ରେ ମାମଲା ରୁଜୁ ହୋଇଥିବା ଆର୍. ଉଦୟଗିରି ଏସ୍‌ଡିପିଓ ଦିଲୀପ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

LIC SAMBALPUR DIVISIONAL OFFICE
"JEEVAN PRAKASH", AINTHAPALI, SAMBALPUR- 768004
TENDER FOR PROVIDING OFFICE UPKEEP AND HOUSE KEEPING SERVICES
LIC of Indian invites tenders from reputed Agencies/ Services/ Contractors in two bid systems for providing office upkeep and house-keeping services to different Branch Offices, Setellite Offices and Divisional Office under Sambalpur Division.
The tender documents are available in our Divisional Office O.S. Deptt. Last date for submission of Tender Papers is on or before **06/10/2022 up to 05.00PM**. Tender form and other details are also available in our website: **www.licindia.in/tenders**
LIC of India reserves the right to accept or reject any or all offers in full/part without assigning any reason whatsoever.
**Dt.15.09.2022** **Sr. Divisional Manager**

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୪।୯

ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ସରକାରଙ୍କ ନିୟମ ଅନୁସାରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ୍ୟ କହିଛନ୍ତି। ଅଭିଯୁକ୍ତ ଜଣକ ହେଲେ କେଲାପଡ଼ା ଗ୍ରାମର ରୋହିତ କହଁର।
୨୦୨୦ରେ ନାବାଳିକା ଜଣକ ୧୦ମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଛୁଟି ଥିବାରୁ ସେ ଘରେ ରହୁଥିଲେ। ସେହି ସମୟରେ ରୋହିତ ତାଙ୍କ ଗ୍ରାମକୁ କୁଣିଆ ହୋଇ ଆସିଥିଲେ। ପୀଡିତାଙ୍କ ସହ ବନ୍ଧୁତା ସ୍ଥାପନ କରିବା ପରେ ଭଲପାଉଛି କହି ନିଜେ ରହୁଥିବା ଘରକୁ ଡାକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ରୋହିତ ନିଜ ଗ୍ରାମ କେଲାପଡ଼ାକୁ ପଳାଇଥିଲେ। ପୀଡିତା ଜଣଙ୍କ ଗର୍ଭବତୀ ଥିବା ସନ୍ଦେହ କରି ଡାକ୍ତରୀ ପରୀକ୍ଷା କରାଇଥିଲେ। ସମସ୍ତ ବିଷୟ ସେ ନିଜ ମା'ଙ୍କୁ ଜଣାଇଥିଲେ। ମା' ଏ ନେଇ କ.ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରୋହିତଙ୍କୁ ଗିରଫ କରିଥିଲା। ଘଟଣା ସମୟରେ ନାବାଳିକାଙ୍କୁ ୧୫ ଓ ରୋହିତଙ୍କୁ ୨୧ ବର୍ଷ ହୋଇଥିଲା। ବିଚାରପତି ମୋଟ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ମେଡ଼ିକାଲ ରିପୋର୍ଟ ଏବଂ ଅନ୍ୟ ତଥ୍ୟକୁ ଆଧାର କରି ଦଣ୍ଡାଦେଶ ଦେଇଛନ୍ତି।

# ସିମ୍ ବକ୍ସରେ ପଠାଯାଉଥିଲା ମେସେଜ୍

### ସାଇବର ଠକ ଗ୍ୟାଙ୍ଗର ପର୍ଦ୍ଦାଫାଶ କଲା କ୍ରାଇମବ୍ରାଞ୍ଚ

### ମାଷ୍ଟରମାଇଣ୍ଡ ବିଶାଲଙ୍କ ସମେତ ୬ ଗିରଫ

କଟକ ଅଫିସ,୧୪।୯

ସାଇବର ଅପରାଧୀ ନୂଆ ନୂଆ ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ସିମ୍ ବକ୍ସ ମାଧ୍ୟମରେ ଏକ ସଙ୍ଗରେ ବହୁ ଲୋକଙ୍କୁ କେୱାଇସି (ନୋ ଇଓର କଷ୍ଟମର) କରାଇବା ଆଳରେ ମେସେଜ ପଠାଇ ସେମାନଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ଏଭଳି ଏକ ସାଇବର ଅପରାଧୀ ଗ୍ୟାଙ୍ଗକୁ ଟେଲିକମ୍ ମନ୍ତ୍ରଣାଳୟର ସୂଚନା ଆଧାରରେ ଧରାଯାଇଥିବା ନେଇ କ୍ରାଇମ୍‌ବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗର ମୋଟ ୬ ଜଣ ସାଇବର ଠକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ୩ହଜାର ପ୍ରିଆକ୍ଟିଭେଟେଡ୍ ସିମ୍ ଓ ୨ଟି ମୋବାଇଲ ସିମ୍ ବକ୍ସ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ବେତନଟୀ ଅଞ୍ଚଳର ବିଶାଲ ଖଣ୍ଡେଲୱାଲ୍, ତାପସ ପାତ୍ର, ନିଗମ ପାତ୍ର, ସୁଧାଂଶୁ ଦାସ, ଅଜୁ ପାତ୍ର ଓ ଅଜୟ ପାତ୍ର।
ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ବିଶାଲ ଖଣ୍ଡେଲୱାଲ ହୋଇଥିବାବେଳେ ଅନ୍ୟ ସଦସ୍ୟମାନଙ୍କ ସାଇବର ଜ୍ଞାନ ଅଧିକ ଥିବା ଜଣାପଡ଼ିଛି। ସେମାନେ ମୋବାଇଲ ସିମ୍ ବକ୍ସ ଜରିଆରେ ଏକକାଳୀନ ବହୁ ଲୋକଙ୍କୁ ମେସେଜ କରିପାରୁଥିଲେ। ପ୍ରତି ସିମ୍ ବକ୍ସରେ ୫୧୨ଟି ଲେଖାଏ ସିମ୍ ଖଞ୍ଜା ଯାଇଥିଲା। ଗୋଟିଏ ସିମ୍ ବକ୍ସରୁ ଥରକେ ୫୫ ହଜାର ୬୦୦ ମେସେଜ ପଠାଯାଇପାରୁଥିଲା। ଗୋଟିଏ ଦିନରେ ଗୋଟିଏ ସିମ୍ ବକ୍ସରୁ ସାଢେ ୬ଲକ୍ଷ ମୋବାଇଲକୁ ମେସେଜ ପଠାଯାଉଥିଲା। ଏହି ହିସାବରେ ଦୁଇଟି ସିମ୍ ବକ୍ସରୁ ଦୈନିକ ପ୍ରାୟ ୧୩ ଲକ୍ଷ ମୋବାଇଲକୁ ମିଥ୍ୟା ମେସେଜ ପଠାଯାଉଥିଲା। ମେସେଜର ଉତ୍ତର ଦେଉଥିବା ଲୋକଙ୍କଠାରୁ ଅଭିଯୁକ୍ତମାନେ ବିଭିନ୍ନ ସେବା ପ୍ରଦାନ କରିବା ଆଳରେ ଅର୍ଥ ଠକୁଥିଲେ। ବିଶାଲ ଖଣ୍ଡେଲୱାଲ ପ୍ରଥମେ ଏହି ସିମ୍ ବକ୍ସଟିକୁ କିଣିଥିଲେ। ମେସେଜ ପଠାଇବା କାର୍ଯ୍ୟରେ ସେ ନିଜ ବନ୍ଧୁ ତାପସଙ୍କୁ ନିୟୋଜିତ କରିଥିଲେ। ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ପ୍ରମୁଖ ସଦସ୍ୟ ସୁଧାଂଶୁ ଓ ନିଗମ ପ୍ରି-ଆକ୍ଟିଭେଟ୍ ସିମ୍ ଯୋଗାଉଥିଲେ। ଏହିଭଳି କିଛି ମାସ ଚାଲିବା ପରେ ତାପସ ଆଉ ଦୁଇ ଜଣ ଯୁବକ ଅଜୟ ଓ ଅଜୁଙ୍କୁ ଏଥିରେ ନିୟୋଜିତ କରିଥିଲେ। ମୟୂରଭଞ୍ଜର ଖୁଣ୍ଟା ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରେ ରହି ଏହି ଗ୍ୟାଙ୍ଗର ସଦସ୍ୟମାନେ କେୱାଇସି ଅପଡେଟ କରିବା ଆଳରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ମେସେଜ ପଠାଇ ସେମାନଙ୍କୁ ଠକେଇ କରୁଥିଲେ। ଓଡ଼ିଶାରୁ ଦେଶର ବିଭିନ୍ନ ସ୍ଥାନର ଲୋକଙ୍କ ପାଖକୁ ଆସୁଥିବା ସନ୍ଦିଗ୍ଧ ମେସେଜ ସମ୍ପର୍କରେ କେନ୍ଦ୍ରୀୟ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟ ଅବଗତ ହୋଇଥିଲେ। ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ଏହି ମାମଲାର ତଦନ୍ତ କରିବା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ସୂଚନା ଦିଆଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏହି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ବିଶାଲ ଖଣ୍ଡେଲ୍‌ୱାଲ ପାଖରେ ପ୍ରଥମେ ପହଞ୍ଚିବା ପରେ ପୂରା ଘଟଣା ଜଣାପଡ଼ିଥିଲା ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।



ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ-କାଳର ପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । **-ଶ୍ରୀଅରବିନ୍ଦ**

# ଜି୭ର ଶକ୍ତି ଜାଗରଣ



ସଲିମ୍ ଏଚ.ଅଲି

ଥରେ ନୋବେଲ ବିଜେତା ରାସାୟନଶାସ୍ତ୍ରବିତ୍ ରିଚାର୍ଡ ସ୍ମଲେଙ୍କୁ ଜରୁରୀଭିତ୍ତିରେ ବୈଶ୍ୱିକ ଆହ୍ୱାନଗୁଡ଼ିକୁ ତାଲିକାଭୁକ୍ତ କରିବାକୁ କୁହାଯାଇଥିଲା । ଦାରିଦ୍ର୍ୟ, କ୍ଷୁଧା, ସଂଘର୍ଷ ଏବଂ ସଂସାଧନ ଉପଲବ୍ଧତାର ଚିରାଚରିତ ପ୍ରସଙ୍ଗକୁ ଦର୍ଶାଇବାବେଳେ ସେ ଶକ୍ତି ସୁରକ୍ଷାକୁ ତାଙ୍କ ତାଲିକାର ଶୀର୍ଷରେ ରଖିଥିଲେ । ସ୍ମଲେ ଯୁକ୍ତି ବାଢ଼ିଥିଲେ ଯେ, ଯଦି ଆମେ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣକୁ ନିଶ୍ଚିତ କରିପାରିବା ତେବେ ଅନ୍ୟ ସମସ୍ତ ଆହ୍ୱାନକୁ ସମାଧାନ କରିବାରେ ସକ୍ଷମ ହେବା । ଏବେ ଜି୭ ଦେଶଗୁଡ଼ିକ ସେମାନଙ୍କ ଅର୍ଥ ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଶକ୍ତି ଅସୁରକ୍ଷାର ବ୍ୟାପକ ପ୍ରଭାବକୁ ଅନୁଭବ କରୁଥିବାବେଳେ ସାରା ବିଶ୍ୱ ସ୍ମଲେଙ୍କ ଯୁକ୍ତି ଠିକ୍ ବୋଲି ଜାଣିପାରୁଛି । ଶକ୍ତି ସୁରକ୍ଷା ପରିପ୍ରେକ୍ଷୀରେ ଆମ ନିକଟରେ ଅନ୍ତର୍ଜାତୀୟ ବ୍ୟବସ୍ଥା କିମ୍ବା ବିଜ୍ଞାନ ଆଧାରିତ ନୀତି ନିର୍ଦ୍ଧାରଣର ସୀମିତ ଉପାୟ ରହିଛି । ଏଣୁ ଏବକାର ବୈଶ୍ୱିକ ଆର୍ଥିକ ସଙ୍କଟ ଏବଂ ୟୁକ୍ରେନ୍‌ରେ ଲାଗି ରହିଥିବା ଯୁଦ୍ଧ ଦ୍ୱାରା ହଠାତ୍ ସୃଷ୍ଟି ହୋଇଥିବା ଶକ୍ତି ଜାଗରଣ ଅଧିକ ଗଠନମୂଳକ କାର୍ଯ୍ୟକଳାପ ଏବଂ ଅନୁଭବ ଆଧାରିତ ଘରୋଇ ଶକ୍ତି ନୀତି ପାଇଁ ବାଟ କଢ଼ାଇ ନେବ ବୋଲି ଆଶା କରାଯାଏ । ଜୁଲାଇ ୬ରେ ଆଣବିକ ଶକ୍ତି ଓ ପ୍ରାକୃତିକ ବାଷ୍ପକୁ ୟୁରୋପୀୟ ସଂଘ(ଇୟୁ)ର ବୈଜ୍ଞାନିକ ବର୍ଗୀକରଣ ନିୟମ ଅଧୀନରେ ପରିବେଶୀୟ ସହନୀୟ ଆର୍ଥିକ କାର୍ଯ୍ୟକଳାପ ଭାବେ ବର୍ଗୀକୃତ କରିବାରେ ୟୁରୋପିଆନ ପାର୍ଲାମେଣ୍ଟ ସମର୍ଥନ କଲାବେଳେ ଏକ ସୂଚନା ମିଳିଥିଲା । ଏହି ବିଧେୟକ ସପକ୍ଷରେ ୩୨୮ ଭୋଟ ମିଳିଥିଲାବେଳେ ବିପକ୍ଷରେ ମିଳିଥିଲା ୨୭୮ ଭୋଟ । ୩୩ ଜଣ ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ଦେଇନଥିଲେ । ଏହି ଭୋଟ କରାଯିବା ଏକ ଉତ୍ତମ ପଦକ୍ଷେପ । ଏଥିରେ ୟୁରୋପର ପରିବେଶଗତ କାର୍ଯ୍ୟକ୍ରମ ପାଇଁ ଏକ ବିର୍ତ୍ତନୀୟ ପରିବର୍ତ୍ତନକୁ ସୂଚାଉଥିବା ସାଧାରଣ ବିଚାରକୁ ଗ୍ରହଣ କରାଯାଇଥିଲା ।

ଭୌଗୋଳିକ ବିଶେଷଜ୍ଞମାନେ ଶକ୍ତିକୁ ନେଇ ସାମାଜିକ ବିପଦ ସମ୍ପର୍କରେ ଯାହା କୁହନ୍ତି ଇୟୁର ଶକ୍ତି ନୀତିରେ ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ସମ୍ଭବତଃ ସବୁଠୁ ଉଲ୍ଲେଖନୀୟ ଯେ, ୨୦୧୧ରେ ଜାପାନରେ ଫୁକୁସୀମା ଦୁର୍ଘଟଣା ପରେ ଘରୋଇ ଆଣବିକ ଶକ୍ତି ପର୍ଯ୍ୟାୟକ୍ରମେ ବନ୍ଦ କରିବାରେ ଜର୍ମାନୀର ନିଷ୍ପତ୍ତି ଜାତିସଂଘ ବିଶେଷଜ୍ଞ କମିଟି ନିଷ୍କର୍ଷ ବିରୋଧରେ ଗଲା, କାରଣ ଉକ୍ତ କମିଟି ସବିଶେଷ ଡାଟା ରେକର୍ଡିଂର ୧୦ ବର୍ଷ ପରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ କ୍ୟାନ୍‌ସର ସହ ଏହି ଘଟଣାର ସମ୍ପର୍କ ନିର୍ଦ୍ଧାରଣ କରିପାରି ନାହିଁ । ଅପରପକ୍ଷେ ଜାପାନ ନିଜେ ଆଣବିକ ଶକ୍ତି ଉତ୍ପାଦନ ଜାରି ରଖିଛି । ଉଭୟ ଜି ୭ ଏବଂ ଅନ୍ୟ ଦେଶରେ ରାଜନୈତିକ କ୍ଷେତ୍ରର ଦୁଇପକ୍ଷ(ବାମ ଓ ଦକ୍ଷିଣପନ୍ଥୀ) ଦ୍ୱାରା ଶକ୍ତି ଓ ପରିବେଶକୁ ନେଇ ନିଆଯାଉଥିବା ସାବଧାନତାପୂର୍ଣ୍ଣ ସିଦ୍ଧାନ୍ତକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ । ଏଭଳି ସ୍ଥିତି ବହୁ ସମୟରେ ନୀତି ନିର୍ଦ୍ଧାରଣରେ ବିଜ୍ଞାନର ବିଚାରଶୀଳ ଉପଯୋଗ ଠାରୁ ଅଧିକ ପ୍ରଭାବଶାଳୀ ହୋଇଯାଉଛି । କିନ୍ତୁ ଏବେ ଦକ୍ଷିଣପନ୍ଥୀ ୟୁରୋପୀୟ ରାଜନୀତିଜ୍ଞମାନେ ପରିବେଶୀୟ ନୀତି ଆଡକୁ ଢ଼ଳୁଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ସର୍ବିୟାର



ଏକ ଲିଥିୟମ ମାଇନିଂ ପ୍ରୋଜେକ୍ଟ ରଦ୍ଦ କରିବା ଘଟଣାରେ ଏହା ଦେଖାଯାଇଛି । ଏହି ସମୟରେ ଆମେରିକାରେ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ସ ଉପରେ ସରକାରୀ ନିର୍ଦ୍ଦେଶର ପୁନରାବୃତ୍ତି ସତ୍ତ୍ୱେ ଅନେକ ପ୍ରୋଜେକ୍ଟ ପରିବେଶୀୟ ବିବାଦ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ନିକଟରେ ପାସ୍ ହୋଇଥିବା ଇନ୍‌ଫ୍ଲେଶନ ରିଡକ୍ସନ ଆକ୍ଟ ଲାଗୁ ହେବାରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି । କାରଣ, ଏହାର ମାଇନିଂ ପ୍ରୋଭିଜନକୁ ବିରୋଧ କରିବାକୁ ପରିବେଶ ଲାଗି କାର୍ଯ୍ୟକରୁଥିବା ଗୋଷ୍ଠୀଗୁଡ଼ିକ ପ୍ରସ୍ତୁତ ହୋଇଗଲେଣି ।

ଏବକାର ଜଳବାୟୁ ସମ୍ପର୍କିତ ଲଢ଼େଇ ତୀବ୍ର ହୋଇଛି । ଏହା ପ୍ରକୃତି ଏବଂ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ନେଇ ଲୋକମାନଙ୍କ ବିଚାରଧାରାରେ ରହିଥିବା ମୌଳିକ ବିବାଦକୁ ପ୍ରକାଶ କରିଛି । ଜଳବାୟୁ ଉପରେ ଜୀବାଶ୍ମ ଇନ୍ଧନ ଶିଳ୍ପର ପ୍ରଭାବକୁ ନେଇ ବୈଜ୍ଞାନିକମାନେ ଦୁଃଖପ୍ରକାଶ କରୁଥିଲାବେଳେ ସମୃଦ୍ଧ ଓ ସୁଖଦ ସମାଜ ଚାହୁଁଥିବା ଲୋକମାନଙ୍କର ଶକ୍ତି ଯୋଗାଣ ଦୃଷ୍ଟିକୋଣ ଏବକାର ସ୍ଥିତିରେ କୌଣସି ନିଷ୍ପତ୍ତିକୁ ଆଗକୁ ବଢ଼ିବାକୁ ଦେଉନାହିଁ । ପରିବେଶ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉତ୍ତମ ଲକ୍ଷ୍ୟ ରଖିଥିବା ଗ୍ରେଟା ଥନ୍‌ବର୍ଗଙ୍କ ଭଳି କର୍ମକର୍ତ୍ତାମାନେ ପରିବେଶ ସଚେତନତା ଜାଗ୍ରତ କରିବାରେ ବହୁତ ବଡ଼ କାମ କରିଛନ୍ତି । କିନ୍ତୁ ପରିବେଶଗତ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ବିଷୟରେ କିଛି କମ୍ ରହିଯାଇଛି ।

ଶକ୍ତି ଯୋଗାଣ ପାଇଁ ବୃହତ୍ କୋଇଲା କିମ୍ବା ଆଣବିକ ପ୍ଲାଣ୍ଟର ଆବଶ୍ୟକତା ଉପରେ ବିଚାର କରାଯାଉ । ସୌର ଓ ବାୟୁ ଶକ୍ତି ପାଇଁ ରହିଥିବା ବ୍ୟାଟେରି ଫାର୍ମ କିମ୍ବା ଜଳବିଦ୍ୟୁତ୍ ଶକ୍ତି ନିମନ୍ତେ ଗଚ୍ଛିତ ଭିତ୍ତିଭୂମି ଅନୁପସ୍ଥିତିରେ କେବଳ ଆଣବିକ ଶକ୍ତି ଏବଂ ଜୀବାଶ୍ମ ଇନ୍ଧନ ଅତ୍ୟଧିକ ଶକ୍ତି ଯୋଗାଇ ଦେବାର କ୍ଷମତା ରହିଛି ବୋଲି ଅନେକ ଜୀବାଶ୍ମ ଇନ୍ଧନ ସମର୍ଥକ କହନ୍ତି । କିନ୍ତୁ ଏହା ଉପରେ କମ୍ ଧ୍ୟାନ ଦେଉଛନ୍ତି । ଏହି ଭିତ୍ତିଭୂମି ଲାଗି ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଧାତବ ଉତ୍ତୋଳନ ପାଇଁ ଅନୁମତି ଦେବା ଲାଗି ପରିବେଶବିତ୍‌ମାନେ ସହମତି ପ୍ରକାଶ କରିବା ଦରକାର । ଶକ୍ତି ଚାହିଦା ଲାଗି ଏହାର ରିସାଇକ୍ଲିଂ ଏବଂ ଏକ ଚକ୍ରୀୟ ଅର୍ଥ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଦରକାର । ଏଥିପାଇଁ ପ୍ରାରମ୍ଭିକ ସ୍ତରରେ ରିସାଇକେଲ କରିବାକୁ ଅଧିକ ଜିନିଷ ଗଚ୍ଛିତ ରଖିବାକୁ ପଡ଼ିବ । ଅନ୍ୟ ପକ୍ଷରେ ଖୁବ୍ ସହଜରେ ରିସାଇକେଲ ହୋଇପାରୁଥିବା ଉତ୍ପାଦ ପ୍ରସ୍ତୁତ କରିବାର ଆହ୍ୱାନକୁ ଗ୍ରହଣ କରିବାକୁ ହେବ । ଏଣୁ ଏକ ନୂଆ ଟେକ୍‌ନୋଲୋଜି ନିମନ୍ତେ ଉପଯୋଗିତା, ରିସାଇକେଲ ଏବଂ ନୂତନତ୍ୱ ମଧ୍ୟରେ କିଭଳି ସନ୍ତୁଳନ ରକ୍ଷା କରାଯାଇପାରିବ ତା'ର ମୂଲ୍ୟାୟନ କରିବା ଆବଶ୍ୟକ ।

ବ୍ୟାପକ ପ୍ରଯୁକ୍ତିଗତ ସମସ୍ୟା ଏବଂ ଚାଇନା ଓ ରୁଷିଆ ସହ ଜି୭ ଦେଶଗୁଡ଼ିକ ମଧ୍ୟରେ ଲାଗିରହୁଥିବା ଉତ୍ତେଜନାକୁ ଦେଖିଲେ ଶକ୍ତି ନୀତିର ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଜି୭ ଦେଶଗୁଡ଼ିକ ପ୍ରଥମେ ଉତ୍ସର ବିବିଧ କ୍ଷେତ୍ରରେ ନିବେଶକୁ ମାର୍ଗଦର୍ଶନ କରିବା ଲାଗି ଶକ୍ତି ସୁରକ୍ଷା ଉପରେ ଏକ ବୈଜ୍ଞାନିକ ପ୍ୟାନେଲ ଗଠନ କରିବାକୁ ହେବ । ଦେଶର ରାଜନୈତିକ ବିରଧାରାକୁ ବାଦ୍ ଦେଇ କେବଳ ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଉପରେ ପ୍ୟାନେଲର କାର୍ଯ୍ୟ କେନ୍ଦ୍ରିତ ହେବା ଉଚିତ । ପ୍ୟାନେଲର ନିଷ୍ପତ୍ତିକୁ ଲାଗୁ କରିବା ପାଇଁ ପ୍ରତିଷ୍ଠିତ ସଂସ୍ଥା ସମେତ ଜାତୀୟ ଆଇନ ମଧ୍ୟ ଦରକାର ହୋଇପାରେ । ୨୦୨୩ରେ ଜାପାନରେ ଜି୭ ସମ୍ମିଳନୀ ଅନୁଷ୍ଠିତ ହେବ । ଗୋଟିଏ ବର୍ଷରୁ କମ୍ ସମୟ ଥିଲେ ବି ଜାପାନ ଶକ୍ତି ସୁରକ୍ଷା ଓ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ।

ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ଶକ୍ତି ସୁରକ୍ଷା କରିବା ଲାଗି ସମାଧାନର ବାଟ ଦୀର୍ଘମିଆଦୀ ଯୋଜନା ମାଧ୍ୟମରେ ପ୍ରସ୍ତୁତ କରାଯିବା ଉଚିତ । ଏହା ପ୍ରକୃତିର ମୌଳିକ ନିୟମ ସହ ଅନୁକୂଳ ହେବା ଦରକାର , ରାଜନୈତିକ ଫାଇଦା ଲାଗି ନୁହେଁ । ଏବେ କାର୍ଯ୍ୟ କରୁଥିବା ଏନର୍ଜି ଚାର୍ଟର ଟ୍ରିଟି, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି କିମ୍ବା ଅନ୍ତର୍ଜାତୀୟ ଅକ୍ଷୟଶକ୍ତି ଏଜେନ୍ସିର ଆଇନ ବା ନିର୍ଦ୍ଦେଶର ଅଭାବ ରହିଛି ଓ ଏବକାର ସ୍ଥିତିରୁ ଅନେକ ସଦସ୍ୟ ଲାଭବାନ୍ ହେଉଛନ୍ତି । ଅନ୍ୟପକ୍ଷରେ ଏକ ମାନକ ସ୍ଥିର କରିବାର ଜି୭ର ମଧ୍ୟ କ୍ଷମତା ରହିଛି । ବିଶ୍ୱର ପ୍ରମୁଖ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଏହି ମାନକ ଶକ୍ତି ସୁରକ୍ଷା କରିବା ସହ ଏହାକୁ ଅନୁକରଣ କରିବାକୁ ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ସଙ୍ଗତ ବିଜ୍ଞାନ ଆଧାରିତ ମଡେଲ ସୃଷ୍ଟି କରିବ ।

**ପ୍ରାଧ୍ୟାପକ (ଶକ୍ତି ଓ ପରିବେଶ), ଡିଲାୱେର ବିଶ୍ୱବିଦ୍ୟାଳୟ, ଆମେରିକା**

# ବେସାହାରା ବାର୍ଦ୍ଧକ୍ୟ



ଅଭିମନ୍ୟୁ ଧଳ

ଜଣେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦସ୍ଥ କର୍ମଚାରୀ ଯାହାଙ୍କର ଶହୀଦ ନଗରରେ ତିନିତାଲା ବିଶିଷ୍ଟ ପ୍ରାସାଦ । ଯଥେଷ୍ଟ ବ୍ୟାଙ୍କ ବାଲାନ୍ସ ଓ ମାସିକ ପେନ୍‌ସନ ୮୦ ହଜାରରୁ ଉର୍ଦ୍ଧ୍ୱ ସେ ଯେ ଘୋର ସନ୍ତାପ ମଧ୍ୟରେ ନିଜର ପତ୍ନୀଙ୍କ ସହିତ ବେସାହାରା ଜୀବନ ବିତାଉଛନ୍ତି । ଦୁଇ ପୁଅ ବିଦେଶରେ । ଅଭାବ ନ ଥିବା ମା'ବାପା ପୁଅବୋହୂ, ନାତିନାତୁଣୀଙ୍କ ସହିତ ଫୋନରେ ଦି'ପଦ କଥା ହୋଇ ନ ପାରି ଘୋର ମନସ୍ତାପରେ ଜୀବନ କାଟୁଛନ୍ତି । ଏହି ପରିପ୍ରେକ୍ଷୀରେ ଚିନ୍ତା କରାଯାଇପାରେ ନିର୍ଦ୍ଧନ ବାର୍ଦ୍ଧକ୍ୟ କେତେ ଯନ୍ତ୍ରଣାଦାୟକ ।

ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଯେଉଁମାନଙ୍କ ବୟସ ୬୦ ବର୍ଷରୁ ଅଧିକ ପ୍ରାୟ ୧୦୪ ନିୟୁତ ଅର୍ଥାତ୍ ୧୦ କୋଟିରୁ ଅଧିକ । ବିଶ୍ୱର ମୋଟ ବୃଦ୍ଧ ସଂଖ୍ୟାର ୮.୬ ପ୍ରତିଶତ ଏମାନଙ୍କ ମଧ୍ୟରୁ ୬ ଲକ୍ଷ ଶତାୟୁ । ଭାରତରେ ହାରାହାରି ପରମାୟୁ ୬୯ ବର୍ଷରେ ପହଞ୍ଚିବା ବେଳେ ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯିବାରୁ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧିପାଉଛି । ୨୦୩୦ ସୁଦ୍ଧା ଏହି ସଂଖ୍ୟା ୫୬ ନିୟୁତ ବଢ଼ିଯିବ । ବୃଦ୍ଧ ଜନସଂଖ୍ୟାର ୪୭ ଭାଗ ପୁରୁଷ ଓ ୫୩ ଭାଗ ମହିଳା ।

ଯେଉଁମାନେ ବୟସର ଅପରାହ୍ନରେ ଉପନୀତ ସେମାନେ ଯନ୍ତ୍ରଣା, ଗାଳି, ଅପମାନ, ସ୍ୱାସ୍ଥ୍ୟ ସେବାରେ ତଥା ଦୁଇଓଳି ଦୁଇମୁଠା ଖାଇବାକୁ ନ ପାଇବା, ଭିକ୍ଷାବୃତ୍ତି କରିବା ଏପରି କି ଆତ୍ମହତ୍ୟା ପରି କରୁଣ ପରିଣତି ଦେଖିବାକୁ ମିଳୁଛି । ସମସ୍ତ ପୁଅ ବୋହୂ ଏମିତି ନୁହନ୍ତି, ଅଭାବ ଘରେ ବି ସେମାନେ ନିଜେ ନ ଖାଇ ମା'ବାପାଙ୍କୁ ଦିଅନ୍ତି, ପରନ୍ତୁ ଥିଲାବାଲା ଘରେ ମା'ବାପା ଅବହେଳିତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେନ୍‌ସନଭୋଗୀଙ୍କ ସଂଖ୍ୟା ୧ କୋଟିରୁ ଅଧିକ । ସରକାରୀ କର୍ମଚାରୀଙ୍କ ମାସିକ ପେନ୍‌ସନ ସର୍ବନିମ୍ନ ୯୦୦୦ରୁ ୧ ଲକ୍ଷ ୨୫ ହଜାର ଟଙ୍କା । ଅବଶିଷ୍ଟ ୮୦ ଭାଗ ବୟସ୍କଙ୍କ ସାମାଜିକ ସୁରକ୍ଷା ନାହିଁ । ଭବିଷ୍ୟନିଧି ପେନ୍‌ସନ ଭୋଗୀଙ୍କ ସଂଖ୍ୟା ୭୫ ଲକ୍ଷରୁ ଅଧିକ । ସେମାନେ ପାଆନ୍ତି ମାସକୁ ୧୦୦୦ ଟଙ୍କାରୁ ୪୦୦୦ ଟଙ୍କା । ଏହା ବ୍ୟତୀତ ଦେଶର ଯେଉଁ ବୃହତ୍ ବର୍ଗର ବୃଦ୍ଧବୃଦ୍ଧା ରହିଲେ ବୟସ ଅନୁସାରେ ମାସିକ ୫୦୦ରୁ ୭୫୦ ଟଙ୍କା ଭତ୍ତା ପାଉଛନ୍ତି । ଏହି ଟଙ୍କାରେ ସେମାନେ ଚଳିବା ସମ୍ଭବ କି? ଏହା ବ୍ୟତୀତ ଏମାନେ ସମସ୍ତେ ଔଷଧ ସେବନ କରନ୍ତି । ଦରଦାମ ବୃଦ୍ଧି ବେଢ଼ି ଉପରେ କୋରଡ଼ା ସାଜିଛି । ସରକାରଙ୍କଠାରୁ ଅଧିକ ପେନ୍‌ସନ ପାଉଥିବା ବୟସ୍କମାନେ ପରିବାରଠାରୁ ଅଲଗା ରହି ଏକପ୍ରକାର ନିଃସଙ୍ଗ ଜୀବନ ସାମ୍ନା କରି ନିଜକୁ ବେସାହାରା ମନେକରିବା ସ୍ୱାଭାବିକ । ଯେଉଁ ବିଶାଳ ବର୍ଗ ବୟସ୍କ ନଗଣ୍ୟ ଅର୍ଥରାଶି ପାଉଛନ୍ତି ତାହା ପରିବାର ହାତକୁ ଚାଲିଯାଏ । କେତେକ ସ୍ଥାନରେ ମାସ ମାସ ବିତିଗଲେ ସୁଦ୍ଧା ପେନ୍‌ସନ ନ ପାଇବା, ସେମାନଙ୍କ ଟିପଦେଇ ଅନ୍ୟ କେହି ଟଙ୍କା ହଡ଼ପ କରିବା ଏପରି କି ଚାଲିପାରୁ ନ ଥିବା ବୃଦ୍ଧବୃଦ୍ଧା ମାଇଲ ମାଇଲ ଯାଇ ଟଙ୍କା ଆଣିବା କାହାରିକୁ ଅଛପା ନାହିଁ ।

ବୃଦ୍ଧ କାଳର ସମସ୍ୟା ଅନେକ, ବାର୍ଦ୍ଧକ୍ୟ ମଣିଷର ଶକ୍ତି ହ୍ରାସ କରେ, ରୋଗ ଆଣେ ଓ ତାଙ୍କୁ ଅନ୍ୟ ଉପରେ ନିର୍ଭରଶୀଳ କରାଏ । କେତେକ କ୍ଷେତ୍ରରେ ଏହି ଲୋକମାନେ କିଛି ପାର୍ଟ ଟାଇମ କାମ କରିବା ବା ଫୁଲ୍ ଟାଇମ କାମ କରି କିଛି ଉପାର୍ଜନ କରିବାକୁ ଚାହୁଁଥିଲା ବେଳେ ତାହା ହୋଇପାରେ ନାହିଁ । ୨୦୨୨ ହେଲ୍ପେଜ ଇଣ୍ଡିଆର ସର୍ଭେ ରିପୋର୍ଟ ଅନୁସାରେ ୪୬ ପ୍ରତିଶତ ବରିଷ୍ଠ ନାଗରିକ କାମ କରି ଅର୍ଥ ରୋଜଗାର କରିବାକୁ ରାଜି । ଯେଉଁ ଦେଶରେ ଲକ୍ଷ ଲକ୍ଷ ଯୁବକଯୁବତୀ ବେକାରି ଜୀବନ ବିତାଉଛନ୍ତି, ଏମାନଙ୍କ କଥା ପଚାରେ କିଏ?

ସମ୍ବିଧାନରେ ବରିଷ୍ଠ ନାଗରିଙ୍କ ସୁରକ୍ଷା ଓ ସେବା ସହ ଯତ୍ନ ଆଦିର ବ୍ୟବସ୍ଥା କଥା ଉଲ୍ଲେଖ ରହିଛି । ସେଥିପାଇଁ ରାଷ୍ଟ୍ର ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି । ଆହୁରି ମଧ୍ୟ ବୁଢ଼ା ବୟସରେ ମା'ବାପାଙ୍କର ଦେଖାଶୁଣା କରିବା ବାଧ୍ୟତାମୂଳକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏହା କେବଳ ଧର୍ମକୁ ଆଖିଠାର ଭଳି । ଯେଉଁ ମା'ବାପା ସ୍ନେହ ମମତା ଦେଇ ନିଜ ରକ୍ତର ମଙ୍ଗଳ କାମନା କରିଆସନ୍ତି ସେମାନେ ଅଦାଲତକୁ ଯିବା ଅପେକ୍ଷା ମୃତ୍ୟୁକୁ ଶ୍ରେଷ୍ଠ ମଣିଥାନ୍ତି । ପ୍ରତ୍ୟେକ ବର୍ଗର ଲୋକ ଧନୀଠାରୁ ଗରିବ ପରିବାର ପର୍ଯ୍ୟନ୍ତ ବୃଦ୍ଧ ମାତାପିତାଙ୍କୁ ଅଣଦେଖା କରିବା ପାଶ୍ଚାତ୍ୟ ସଭ୍ୟତାର ପ୍ରତିଫଳନ । ବୃଦ୍ଧ ଅବସ୍ଥାରେ ସେମାନଙ୍କର ଶିଶୁସୁଲଭ ଗୁଣ ପରିପ୍ରକାଶ ହୁଏ ଯାହାକୁ ଆମେ 'ବାଲଭୋଳ' ବୋଲି କହିଥାଉ । ସେମାନଙ୍କ କଥାକୁ ନ ମାନି ନମ୍ରତାର ସହିତ ଶୁଣିଯିବା ଉଚିତ ଏବଂ ଯାହାର ସାମାଜିକ ସମ୍ପର୍କ ଯେତେ ସୁଦୃଢ଼ ସେମାନେ ବୃଦ୍ଧକାଳରେ ସେତେ ଚାପମୁକ୍ତ । ଯେଉଁ ଦାୟାଦମାନେ ଏମାନଙ୍କୁ ପଚାରିବେ ନାହିଁ, ସେଥିପାଇଁ ସରକାର, ସ୍ୱେଚ୍ଛାସେବୀ ସଂଗଠନମାନେ ହାତ ବଢ଼ାଇ ଦିଅନ୍ତି । ଆଗକୁ ଏହି ସମସ୍ୟା ଆହୁରି ଉତ୍କଟ ହେବ । ତେଣୁ ଏମାନଙ୍କ ଅନ୍ତିମ ଜୀବନ ଭଲରେ କଟିବା ପାଇଁ ଅଧିକ ଜରାଶ୍ରମ ନିର୍ମାଣ କରି ଏହି ବେସାହାରାମାନଙ୍କୁ ଥଇଥାନ କଲେ ସମସ୍ୟାର ସମାଧାନ ହୋଇପାରିବ ।

**ଓସଂଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୮୬୧୦୪୮୦୫୨**

## ଏଇ ଭାରତରେ

କପଡ଼ା କମ୍ପାନୀର ଅନେକ ହଜାର କେ.ଜି. ଅଦରକାରୀ କପଡ଼ା ଠୁଳ ହୋଇ ରହେ । ବହୁମସୟରେ ଏହାକୁ ବାହାରେ ଫିଙ୍ଗି ଦିଆଯାଏ, ଯାହା ପରିବେଶ ଲାଗି ବିପଦ । ଏହାର ଗମ୍ଭୀରତାକୁ ଚିନ୍ତା କରି ବର୍ଜ୍ୟ ବା ଅଦରକାରୀ କପଡ଼ାର ଅପସାଇକ୍ଲିଂ କରୁଛନ୍ତି ଦିଲ୍ଲୀର ଡିଜାଇନର କିର୍ତ୍ତୀ ତୁଲା । ସେ ବର୍ଜ୍ୟ କପଡ଼ାରୁ କମ୍ ପାଣି ଉପଯୋଗ କରି ବିଭିନ୍ନ ଡିଜାଇନ ପୋଷାକ ତିଆରି କରୁଛନ୍ତି । କିର୍ତ୍ତୀ ପରିବେଶ ଉପଯୋଗୀ ଫ୍ୟାଶନ ବ୍ରାଣ୍ଡ୍ 'ଡୁଡୁଲେଜ' ଦ୍ୱାରା ଏହି କାର୍ଯ୍ୟ କରୁଛନ୍ତି । ସେ ୨୦୧୨ରେ ଉକ୍ତ ବ୍ରାଣ୍ଡ୍ ପ୍ରତିଷ୍ଠା କରିଥିଲେ । କିର୍ତ୍ତୀ ଏବଂ ତାଙ୍କ ବ୍ରାଣ୍ଡ୍ ସହରକୁ ଅଦରକାରୀ କପଡ଼ା ଠୁଳ ହେବା ସମସ୍ୟାରୁ ମୁକ୍ତ କରିବାରେ ବେଶ୍ ସହାୟକ ହୋଇପାରିଛି । କିର୍ତ୍ତୀ ଲଣ୍ଡନରେ ଡିଜାଇନିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଆଲାଏଡ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲେର୍ସ ପ୍ରାଇଭେଟ ଲିମିଟେଡ୍ ସହିତ ମିଶି ଏବେ ସୁଦ୍ଧା ୫,୦୦୦ କେଜି ଅଦରକାରୀ କପଡ଼ା ଉପଯୋଗ କରିସାରିଲେଣି ଓ ୪୬ ମିଲିୟନ ଲିଟର ପାଣି ବଞ୍ଚାଇ ପାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୫ ସେପ୍ଟେମ୍ବର ୧୯୯୭**

- ସେନିଗାଲର ଦକ୍ଷିଣାଞ୍ଚଳରେ ସରକାରୀ ସୈନ୍ୟ ଏବଂ ବିଦ୍ରୋହୀଙ୍କ ମଧ୍ୟରେ ତୁମୁଳ ସଂଘର୍ଷ ଘଟି ୨୬ ନିହତ ।
- ଜର୍ମାନୀର ଏକ ସାମରିକ ବିମାନ ଆଙ୍ଗୋଲା ଉପକୂଳରେ ଦୁର୍ଘଟଣାଗ୍ରସ୍ତ ହୋଇ ଆଟଲାଣ୍ଟିକ ମହାସାଗର ମଧ୍ୟକୁ ଖସିପଡ଼ିବା ଫଳରେ ୨୪ ଯାତ୍ରୀ ମୃତ ।
- ମଧ୍ୟପ୍ରଦେଶର ବିଳାସପୁର ଜିଲାସ୍ଥିତ ଚାମ୍ପା ନିକଟରେ ଅହମ୍ମଦାବାଦ-ହାୱଡ଼ା ଦ୍ରୁତଗାମୀ ଟ୍ରେନ୍‌ର ୫ଟି ବଗି ହାଁସଦେବ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୧୦୦ ଯାତ୍ରୀଙ୍କ ମୃତ୍ୟୁ ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 7 | |
| | 7 | | | 3 | | 1 | | 5 |
| | | | | 2 | | 3 | 8 | 9 |
| 7 | | 6 | | | | | | |
| | | | | | 9 | | | |
| 3 | | 8 | | | | | | |
| | 3 | | 7 | 1 | | | | 6 |
| | 6 | 4 | | | 2 | 5 | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 7 | 2 | 6 | 1 | 9 | 3 |
| 1 | 7 | 6 | 8 | 9 | 3 | 5 | 2 | 4 |
| 9 | 3 | 2 | 1 | 5 | 4 | 8 | 7 | 6 |
| 6 | 8 | 4 | 2 | 1 | 5 | 9 | 3 | 7 |
| 7 | 2 | 3 | 6 | 8 | 9 | 4 | 1 | 5 |
| 5 | 9 | 1 | 4 | 3 | 7 | 2 | 6 | 8 |
| 2 | 1 | 7 | 5 | 6 | 8 | 3 | 4 | 9 |
| 4 | 5 | 9 | 3 | 7 | 2 | 6 | 8 | 1 |
| 3 | 6 | 8 | 9 | 4 | 1 | 7 | 5 | 2 |

ଗତକାଲିର ଉତ୍ତର

# ଭାଷା ହିଁ ଜାତିର ଭବିଷ୍ୟତ



ଉପେନ୍ଦ୍ର ବିଶ୍ୱାଳ

କଟକସ୍ଥ ସିଡିଏ-୮ରେ ରୁହନ୍ତି ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ସେବାନିବୃତ୍ତ ଅଧିକାରୀ । ଏକଦା ପାଞ୍ଚଜଣିଆ ଯୁବାଦଳଟି ଆସି ପହଞ୍ଚିଲା ତାଙ୍କ ଘରେ । ହାତରେ ଥାଏ 'ପୂଜା' ରସିଦ । ଆଜ୍ଞାଙ୍କୁ ଦେଖି ସେମାନେ ବଢ଼େଇଦେଲେ ଦୁଇଶହ ଟଙ୍କାର ରସିଦ୍‌ଟିଏ । 'ରାଡାର' ବିଶେଷଜ୍ଞ ଜଣଙ୍କ ଶିଷ୍ଟତାରେ ପିଲାଙ୍କୁ ଡାକିନେଲେ ଘର ଭିତରକୁ । ସସ୍ନେହେ ପିଲାଙ୍କ କୁଶଳ ଜିଜ୍ଞାସା କରିସାରି କହିଲେ- ତୁମେମାନେ ଆଗ ନିର୍ଭୁଲ ଭାବେ 'ଗଣେଶ ପୂଜା' ବନାନ କହିଦେଲେ ଦୁଇ ବଦଳରେ ପାଞ୍ଚଶହ ଟଙ୍କା ଦେବି । ସମସ୍ତେ ନିରୁତ୍ତର ରହିବାରୁ ପୁଣି ସେ କହିଲେ- "ତୁମେ କଲେଜ ପିଲାମାନେ ଗଣପତିଙ୍କ ପୂଜା ପାଇଁ ବାହାରିଛ, ଖୁବ୍ ଭଲକଥା । ପ୍ରଥମେ ତ ବନାନ ଜାଣିନ, ତା'ପରେ 'ଗଣେଶ'ଙ୍କୁ ବିକୃତ କରି ଲେଖିଛ 'ଗଣେଷ' । ଏହା କ'ଣ ବିଦ୍ୟାଦାତା ଗଣେଶଙ୍କ ପ୍ରତି ଅପମାନ ନୁହେଁ କି? ସେମିତି ବି ପାର୍ବଣ ପର୍ବ ଆସିଗଲେ ରସିଦ୍ ଧରି ତୁମେମାନେ ଆସି ପହଞ୍ଚିଯିବ ଚାନ୍ଦା ପାଇଁ । ସେତେବେଳେ ସେମିତି ବି ଅପମାନ କରିଥାଅ ମା' ଦୁର୍ଗାଙ୍କୁ । ଦୁଷ୍ଟନାଶିନୀ, ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କୁ ତୁମେସବୁ ନୂଆ ନାଁ ଦିଅ-'ଦୂର୍ଗା' । ସେ ପରା ଆମ ମାଆ । ଜ୍ଞାତରେ ହେଉ ଅବା ଅଜ୍ଞାତରେ, ଆମ ଦେବଦେବୀଙ୍କ ପ୍ରତି ଏଭଳି ଅସମ୍ମାନଭାବ ଦୋଷାବହ ନୁହେଁ କି? ଏତାଦୃଶ ତ୍ରୁଟିରେ ଅସଲ କାରଣ ହେଉଛି, ମାତୃଭାଷା ପ୍ରତି ତୁମ୍ଭର ଅନୁରାଗର ଅଭାବ । ବାବୁରେ, ମା', ମାତୃଭୂମି ଓ ମାତୃଭାଷାକୁ ଯଦି ଭଲ ନ ପାଇବୁ, ତେବେ କାହାକୁ ଆମେ ଭଲ ପାଇବା? 'ଜୟ ସାଲିମାର' ମରୁ ଅଞ୍ଚଳରେ ଶତ୍ରୁର ବୋମାମାଡ଼ରେ ଗୋଟେ ଗୋଡ଼ ହରାଇଥିବା ତଥା ବିଶ୍ୱପ୍ରସିଦ୍ଧ 'ରିଡର ଡାଇଜେଷ୍ଟ' ପତ୍ରିକାର ପ୍ରାକ୍ତନ କର୍ମଚାରୀଙ୍କ ଏହି କେଇପଦ କଥା ପିଲାମାନଙ୍କୁ କେତେଦୂର ପ୍ରଭାବିତ କଲା କେଜାଣି, ଆଜ୍ଞାଙ୍କ ଚରଣ ଛୁଇଁ ସେଦିନ ଫେରିଆସିଥିଲେ ସମସ୍ତେ ।

ଲୋକମୁଖରେ ବୋଲାଯାଇଥାଏ ବହୁ ପ୍ରଚଳିତ ପ୍ରବାଦଟିଏ-"ଚାଷ ହୁଡ଼ିଲେ ବରଷେ, ଭାଷା ହୁଡ଼ିଲେ ପୁରୁଷେ ।" ଅର୍ଥାତ୍ ଚାଷକାମରେ ଜଣେ ବିଫଳ ହେଲେ ବା ଚାଷ ପ୍ରତି ବିମୁଖ ହେଲେ, ଚାଷୀକୁ ବର୍ଷଟିଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥାଏ, ମାତ୍ର ଭାଷା ବିମୁଖତା ବା ଅବହେଳା ପାଇଁ ଗୋଟେ ପୁରୁଷ ପର୍ଯ୍ୟନ୍ତ ଦୁର୍ଦ୍ଦିନକୁ ସାମ୍ନା କରିଥାଏ ଜାତି । ଭାଷା ଯେତେ ଉଦ୍ଭାସିତ ହେବ ସାହିତ୍ୟ-ସଂସ୍କୃତି ସେତେ ଐଶ୍ୱର୍ଯ୍ୟମୟ ହେବ । ଭାଷା ବି ଗୋଟେ ଭୂମିର ଭାଗ୍ୟ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ, ଯାହାର ଜ୍ୱଳନ୍ତ ନମୁନା ହେଉଛି 'ଇସ୍ରାଏଲ'ର 'ହିବ୍ରୁ' ଭାଷା ।

ଏହି ପରିପ୍ରେକ୍ଷୀରେ ସବୁଠୁ ପ୍ରଣିଧାନ ପ୍ରସଙ୍ଗ ଯାହା ଗୋଟେ ଜାତି ପାଇଁ ଅତୀବ ଅପରିହାର୍ଯ୍ୟ, ତାହା ହେଉଛି ମାତୃଭାଷାର ସୁରକ୍ଷା, ସମୃଦ୍ଧି ଓ ସମ୍ବର୍ଦ୍ଧନ । ସେଥିପାଇଁ ଉତ୍କୃଷ୍ଟ ଉପାୟ ହେଉଛି, ମାତୃଭାଷାର ଉପଯୁକ୍ତ ଜ୍ଞାନ ଆହରଣ । ଆମ ଭାଷା ଏକ ପୂର୍ଣ୍ଣାଙ୍ଗ ଓ ପ୍ରାଚୀନ ଭାଷା । ବିଶ୍ୱର ସମୁଦାୟ ୭୧୦୨ ଭାଷା ମଧ୍ୟରେ ବହୁ କଥିତ ୩୬ତମ ଭାଷା ହେଉଛି ଓଡ଼ିଆ ଭାଷା । ଭାରତର ୨୯ଟି ସ୍ୱୀକୃତ ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ଦଶମରେ ରହିଛି । ଏହା ମଧ୍ୟ ଝାଡ଼ଖଣ୍ଡର ୨ୟ ସରକାରୀ ଭାଷା ଏବଂ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ବହନ କରେ । ଓଡ଼ିଆ ଭାଷା- ଆମ ଉତ୍କର୍ଷର ଉତ୍ପ୍ରେରକ । ଅତି ସୁନ୍ଦର ଆମ ମାତୃଭାଷାକୁ ଅଣଦେଖା କରି 'ଇଂଲିଶ୍'



ଭାଷାକୁ ପ୍ରାଧାନ୍ୟ ଦେଉଥିବା ଆମ ଯୁବାବର୍ଗ ଜାଣିରଖିବା ଉଚିତ ଯେ ଆଜି ସୁଦ୍ଧା ସାରାବିଶ୍ୱର ମାତ୍ର ୧୧ଟି ଦେଶରେ ଏ ଭାଷା ପ୍ରଚଳିତ । ମିଳିତ ଜାତିସଂଘରେ ମଧ୍ୟ ଏହା ପ୍ରଚଳିତ ଭାଷା ନୁହେଁ (ପ୍ରଚଳିତ ଭାଷା-ଫରାସୀ) । ପୁଣି ଏହା ଏକ ଜଟିଳ ଭାଷା, ଉଭୟେ ପଢ଼ିବା-ଲେଖିବା-କହିବାରେ । ଅନ୍ୟପକ୍ଷରେ ଆମ ଓଡ଼ିଆ ଏକ ସରଳ, ସାବଲୀଳ, ବିଜ୍ଞାନସିଦ୍ଧ ସମୃଦ୍ଧ ଭାଷା । ଆମର ଏଥିରେ ମାତ୍ର ୬ଟି ସ୍ୱରଧ୍ୱନି ଥିବାରୁ ଉଚ୍ଚାରଣରେ ଅସୁବିଧା ନ ଥାଏ । ଯେଉଁଠି ଇଂଲିଶ ଭାଷାରେ ସ୍ୱରଧ୍ୱନି ରହିଛି ୪୪ଟି, ଯାହାକି ଉଚ୍ଚାରଣରେ ସାମଞ୍ଜସ୍ୟ ନ ଥାଏ କି ନ ଥାଏ ସ୍ୱଚ୍ଛତା । ସେଇଥିପାଇଁ ତ ଜର୍ଜ ବର୍ନାଡ୍ ଶ' ଇଂଲିଶ ଭାଷାକୁ ଖୁବ୍ ତାଚ୍ଛଲ୍ୟ କରୁଥିଲେ । ଏକଦା 'GHOTI' ଲେଖି ଏହାର ଅର୍ଥ କହିପାରିଲେ ୫୦୦ ପାଉଣ୍ଡ ପୁରସ୍କାର ଦେବେ ବୋଲି ଘୋଷଣା କଲେ । କେହି ଜଣେ ହେଲେ ବି ଠିକ୍ କହିପାରିଲେ ନାହିଁ । ତାଙ୍କ କହିବାନୁଯାୟୀ 'Laugh'ରେ gh ହେଉଛି "ଫ", 'Women'ରେ wo ହେଉଛି 'ଉ' ଅର୍ଥାତ୍ o ହେଉଛି 'ଇ', Nationରେ ti ହେଉଛି 'ସ' । ତଦନୁସାରେ 'Gh-o-ti' ହେଉଛି 'ଫିସ୍' । ଭାଷା ରାଜ୍ୟରେ 'ଓଡ଼ିଆ' ଆମର ରାଜକୁମାରୀ ହେଲେ 'ସଂସ୍କୃତ' ରାଜରାଣୀ ଏବଂ 'ଇଂଲିଶ୍' ହେଉଛି ଚାକରାଣୀ । ଇଂଲିଶ ଭାଷା ମାତ୍ର ୨୬ ଅକ୍ଷରକୁ ନେଇ ଭାରାକ୍ରାନ୍ତ ଥିବାବେଳେ ଓଡ଼ିଆ ଭାଷା ୩୯ରୁ ଉର୍ଦ୍ଧ୍ୱ ଅକ୍ଷରକୁ ନେଇ ବେଶ୍ ସମୃଦ୍ଧ । ଦୃଷ୍ଟାନ୍ତସ୍ୱରୂପ ଇଂଲିଶ ଭାଷାରେ ଆମପରି ଶବ୍ଦର ସମ୍ଭାର ନ ଥିବାରୁ କକା, ବଡ଼ବାପା, ମାମୁ, ପିଉସା, ମଉସା, ପଡ଼ୋଶୀମାନଙ୍କୁ ଗୋଟେ ଶବ୍ଦ 'uncle'ରେ ହିଁ ସୂଚିତ କରାଯାଇଛି । ଏହା ତ ସେ ଭାଷାର ଦୈନ୍ୟତା ଓ ରୁଗ୍ଣତା । ଆମପରି ଶବ୍ଦର ସମ୍ଭାର ନ ଥିବାରୁ ଭାଷାର ଦୈନ୍ୟତା ଓ ଆମପରି ଭାବ ଓ ସମ୍ପର୍କର ଅଭାବରୁ ତାହା ଏକପ୍ରକାର ବେମାରି । କାରଣ କକା-ବଡ଼ବାପା-ମାମୁ-ମଉସା-ପିଉସାମାନେ ଗୋଟିଏ ନୁହଁ, ସେମାନେ ଆମର ଭିନ୍ନ ଭିନ୍ନ ସମ୍ପର୍କର । ସେମିତି ବି ଗୋଟିଏ 'aunty' ଶବ୍ଦରେ ଏକାଧିକ ସମ୍ପର୍କ ସୀମିତ । ସମ୍ପର୍କର ସେତୁଟିଏ 'ଆଇନ'ର ସାହାରାରେ ଗଢ଼ା ହେଲାଭଳି father/mother/brother/sister in 'law' । ଏବେ ଆସନ୍ତୁ ଟିକେ ସାମାନ୍ୟ ଦୃଷ୍ଟି ପକେଇବା ଓଡ଼ିଆ ଭାଷା ସମ୍ଭାର ଉପରେ; 'ଇଚ୍ଛା' ଶବ୍ଦକୁ ନେଇ କେମିତି ଅନେକଗୁଡ଼ିଏ ଶବ୍ଦ ଏଥିରେ ଗୁନ୍ଥାଯାଇଛି । ଜିତିବାର ଇଚ୍ଛା- ଜିଗୀଷା, ଖାଇବାର ଇଚ୍ଛା-ଜିଘତ୍ସା, ଜାଣିବାର-ଜିଜ୍ଞାସା, କରିବାର-ଚିକୀର୍ଷା, ବଞ୍ଚିବାର-ଜିଜୀବିଷା, ବିଜୟର-ବିଜିଗୀଷା, କହିବାର-ବିବକ୍ଷା, ଦେଖିବାର-ଦିଦୃକ୍ଷା, ଯିବାର-ଜିଗମିଷା ଆଦି ଅନେକ । ଗଣମାଧ୍ୟମରେ ଭାଷା ଓ ଶବ୍ଦର ବିକୃତ ପରିବେଷଣ ଆଜି ଅତିମାତ୍ରାରେ ବ୍ୟଥିତ କରେ ଭାଷାପ୍ରେମୀ ଓ ଭାଷା ବିଶାରଦ୍‌ମାନଙ୍କୁ । କାରଣ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ମଧ୍ୟ ବାରମ୍ବାର ସେହି 'ଭାଷା ଓ ଶବ୍ଦ'ର ଭୁଲ୍ ବ୍ୟବହାରକୁ ଠିକ୍ ଭାବେ ଗ୍ରହଣ କରିନିଏ । ଶବ୍ଦର ଅସଦ୍‌ବ୍ୟବହାର/ଅପବ୍ୟବହାର ଯୋଗୁ ସଙ୍କଟଗ୍ରସ୍ତ ହୁଏ ଭାଷା । ପ୍ରଶାସନିକ କ୍ଷେତ୍ର ହେଉ ଅବା ବିଜ୍ଞାପନ କ୍ଷେତ୍ର, ଏପରି କି ସର୍ବସାଧାରଣ କ୍ଷେତ୍ରରେ ବି ଭାଷା ପ୍ରତି ପ୍ରୀତିଭାବ ଅଭାବରୁ ଅଣନିଃଶାସୀ ଆଜି ଆମ ଓଡ଼ିଆ ଭାଷା । ବିଳମ୍ବରେ ହେଲେ ବି ଏବେ ଆଗେଇ ଆସିଛି, 'ଓଡ଼ିଆ ଭାଷା ପ୍ରତିଷ୍ଠାନ । ପ୍ରତିଷ୍ଠାନ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ହେଉଛି କର୍ମଶାଳାମାନ । ଭାଷା ଓ ଭୂମି ପ୍ରତି ବିମୁଖ ହେବା, ସେଥିରୁ ବିଚ୍ଛିନ୍ନ ହୋଇ ରହିବା ଜାତି ପ୍ରତି ଆତ୍ମଘାତୀ ସଦୃଶ, ଯାହା ଥିଲା ମ୍ୟାକ୍‌ଲେଙ୍କ ସେଦିନର ରଣନୀତି । ସେଥିପାଇଁ ଆମ ଭାଷାର ସୁଯୋଗ୍ୟ ସେନାପତି 'ଫକୀର ମୋହନ' ଉଦ୍‌ଘୋଷ କରିଯାଇଛନ୍ତି- "ଭାଷା ହିଁ ଜୀବନୀ ଶକ୍ତି ଜାତିମାନଙ୍କର ।"

**ମୋ-୯୪୩୭୪୩୬୦୭୩**

## ପାଠକ ଶ୍ରେଷ୍ଠ ବିଚାରକ

### ଇନ୍ଦିରା ଆବାସରେ ଦୁର୍ନୀତି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ୍‌ରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟରେ ଦୁର୍ନୀତ ହେଉଛି । ତଦନ୍ତ ଆଖିରେ ଧୂଳିଦେବା ପାଇଁ ବିଭିନ୍ନ ପ୍ରକାରେ ଚତୁରତାର ସହ ଏହି କାର୍ଯ୍ୟଗୁଡିକ କରାଯାଉଛି । ଠିକାଦାରମାନେ ମେଶିନ ଲଗାଇ ନାଳଗୁଡିକୁ ଖୋଳି ପକାଇ ଏହା ଡ୍ରେନେଜ ଓ ଇରିଗେସନ ବିଭାଗର ଟେଣ୍ଡର କ୍ଲାସ ବୋଲି କହି ଲୋକଙ୍କୁ ଭୁଆଁ ବୁଲାଇବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜେଇ, ଭିଏଲ୍‌ଡବ୍ଲ୍ୟୁ, ସରପଞ୍ଚଙ୍କ ସଲାସୁତରାରେ ଜବ୍‌କାର୍ଡଧାରୀଙ୍କ ନାମ ଏଣ୍ଟ୍ରି କରି ଅର୍ଥ ହଡ଼ପ କରାଯାଉଛି । ମୋ ପୋଖରୀ ଯୋଜନାରେ ପୁରୁଣା ପୋଖରୀଗୁଡିକୁ ଚାଞ୍ଛି ବିଲ୍ କରାଇ ଅର୍ଥ ବାଣ୍ଟି ନେଉଥିବା ଅଭିଯୋଗ ଆସୁଛି । ଏପରି କି ଏହି ଦୁର୍ନୀତିରେ ଡ୍ରେନେଜ ଡିଭିଜନ ମଧ୍ୟ ସାମିଲ ହୋଇ ଗତବର୍ଷର ନରେଗା ଯୋଜନାରେ ଖୋଳାଯାଇଥିବା ନାଳଗୁଡିକୁ ନାମକୁମାତ୍ର ଟେଣ୍ଡର କରି ଉକ୍ତ ପୁରୁଣା କାମ ଉପରେ ବିଲ୍ କରି ନେବାର ପ୍ରମାଣ ଦେଖିବାକୁ ମିଳୁଛି । କେତେକ ପଞ୍ଚାୟତରେ ଡବଲ, ଟ୍ରିପଲ ଇନ୍ଦିରା ଆବାସ ପାଇଥିବା ପରିବାର ସଦସ୍ୟଙ୍କୁ ଚଞ୍ଚକତାପୂର୍ଣ୍ଣ ଭାବେ ବିଲ୍ କରି ଦେଇଥିବା ଘଟଣା ପ୍ରକାଶ ପାଉଛି । ତେବେ ଏସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯିବା ଦରକାର ।

**-ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ !
ଧରାରେ ଖେଳୁଛି ଛବି କାନ୍ତ ।

-(ଶରତ-ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୫ ସେପ୍ଟେମ୍ବର, ୨୦୨୨



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଟାଟା ମୋଟର୍ସର ନେକସନ କାର ନୂତନ ମଡେଲ ଶୁଭାରମ୍ଭ, ପରଧିଆପାଲିସ୍ଥିତ ଲଙ୍କେଶ୍ୱରୀ ମୋଟର୍ସ, ସନ୍ଧ୍ୟା ୫ଟା ।
- ୟୁଥ୍ ଫର ଆକ୍ସନ ପକ୍ଷରୁ ବୈଠକ, ଶିଳା ଟାୱାର ସଭାକକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ୨ଟା
- ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ହାୱା ମଇଦାନ, ଅପରାହ୍ନ ୨ଟା ।

## ସଂକ୍ଷେପରେ

### ସମ୍ବଲପୁର ରେଳ ମଣ୍ଡଳରେ ଇ-ନିଲାମ ପ୍ରଣାଳୀ ଆରମ୍ଭ

**ସମ୍ବଲପୁର,୧୪।୯(ବ୍ୟୁରୋ):** ସମ୍ବଲପୁର ରେଳ ମଣ୍ଡଳରେ ଇ-ନିଲାମ ପ୍ରଣାଳୀ ମାଧମରେ କାର୍ଯ୍ୟ ଆରମ୍ଭ ହୋଇଛି। ବିଭିନ୍ନ ବାଣିଜ୍ୟିକ ଓ ନନଫେୟାର ରାଜସ୍ୱ ଚୁକ୍ତିନାମା ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇଛି। ଆଗ୍ରହୀ ବ୍ୟକ୍ତି ଅଧିକ ସୂଚନା ଓ ସମ୍ବଲପୁର ମଣ୍ଡଳର ଇ-ନିଲାମ ତାରିଖ ପାଇଁ ଆଇଆର୍‌ଇପିଏସ୍ ୱେବସାଇଟ ଦେଖିପାରିବେ। ଇ-ନିଲାମରେ କୌଣସି ପ୍ରଶ୍ନ ବିଷୟରେ ଜାଣିବାଲାଗି ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ବୁଧବାର ଏନେଇ ଏକ ପ୍ରେସ୍ ବିବୃତ୍ତିରେ ସମ୍ବଲପୁର ମଣ୍ଡଳ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି।

### ପୋଖରୀରେ ବୁଡ଼ି ଜୀବନ ଗଲା

**କୋଲାବିରା,୧୪।୯ (ଡି.ଏନ.ଏ.):** କୋଲାବିରା ଥାନା ଅନ୍ତର୍ଗତ ଡଣ୍ଡାବୁଡା ଗ୍ରାମର ଚୁଡାମଣି ପଟେଲ (୫୦) ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନାମତେ ଚୁଡାମଣି ପ୍ରତିଦିନ ଆଖପାଖ ଅଞ୍ଚଳରୁ ଫୁଲ ସଂଗ୍ରହ କରୁଥିବାବେଳେ ତାଙ୍କ ସ୍ତ୍ରୀ ଏହାକୁ ବଜାରରେ ବିକ୍ରି କରିଥାନ୍ତି। ଏଥିରେ ତାଙ୍କ ପରିବାର ଚଳିଥାଏ। ମଙ୍ଗଳବାର ସକାଳେ ଚୁଡାମଣି ଫୁଲ ସଂଗ୍ରହ କରିବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏପରିସ୍ଥଳେ ସୋଡାମାଲ ପଞ୍ଚାୟତ ଆମଝରନ ଗ୍ରାମ ପୋଖରୀ ହୁଡାରେ ଏକ ସାଇକେଲ, ଚପଲ ଓ ମୋବାଇଲ ଥିବା ଦେଖି ଗ୍ରାମବାସୀ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ ରାତି ହୋଇଯିବାରୁ କୌଣସି ଖୋଜ ଖବର ମିଳି ନ ଥିଲା। ବୁଧବାର ସକାଳେ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ଚୁଡାମଣିଙ୍କ ମୃତଦେହ ଚିହ୍ନଟ କରିବା ସହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଚୋରି ସାମଗ୍ରୀ ଉଦ୍ଧାର, ୫ ଗିରଫ



**ପଡିଆବାହାଲ, ୧୪।୯(ଡି.ଏନ.ଏ.):** ଝୁମୁମୁରା ଥାନା ଅନ୍ତର୍ଗତ ବସିଆପଡା ମା' ଶେରାବଲି ଷ୍ଟୋନ ୱାର୍କସରୁ ଗତ ୨୫ତାରିଖ ରାତିରେ ଚୋରି ହୋଇଥିବା ନେଇ ଦୋକାନ ମାଲିକ ମାନେଶରର ଏସ୍ ମନୋଜ କୁମାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଥିବାବେଳେ ବୁଧବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବସିଆପଡାର ଆଶୁ ଦେହୁରି, ପିଟର ତିର୍କୀ, ପର୍ଶୁରାମ ଭୋଇ, ପ୍ରଶାନ୍ତ ଭୋଇ ଓ ସଦାନନ୍ଦ ବିଶ୍ୱାଳ। ସେମାନଙ୍କଠାରୁ ଚୋରି ହୋଇଥିବା ୱେଲଡିଂ ମେଶିନ, ଟେବୁଲ ଲୁହା ବେଡ଼, ୨ଟି ହାଇଡ୍ରୋଲିକ ଆଇରନ ଭେହିକିଲ, ବେଲଚା, ବୈଦ୍ୟୁତିକ ସାମଗ୍ରୀ ଆଦି ଉଦ୍ଧାର କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ରାଜକୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ତଲାବିରା ଖଣିରୁ କୋଇଲା ଚୋରି ସନ୍ଦେହ

**ସମ୍ବଲପୁର,୧୪।୯(ବ୍ୟୁରୋ)**

- ବିପରୀତ ଦିଗରେ ୩୫କି.ମି. ଆସି ଧରାପଡିଲା ଟ୍ରକ୍
- ଖଣି ଅଧିକାରୀ, ଟ୍ରାନସ୍ପୋର୍ଟର ସମ୍ପୃକ୍ତି ଅଭିଯୋଗ



ଶାସନ ଥାନା ପୋଲିସ ଅଟକ ରଖିଥିବା ଟ୍ରକ୍ ।

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରାରେ ଏନ୍‌ଏଲ୍‌ସି ପକ୍ଷରୁ ଉତ୍ତୋଳନ ହେଉଥିବା ଖଣିରୁ କୋଇଲା ଚୋରି ନେଇ ଅଭିଯୋଗ ହେଉଛି। ଶାସନ ଥାନା ପ୍ରଧାନପାଲି ରେଳ ଫାଟକ ନିକଟରେ ଟ୍ରକ୍ ଯାଞ୍ଚ କରିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଖଣିରୁ ଏକ ଟ୍ରକ୍ କୋଇଲା ଧରି ସୁନ୍ଦରଗଡ ପଟକୁ ନ ଯାଇ ବିପରୀତ ରାସ୍ତା ସମ୍ବଲପୁର ପଟକୁ ପ୍ରାୟ ୩୫ କି.ମି. ଆସିଥିଲା। ନିଜ ଗନ୍ତବ୍ୟସ୍ଥଳ ସୁନ୍ଦରଗଡ କନିକା କୋଇଲା ରେଲୱେ ଡିପୋକୁ କାହିଁ ଗଲା ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ସନ୍ଦେହ କରି ଲୋକେ ଖବର ଦେବା ପରେ ପୋଲିସ ଟ୍ରକ୍‌କୁ ଅଟକ ରଖି ପରେ ଛାଡିଦେଇଥିଲା। ଏହି ଘଟଣାରେ ଖଣିର ଅଧିକାରୀ, ଟ୍ରାନ୍ସପୋର୍ଟରଙ୍କ ସମ୍ପୃକ୍ତି ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପ୍ରତିଦିନ ଶତାଧିକ ଟ୍ରକ୍ ଜାଲ୍ କାଗଜପତ୍ର ତିଆରି କରି ଖୋଲା ବଜାରରେ କୋଇଲା ବିକ୍ରି କରାଯାଉଛି। ଧରା ପଡିବା ପରେ ବିଭିନ୍ନ ବାହାନା କରି ଟ୍ରକ୍ ମାଲିକ ଓ ଟ୍ରାନ୍ସପୋର୍ଟର ଖସି ଯାଉଛନ୍ତି। ସରକାରୀ ସ୍ତରରେ ଖଣି ଖାଦାନରୁ ଚୋରି ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଟ୍ରକ୍‌ରେ ଜିପିଏସ୍ ବ୍ୟବହାର କରା ଯାଉଛି। ଏହା ସତ୍ତ୍ୱେ ଟ୍ରକ୍ ଅନ୍ୟ ସ୍ଥାନକୁ ବେଧଡକ ଯିବାଆସିବା କରୁଛି। ଏଭଳି କୋଇଲା ଚୋରି ହେବା ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ସୂଚନାଯୋଗ୍ୟ, ଓଡି୧୬ଏ-୬୦୧୧ନଂ. ବିଶିଷ୍ଟ ଟ୍ରକ୍ କୋଇଲା ନେଇ ସୁନ୍ଦରଗଡର କନିକା ରେଳସାଇଡିଂକୁ ଯାଇ ସେଠାରୁ କର୍ନାଟକ କୁକୁଡକୁ କୋଇଲା ଯିବାର ଥିଲା। ହେଲେ ଟ୍ରକ୍ ସମ୍ବଲପୁର ପଟକୁ ଆସିବା ବେଳେ ପ୍ରଧାନପାଲିରେ ଧରାପଡିଥିଲା। ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ପଚାରିବାରୁ ସେ ଟ୍ରକ୍‌ରେ ଯାନ୍ତ୍ରିକ ତ୍ରୁଟି ରହିଛି, ସମ୍ବଲପୁର ସଜାଡିବାକୁ ଯାଉଛି ବୋଲି କହିଥିଲେ। ଟ୍ରକ୍‌ରେ ଥିବା ଟ୍ରାନ୍‌ଜିଟ ପାସ୍ ଓ ଡ୍ରାଇଭରଙ୍କ ବୟାନରେ ତାଳମେଳ ନ ହେବାରୁ ଲୋକମାନେ ପୋଲିସକୁ ଜିମା ଦେଇଥିଲେ। ପୋଲିସ ଟ୍ରକ୍ ଜବତ କରିବା ପରେ ତଦନ୍ତ କରି ଛାଡି ଦେଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଲୋକନାଥ ସାହୁ କହିଛନ୍ତି, ଟ୍ରକ୍‌ରେ କମ୍ପାନୀର ଟିପି ରହିଥିଲା। ବିପରୀତ ଦିଗରେ ଟ୍ରକ୍ ଆସିଥିଲା। ହେଲେ କମ୍ପାନୀ ଓ ଟ୍ରାନ୍ସପୋର୍ଟର ପକ୍ଷରୁ ଅଭିଯୋଗ ନ ହେବାରୁ ଟ୍ରକ୍‌କୁ ଛାଡି ଦିଆଯାଇଥିଲା ବୋଲି କହିଥିଲେ। ଅନ୍ୟପଟେ ଏନ୍‌ଏଲ୍‌ସି ଡିଜିଏମ୍ ଏସ୍ ସିହ୍ନା କହିଛନ୍ତି, ଏଭଳି ହେବା କଥା ନୁହେଁ। ସ୍ଥାନୀୟ ଖଣି ପରିଚାଳନା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ପଚାରି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନର ପିଲା ପାର୍କ ବୁଲିଲେ

**ସମ୍ବଲପୁର,୧୪।୯(ବ୍ୟୁରୋ)**

ସମ୍ବଲପୁର ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ବୁଧବାର ବିଭିନ୍ନ ପାର୍କ ଓ ମଲ ବୁଲି ଖୁସି ମନାଇଛନ୍ତି। ପ୍ରତିବର୍ଷ ଭଳି ଏବର୍ଷ ମଧ ଜିଲା ଶିଶୁ ସୁରକ୍ଷା ୟୁନିଟ ତତ୍ତ୍ୱାବଧାନରେ ଶିଶୁମାନେ ହୀରାକୁଦସ୍ଥିତ ଜବାହର ଉଦ୍ୟାନ, ଗାନ୍ଧୀ ମିନାର ବୁଲିଥିଲେ। ଫେରିବା ପଥରେ ସେମାନେ ସମ୍ବଲପୁରର ବିଭିନ୍ନ ମଲ ବୁଲିଥିଲେ। ଡିସିପିଓ ସୁଚିସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନକଉଡ଼ା ବାଳିକାଶ୍ରମ, ଡା. ଆଇଜାକ ସାନ୍ତ୍ରା ବାଳ ନିକେତନ, ଫୁଲଝରଣ ଓ ରୁକ୍ମିଣୀଲାଠ ବାଳ ନିକେତନର ବାଳିକାବାଳକ ସାମିଲ ଥିଲେ। ସିଡବ୍ଲ୍ୟୁସି ସଭ୍ୟା ପୁଷ୍ପା ମହାପାତ୍ରଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଭ୍ୟ ଯୋଗଦେଇଥିଲେ।



ଶିଶୁମାନେ ହୀରାକୁଦ ଜବାହର ଉଦ୍ୟାନ ବୁଲି ଯାଉଛନ୍ତି ।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ପ୍ରତିଯୋଗୀ, ଅତିଥି ଓ ବିଚାରକ ।

**ସମ୍ବଲପୁର,୧୪।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯ ବ୍ଲକ ଓ ଏସ୍‌ଏମ୍‌ସି ଅଞ୍ଚଳରୁ ଗୋଟିଏ ଲେଖାଏ ଲୋକନୃତ୍ୟ ଦଳ ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହିପାଲ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଢୀଯୋଷୀ, ପଦ୍ମନାଭ ମହାକୁଡ଼ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ ଟିଙ୍କିଲିପଡ଼ା ପ୍ରଥମ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବଲାରଙ୍ଗା ଦ୍ୱିତୀୟ ଓ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଚିପିଲିମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଓ ରାକ୍ଷୀ ମହାପାତ୍ର ପରିଚାଳନା କରିଥିଲେ। ବିଚାରକ ଭାବେ ସୀମନ୍ତିକା ଦାସ୍ ଓ ଉତ୍ତମ ସିଂ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସ୍ଥାନାନ୍ତରୀକରଣ, ମାନବ ଚାଲାଣ କର୍ମଶାଳା

**କୁଚିଣ୍ଡା, ୧୪।୯(ଡି.ଏନ.ଏ.)**

ବାମରା ବ୍ଲକ ଜରାବଗା ପଞ୍ଚାୟତ ସଭାଗୃହଠାରେ ବୁଧବାର ସ୍ଥାନାନ୍ତରୀକରଣ ଓ ମାନବ ଚାଲାଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜରାବଗା ସରପଞ୍ଚ ଲାବନ୍ୟ ନାୟକ, ଆୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକ, ସାମାଜିକ କର୍ମୀ କରୁଣାକର କିଷାନ ଓ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ନାରାୟଣ ଦର୍ଜା ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ସିଡବ୍ଲ୍ୟୁଏସ୍‌ର ଗୋଷ୍ଠୀ ସଂଗଠକ ଅଭୟ ସୂତାରଙ୍କ ପରିଚାଳନାରେ ବାଘମୁଣ୍ଡା, ଜରାବଗା, କୁନ୍ତରାବାହାଲ, ଡଙ୍ଗାଖୁଣ୍ଟି ଓ ନେଟିଡିହି ଗ୍ରାମରୁ ୩୨ ମହିଳାପୁରୁଷ ଅଂଶ ଗ୍ରହଣ କରିଥିଲେ। ପଞ୍ଚାୟତରୁ ବାହାରକୁ ପେଟ ପାଟଣା ପାଇଁ ଯାଉଥିବା ମହିଳା, ପୁରୁଷ, ଯୁବକ ଓ ଯୁବତୀଙ୍କ ସୂଚନା ଖାତାରେ ଲିପିବଦ୍ଧ କରି ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସରୋଜ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଏଥିରେ ଅହଲ୍ୟା ପଙ୍ଗା, ଟେର୍ଷା ଖାଲକୋ, ମିତାଞ୍ଜଳି ଖାଲକୋ, ସେବତୀ ପ୍ରଧାନ, ଜୁଲିଆ ଲାକ୍ରା, ସୁକୃତା ପଟେଲ, କିଶୋରୀ ପଟେଲ ସହଯୋଗ କରିଥିଲେ।



କର୍ମଶାଳାରେ ଅତିଥିଙ୍କ ସହ ଅନ୍ୟମାନେ।

## ୨୯ ସୁଦ୍ଧା ଆବେଦନ କରିବେ କାର୍ତ୍ତିକ ହବିଷ୍ୟାଳି

**ସମ୍ବଲପୁର,୧୪।୯(ବ୍ୟୁରୋ)**

ପବିତ୍ର କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ପୁରୀରେ ରାଇଦାମୋଦର ବ୍ରତ ପାଳନ କରାଯାଏ। ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ବ୍ୟାପକ ଆୟୋଜନ କରାଯାଇଛି। ଚଳିତବର୍ଷ ହବିଷ୍ୟାଳିଙ୍କ ରହଣି, ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଓ ଅନ୍ୟାନ୍ୟ ବ୍ୟବସ୍ଥା ପୁରୀ ଜିଲା ପ୍ରଶାସନ ଦ୍ୱାରା କରାଯିବ। ପୁରୀରେ ହବିଷ୍ୟାଳି ବ୍ରତ ପାଳନ କରିବା ନିମନ୍ତେ ସମ୍ବଲପୁର ଜିଲାର ଆଗ୍ରହୀ ମା' ମାନେ ଚଳିତ ସେପ୍ଟେମ୍ବର ୧୩ରୁ ୨୯ ସୁଦ୍ଧା ଆବେଦନ କରିପାରିବେ। ଜିଲା ପର୍ଯ୍ୟଟନ ଅଧିକାରୀ ସମ୍ବଲପୁରଙ୍କ କାର୍ଯ୍ୟାଳୟଠାରେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ନିମନ୍ତେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝି ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ତାଲିମ ଶିବିର

**କୁଚିଣ୍ଡା,୧୪।୯(ଡି.ଏନ.ଏ.)**

କୁଚିଣ୍ଡା ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ସଭା ଗୃହରେ ବୁଧବାର କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁଇଦିନିଆ ସ୍ୱାସ୍ଥ୍ୟ ତାଲିମ ଶିବିର ଆରମ୍ଭ ହୋଇଛି। ଆଇସିଡିଏସ୍ ସିଡିପିଓ କନକଲତା ନାୟକଙ୍କ ସଭାପତିତ୍ୱରେ ହୋଇଥିବ ଶିବିରରେ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଈଶ୍ୱର ଚନ୍ଦ୍ର ମୁଣ୍ଡା ମୁଖ୍ୟଅତିଥି, ପିଏଚଇଓ ହଳଧର ନାଏକ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଭ୍ରୂଣ ଅବସ୍ଥାରୁ ୨ ବର୍ଷ ପର୍ଯ୍ୟନ୍ତ ଶିଶୁର ବୌଦ୍ଧିକ, ଶାରୀରିକ ଓ ମାନସିକ ଅବସ୍ଥା, ଗର୍ଭାବସ୍ଥାରେ ଟୀକାକରଣ, ପୌଷ୍ଟିକ ଖାଦ୍ୟ ସହିତ ନିୟମିତ ଡାକ୍ତରଙ୍କ ପରାମର୍ଶ ଉପରେ ତାଲିମ ଦିଆଯାଇଥିଲା। ଚାଇଲ୍ଡ ଲାଇନ କର୍ମୀ ନାମାନି ହେମ୍ବ୍ରମ ସରକାରୀ ସହାୟତା ଆବଶ୍ୟକ କରୁଥିବା ଶିଶୁମାନଙ୍କ ସମ୍ବନ୍ଧରେ ଅବଗତ କରିଥିଲେ। କୁନ୍ତରାର ସ୍ୱାସ୍ଥ୍ୟ ପରିଚାଳକ ଓ ଆଇସିଡିଏସ୍ କ୍ଷେତ୍ର ପରିଚାଳିକା ତାଲିମ ନେଇଥିବା ବେଳେ ବିପିଏମ୍ ସୁମନ ବରୁଆ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କୁସୁମୀର ଡା. ସୁଧାକାନ୍ତ ନାଏକ ଉପସ୍ଥିତ ଥିଲେ।

# ଏସ୍‌ଏମ୍‌ସି କମିଶନରଙ୍କୁ ଭେଟି ସମସ୍ୟା ଜଣାଇଲା ବିଏସ୍‌ପି



ଏସ୍‌ଏମ୍‌ସି ଅଫିସରେ ବିଏସ୍‌ପି କର୍ମକର୍ତ୍ତା ।

**ସମ୍ବଲପୁର,୧୪।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ବହୁଜନ ସମାଜବାଦୀ ପାର୍ଟି (ବିଏସ୍‌ପି) ସଭାପତି ମୁକନ୍ଦର ବେସନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ଏସ୍‌ଏମ୍‌ସି କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ପେନ୍‌ସନ୍ ହିତଧିକାରୀ ଗୋଟିଏ ମାସ ଭତ୍ତା ନ ନେଲେ ପରବର୍ତ୍ତୀ ମାସରେ ଦିଆଯାଇ ନାହିଁ। ନାମ ସମାନ ଥିଲେ ଯାଞ୍ଚ କରା ନ ଯାଇ ଅନ୍ୟ ଜଣଙ୍କୁ ଦିଆଯାଉଛି। ଏହାର ସୁଧାର ଆଣିବା ସହ ଯେଉଁମାନଙ୍କ ଭୁଲ ଯୋଗୁ ଏପରି ହେଉଛି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନୂତନ ପେନ୍‌ସନ୍ ପାଇଁ ଆବେଦନ କରୁଥିବା ହିତାଧିକାରୀଙ୍କୁ ଗୋଟିଏ ମାସ ଭିତରେ ତଦନ୍ତ କରି ପେନ୍‌ସନ୍ ଦିଆଯାଉ। ଦାବିପତ୍ର ପ୍ରଦାନ ସମୟରେ ବିଏସ୍‌ପି ସମ୍ବଲପୁର ମହାନଗର ନିଗମ ଉପସଭାପତି ରିଜ୍ୱାନ ଖାନ, ବିଏସ୍‌ପି ଜିଲା ଯୁବ ଶାଖା ସଭାପତି ଲବ ସୁନା, ବିଏସ୍‌ପି ମହିଳା ଜିଲା ସଭାନେତ୍ରୀ କଳ୍ପନା ନାଏକ, ଜିଲା ମହିଳା ଉପସଭାନେତ୍ରୀ ଲିଳା ସିଂ, ଉପ ସଭାନେତ୍ରୀ ଶିବପ୍ରିୟା ସାହୁ, ହୀରାକୁଦ ମହିଳା ନଗର ସଭାନେତ୍ରୀ ନନ୍ଦିନୀ ସିଂ, ବିଏସ୍‌ପି ମହିଳା ହୀରାକୁଦ ନଗର ଉପସଭାନେତ୍ରୀ ହିତକାନ୍ତି ଲୁହା ପ୍ରମୁଖ ଉପସ୍ଥିତଥିଲେ ।

## ଉତ୍କଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ

**ଝାରସୁଗୁଡ଼ା ଅଫିସ,୧୪।୯**

ଝାରସୁଗୁଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସୋମବାର ଉତ୍କଳ ସମ୍ମିଳନୀ ଉପସଭାପତି ପ୍ରଫେସର ଅଦ୍ୱୈତ୍ୟ ପ୍ରସାଦ ପାତ୍ରଙ୍କ ପୌରୋହିତ୍ୟରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଅନ୍ୟତମ ଉପସଭାପତି ପଦ୍ମନାଭ ସାମଲ, ପ୍ରଫେସର ଟହଲୁ ସାହୁ, ପ୍ରଫେସର ଲଳିତ ମୋହନ ଦାସ ଓ ପ୍ରଶିକ୍ଷଣ ବିଦ୍ୟାଳୟ ଅଧକ୍ଷା ଲିପିକା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଭାଷା ସୁରକ୍ଷା ତଥା ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କ ବିକାଶ ପାଇଁ ଉତ୍କଳ ସମ୍ମିଳନୀ କାର୍ଯ୍ୟ କରୁଛି। ସୀମାନ୍ତ ଅଞ୍ଚଳରେ ଏବେ ସୁଦ୍ଧା ୧୪୦ ବିଦ୍ୟାଳୟ ମାଧମରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଏହି ଅବସରରେ ଏକ କମିଟି ଗଠନ କରାଯାଇଛି। ଜିଲା ସଭାପତି ଭାବେ ପ୍ରାଧ୍ୟାପକ ତପନ କୁମାର ବାରିକ, ଉପସଭାପତି ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଓ ମାନସୀ ପଣ୍ଡା, ସଂଗଠନ ସମ୍ପାଦକ ମହିମା ମହାବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ କୁମାର ସା, ସାଧାରଣ ସମ୍ପାଦକ ଅନ୍ତର୍ଯାମୀ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରାଧାମୋହନ ପାଣ୍ଡେ ଓ କୋଷାଧକ୍ଷ ଭାବେ ବିରାଟ ରାଜା ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଖବରଦାତା ମେହେବୁବ ମେହେତାବ ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପକ ବାରିକ ଧନ୍ୟବାଦ ଦେଇଥିଲେ।

## ମହାବିଦ୍ୟାଳୟରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା

**ଝାରସୁଗୁଡ଼ା ଅଫିସ,୧୪।୯**

ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଓଡିଶା ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପ ବିଭାଗ ତରଫରୁ ବୁଧବାର ଷ୍ଟାର୍ଟଅପ ଯାତ୍ରା ଆୟୋଜିତ ହୋଇଯାଇଛି। ରାଜ୍ୟର ବିଭିନ୍ନ କଲେଜରେ ପଢୁଥିବା ଛାତ୍ରୀଛାତ୍ର ଆତ୍ମନିର୍ଭର ହେବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଷ୍ଟାର୍ଟଅପ ଭ୍ୟାନରେ ବିଭିନ୍ନ ଯୋଜନା ସମ୍ପର୍କରେ ଭିଡିଓ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପ୍ରଚାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଡ. ସରୋଜ କୁଅଁର, ଡ ସୁସ୍ମିତା ନାୟକ, ଅଧାପିକା ସ୍ୱାଗତିକା ବାରିକ, ପ୍ରାଧ୍ୟାପିକା ପୂର୍ଣ୍ଣିମାମୟୀ ଦାଶ, ଏମ୍‌ଏସ୍‌ଏମ୍‌ଇ ଆସିଷ୍ଟାଣ୍ଟ ଡାଇରେକ୍ଟର ଅରିନ୍ଦମ ଦାସ, ଜିଲା ଶିଳ୍ପକେନ୍ଦ୍ର ମୁଖ୍ୟ ବାସୁଦେବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

# ଏକତାରେ ବାନ୍ଧିବା ଏକତାମଞ୍ଚର ଲକ୍ଷ୍ୟ

**ସମ୍ବଲପୁର,୧୪।୯(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

- ଅକ୍ଟୋବର ୧୬ରେ ଜରୁରୀ ବୈଠକ
- ସମସ୍ୟା ନେଇ ହେବ ଆନ୍ଦୋଳନ

ପଶ୍ଚିମ ଓଡିଶାବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିରଖିବା ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୂଳ ଲକ୍ଷ୍ୟ। ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ପରମ୍ପରା ଐତିହ୍ୟର ପ୍ରଚାର ପ୍ରସାର କରିବା ଦିଗରେ ମଞ୍ଚ କାର୍ଯ୍ୟ କରୁଛି। ଏହାଛଡା ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ନେଇ ଲଢେଇ ଜାରି ରଖିଛି। ଏହାକୁ ନେଇ ଅକ୍ଟୋବର ୧୬ରେ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ଜିଲାଗୁଡିକର ବିଭିନ୍ନ ଅନୁଷ୍ଠାନକୁ ନେଇ ବୈଠକ ଅନୁଷ୍ଠିତ ହେବ। ଏଥିରେ ଆଲୋଚନା କରାଯାଇ ପଶ୍ଚିମ ଓଡିଶାର ସଦସ୍ୟମାନଙ୍କୁ ନେଇ ଏକ ବଡ ଆନ୍ଦୋଳନ ହେବ ବୋଲି ମହାନଦୀ କ୍ଲବରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଦସ୍ୟମାନେ କହିଥିଲେ।

ସେମାନେ ଆହୁରି କହିଥିଲେ, ପଶ୍ଚିମ ଓଡିଶାରେ ହାଇକୋର୍ଟ ପ୍ରତିଷ୍ଠା, ବରଗଡ଼ଠାରେ କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା, ପ୍ରିପେଡ ସ୍ମାର୍ଟ ଇଲେକ୍ଟ୍ରିକାଲ ମିଟର,ଗଙ୍ଗାଧର ମେହେର ଜୁନିୟର କଲେଜରେ ଅଧାପକ ନିଯୁକ୍ତି, ବୌଦ୍ଧ ଜିଲାକୁ ଉତ୍ତରାଞ୍ଚଳ ଆର୍‌ଡିସି ଅଧୀନକୁ ଆଣିବା ଭଳି ଦାବି ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ କରାଯାଇଛି। କୋଭିଡ ସମୟରେ ମଧ ମଞ୍ଚ କାମ କରିଛି। ହେଲେ କେତେକ ସମସ୍ୟାକୁ ନେଇ ଜିଲା ମଧରେ ମତାନ୍ତର ଦେଖିବାକୁ ମିଳିଛି। ସମ୍ବଲପୁର ଆଇଆଇଏମ୍ ପ୍ରତିଷ୍ଠା ଓ ବରଗଡ କ୍ୟାନସର ହସ୍ପିଟାଲ ପ୍ରତିଷ୍ଠା ପ୍ରସଙ୍ଗରେ ପଶ୍ଚିମାଞ୍ଚଳରେ ଏକତାର ଉଦାହରଣ ଦେଖିବାକୁ ମିଳିଥିଲା। ହେଲେ ଏହାର ସୁଯୋଗ ନେଇ କେତେଜଣ ଅସାମାଜିକ ବ୍ୟକ୍ତି ସାମାଜିକ ଗଣମାଧମରେ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପାଇଁ ଲଢେଇ କରୁଥିବା ବିଭିନ୍ନ ସଂଗଠନକୁ ଏକାଠି କରି ସମନ୍ୱୟ ରକ୍ଷା ପାଇଁ ଯୋଜନା ରହିଛି ବୋଲି କହିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରମୋଦ ରଥ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଆବାହକ ଭାବନିଶ ଭୋଇ, ମହିଳା ସଂଯୋଜିକା କାନ୍ତି ମେହେର ମଞ୍ଚାସୀନ ଥିବାବେଳେ ଲଳିତ ମୋହନ ବେବର୍ତ୍ତା, ସସ୍ମିତ କୁମାର ପଣ୍ଡା, ରାହୁଲ ଗୁପ୍ତା ପ୍ରମୁଖ ସାମିଲ ହୋଇଥିଲେ।

**୨୨୪ ପଏଣ୍ଟ ଖସିଲା ସେନ୍‌ସେକ୍ସ**

ନୂଆଦିଲ୍ଲୀ: କ୍ରମାଗତ ୪ଦିନ ଲାଗି ଶେୟାର ବଜାରରେ ଭଲ ଫଳାଫଳ ଦେଖିବାକୁ ମିଳିଥିଲା। ଏପରିକି ଚଳିତ ସପ୍ତାହର ୨ କାର୍ଯ୍ୟ ଦିବସରେ ମଧ ନିବେଶକମାନେ ଭଲ କାରବାର କରିଥିଲେ। ହେଲେ ୩ୟ କାର୍ଯ୍ୟଦିବସର ଫଳାଫଳ ନିବେଶକମାନଙ୍କୁ ନିରୁତ୍ସାହିତ କରି ଦେଇଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣର ନିବେଶ ହରାଇଛନ୍ତି। ବୁଧବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% କାରବାର ହ୍ରାସ ପାଇଥିଲା। ବୁଧବାର ସେନ୍‌ସେକ୍ସ ୨୨୪ (୨୨୪.୧୧) ପଏଣ୍ଟ ଖସି ୬୦,୩୪୬.୯୭ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୬୬ (୬୬.୩୦) ପଏଣ୍ଟ ହ୍ରାସ ଘଟି ୧୮,୦୦୩.୭୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ଗୁଜରାଟରେ ୧.୫୪ ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

**■ଅହମଦାବାଦରେ ସେମିକଣ୍ଡକ୍ଟର, ଡିସ୍‌ପ୍ଲେ ଫ୍ୟାବ୍ ୟୁନିଟ୍ ସ୍ଥାପନ**
**■ ୧ ଲକ୍ଷ ଲୋକଙ୍କୁ ମିଳିବ ନିଯୁକ୍ତି**

ନୂଆଦିଲ୍ଲୀ,୧୪।୯




ସେମିକଣ୍ଡକ୍ଟର ଓ ଡିସ୍‌ପ୍ଲେ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନ ଅନୁସାରେ ଗୁଜରାଟର ଅହମଦାବାଦ ଜିଲାରେ ଏକ ସେମିକଣ୍ଡକ୍ଟର ଫ୍ୟାବ୍ ୟୁନିଟ୍ ସହ ଏକ ଡିସ୍‌ପ୍ଲେ ଫ୍ୟାବ୍ ୟୁନିଟ୍, ସେମିକଣ୍ଡକ୍ଟର ଆସେମ୍ବ୍ଲି ଓ ଟେଷ୍ଟିଂ ୟୁନିଟ୍ ସ୍ଥାପନ କରିବା ଲାଗି ବେଦାନ୍ତ ପକ୍ଷରୁ ଗୁଜରାଟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଉକ୍ତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ସମାରୋହରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲ, ପ୍ରମୁଖ ସଚିବ ସଞ୍ଜୟ ପ୍ରସାଦ, ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ୍ ଅଗ୍ରୱାଲ, ବେଦାନ୍ତର ଗ୍ଲୋବାଲ ମ୍ୟାନେଜିଂ ଡାଇରେକ୍ଟର୍ (ଡିସ୍‌ପ୍ଲେ ଆଣ୍ଡ ସେମିକଣ୍ଡକ୍ଟର) ଆକର୍ଷ ହେବାର୍‌ଙ୍କ ସମେତ ଉଭୟ ପକ୍ଷର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ଗୁଜରାଟକୁ ବିଶ୍ୱ ସିଲିକନ୍ ମାନଚିତ୍ରରେ ସ୍ଥାନିତ କରିବ ବୋଲି ଉଭୟ ପକ୍ଷରୁ ଦାବି କରାଯାଇଛି।

ଏପରିକି ଉକ୍ତ ପ୍ରକଳ୍ପରେ ମୋଟ ୧,୫୪,୦୦୦ କୋଟି ଟଙ୍କାର ନିବେଶ ସହ ୧ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ ବୋଲି ବେଦାନ୍ତ ପକ୍ଷରୁ କୁହାଯାଇଛି। ସେହିଭଳି ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫ୍ୟାବ୍ ୟୁନିଟ୍ ୨୮ଏନ୍‌ଏମ୍ ଟେକ୍ନୋଲୋଜି ନୋଡ୍‌ରେ ପରିଚାଳିତ ହେବ। ଡିସ୍‌ପ୍ଲେ ମାନୁଫାକଚରିଂ ୟୁନିଟ୍‌ରେ କ୍ଷୁଦ୍ର, ମଧ୍ୟମ ଓ ବଡ଼ ପ୍ରୟୋଗ ପାଇଁ ଜେନେରେଶନ ୮ଡିସ୍‌ପ୍ଲେ ଉତ୍ପାଦନ କରାଯିବ। ଏପରିକି ଫକ୍ସକନ୍ ସହଯୋଗରେ ସ୍ଥାପନ କରାଯାଇଥିବା ଯୌଥ ଉଦ୍ୟୋଗରେ ମଧ ବେଦାନ୍ତର ୬୦% ଓ ଫକ୍ସକନ୍‌ର ୪୦% ଅଂଶଧନ ରହିବ। ଏହି ଯୌଥ ଉଦ୍ୟୋଗ ଆସନ୍ତା ୨ ବର୍ଷ ମଧ୍ୟରେ ଉକ୍ତ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ସ୍ଥାପନ କରିବ।

ଏହି ପରିପ୍ରେକ୍ଷୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ କହିଛନ୍ତି,ସେମିକଣ୍ଡକ୍ଟର କାରଖାନା ପାଇଁ ବେଦାନ୍ତ-ଫକ୍ସକନ୍ ଯୌଥ ଉଦ୍ୟୋଗ ଶିଳ୍ପ ସମୃଦ୍ଧ ରାଜ୍ୟ ଗୁଜରାଟକୁ ଚୟନ କରିଥିବାରୁ ଆମେ ବହୁତ ଖୁସି। ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କହିଛନ୍ତି, 'ସେମିକଣ୍ଡକ୍ଟର ମାନୁଫାକଚରିଂ କ୍ଷେତ୍ରରେ ଆତ୍ମନିର୍ଭର ହେବା ଲାଗି ପ୍ରଧାନମନ୍ତ୍ରୀଙ୍କର ରହିଥିବା ଲକ୍ଷ୍ୟ ଅନୁସାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଉଛି। ଏହି ପଦକ୍ଷେପ ଗ୍ରହଣ କରିବା ଏବଂ ଭାରତକୁ ସେମିକଣ୍ଡକ୍ଟର୍ କାରଖାନା ଆଣିଥିବାରୁ ମୁଁ ବେଦାନ୍ତ ଓ ଫକ୍ସକନ୍‌କୁ ଅଭିନନ୍ଦନ ଜଣାଉଛି। ସେହିପରି ବେଦାନ୍ତ ଅଧ୍ୟକ୍ଷ କହିଛନ୍ତି, ଆମର ଡିସ୍‌ପ୍ଲେ ଓ ସେମିକଣ୍ଡକ୍ଟର ଫ୍ୟାବ୍ ସଂସ୍ଥା ପାଇଁ ଗୁଜରାଟକୁ ଉପଯୁକ୍ତ ସ୍ଥାନ ଭାବେ ଘୋଷଣା କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏକ ମାନୁଫାକଚରିଂ ହବ୍ ଭାବେ ଏହି ରାଜ୍ୟ ସାରା ବିଶ୍ୱରେ ପରିଚିତ ଏବଂ ଆମେ ଆଶା କରୁଛୁ ଯେ ଭାରତର ଆଗାମୀ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ଆଗକୁ ବଢ଼ିବା ସହ ପ୍ରତି ରାଜ୍ୟ ନିଜର ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ ହବ୍ ସ୍ଥାପନ କରି ଉପକୃତ ହେବେ।

## ଆଇଡିବିଆଇ ବ୍ୟାଙ୍କକୁ ୩ ପୁରସ୍କାର

ନୂଆଦିଲ୍ଲୀ,୧୪।୯

ଦେଶର ସର୍ବପୁରାତନ ବାଣିଜ୍ୟିକ ସଙ୍ଗଠନ ଆସୋଚାମ୍‌ର ୧୭ତମ ବାର୍ଷିକ ବ୍ୟାଙ୍କିଙ୍ଗ୍ ସମିଟ୍ ଆଣ୍ଡ ଆୱାର୍ଡସ୍ କାର୍ଯ୍ୟକ୍ରମରେ ଆଇଡିବିଆଇ ବ୍ୟାଙ୍କ ୩ଟି ବର୍ଗରେ ପୁରସ୍କୃତ ହୋଇଛି। ବିଶେଷକରି ଲେଣ୍ଡିଂ (ଋଣ ପ୍ରଦାନ), ନନ୍ ଲେଣ୍ଡିଂ(ଅଣ ଋଣ) ଏବଂ ମଧ୍ୟମ ବର୍ଗର ବ୍ୟାଙ୍କ ଶ୍ରେଣୀର ସାମଗ୍ରିକ ବ୍ୟାଙ୍କିଙ୍ଗ୍ ବର୍ଗରେ ଆଇଡିବିଆଇ ବ୍ୟାଙ୍କ୍‌କୁ ଉକ୍ତ ୩ ପୁରସ୍କାର ମିଳିଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଉଭୟ ଡିଏମ୍‌ଡି ସାମୁଏଲ୍ ଯୋସେଫ ଓ ସୁରେଶ ଖଟ୍‌ନହାର ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଏମ୍. ରାଜେଶ୍ୱର ରାଓଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଇବିଏର ସିଇଓ ସୁନୀଲ ମେହେଟ୍ଟାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ଜଣାଶୁଣା ବ୍ୟକ୍ତିବିଶେଷ ମଧ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ରାଜଭାଷା ପକ୍ଷ ଉଦ୍‌ଘାଟିତ




ଭୁବନେଶ୍ୱର,୧୪।୯

ପୂର୍ବତଟ ରେଳପଥର ମୁଖ୍ୟାଳୟ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳସଦନଠାରେ ବୁଧବାର ହିନ୍ଦୀ ଦିବସ ସହ ରାଜଭାଷା ପକ୍ଷ ମଧ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳପଥର ମୁଖ୍ୟ ରାଜଭାଷା ଅଧିକାରୀ ରବି ଶଙ୍କର ମିତ୍ରଙ୍କ ସମେତ ପୂର୍ବତଟ ରେଳପଥର ପ୍ରମୁଖ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶରଦ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ହିନ୍ଦୀ ଦିବସର ଶପଥ ପାଠ କରାଇବା ସହ ରେଳମନ୍ତ୍ରୀଙ୍କ ବାର୍ତ୍ତାକୁ ମଧ ଦୋହରାଇଥିଲେ। ସେହିଭଳି ରବି ଶଙ୍କର ସଭାକୁ ସମ୍ବୋଧନ କରି ହିନ୍ଦୀ ଦିବସର ଇତିହାସ ସମ୍ପର୍କରେ ବିଶେଷ ଆଲୋକପାତ ସହ ହିନ୍ଦୀର ମହତ୍ତ୍ୱ ବିଷୟରେ ମଧ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ରେଳ କର୍ମଚାରୀମାନେ ଅଧିକରୁ ଅଧିକ ଅଫିସ୍ କାର୍ଯ୍ୟ ରାଜଭାଷା ମାଧ୍ୟମରେ କରିବାକୁ ଶ୍ରୀବାସ୍ତବ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତା ଏବଂ ରାଜଭାଷା ସହ ଜଡ଼ିତ ଅନ୍ୟ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମହାପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରେଳପଥର ରାଜଭାଷା ଅଧିକାରୀ ୟାଲିନା ପଣ୍ଡା ପରିଚାଳନା କରିଥିଲେ।

## ୮ ଧନୀ ହରାଇଲେ ୪୧ ବିଲିୟନ ଡଲାର

ନୂଆଦିଲ୍ଲୀ,୧୪।୯

ଆମେରିକା ଶେୟାର ବଜାରରେ ମଙ୍ଗଳବାର ଏକ ବଡ଼ ଧରଣର କ୍ଷତି ସହ କାରବାର ମଧ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଫଳରେ ବିଶ୍ୱର ଶୀର୍ଷ ୧୦ ବିଲିୟନେୟାରଙ୍କ ମଧ୍ୟରୁ ୮ ଜଣଙ୍କର ପ୍ରାୟ ୪୧ ବିଲିୟନ ଡଲାରରୁ ଅଧିକ ଟଙ୍କାର ସମ୍ପତ୍ତି ହ୍ରାସ ପାଇଛି। ବିଶେଷକରି ଆମାଜନ୍‌ର ପୂର୍ବତନ ସିଇଓ ଜେଫ୍ ବେଜୋସ୍‌ଙ୍କର ସର୍ବାଧିକ ୯.୮୪ ବିଲିୟନ ଡଲାର କ୍ଷତି ହୋଇଥିବା ବେଳେ ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ୮.୩୫ ବିଲିୟନ ଡଲାର ଏବଂ ବିଲ୍ ଗେଟସ୍‌ଙ୍କ ୨.୮୪ ବିଲିୟନ ଡଲାରର ସମ୍ପତ୍ତି ହ୍ରାସ ହୋଇଛି। ଅପରପକ୍ଷରେ ମଙ୍ଗଳବାର କାରବାରରେ କେବଳ ଗୌତମ ଆଦାନୀ ଓ ମୁକେଶ ଅମ୍ବାନୀଙ୍କର ସମ୍ପତ୍ତି ବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏପରିକି ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଟପ୍-୧୦ ଲିଷ୍ଟରେ ସାମିଲ ଉଦ୍ୟୋଗପତିଙ୍କ ସମ୍ପତ୍ତି ସୂଚୀରେ ୮ଜଣଙ୍କର ହ୍ରାସ ପାଇଥିବା ବେଳେ ୨ଜଣଙ୍କର ବୃଦ୍ଧି ଘଟିଥିବା ଉଲ୍ଲେଖ କରାଯାଇଛି। ଏଥିରେ ଆଦାନୀଙ୍କ ସମ୍ପତ୍ତିରେ ୧.୫୮ ବିଲିୟନ ଡଲାରର ଅଭିବୃଦ୍ଧି ହୋଇଥିବା ବେଳେ ଅମ୍ବାନୀଙ୍କ ସମ୍ପତ୍ତିରେ ୧.୨୩ ବିଲିୟନ ଡଲାରର ବୃଦ୍ଧି ପାଇଛି। ଫଳରେ ଧନିକଙ୍କ ସୂଚୀର ତୃତୀୟ ସ୍ଥାନକୁ ଆଦାନୀ ପହଞ୍ଚିଥିବା ବେଳେ ଅମ୍ବାନୀ ନବମ ସ୍ଥାନକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକା ଶେୟାର ବଜାର ଡାଉଜୋନ୍ସ ସୂଚକାଙ୍କ ଅନୁସାରେ ମଙ୍ଗଳବାର ୧୨୭୬ ପଏଣ୍ଟରୁ ଅଧିକ ହ୍ରାସ ହୋଇ ୩୧,୧୦୪ରେ ବନ୍ଦ ହୋଇଥିଲା।

## କାଳିଦାସପୁରଠାରେ ଆମ୍ପେରେର ନୂଆ ଇଭି ଶୋ'ରୁମ୍

ଭୁବନେଶ୍ୱର,୧୪।୯




ଦେଶର ପ୍ରମୁଖ ଇଭି ନିର୍ମାତା ତଥା ଗ୍ରିଭ୍‌ସ ଇଲେକ୍‌ଟ୍ରିକ୍ ମୋବିଲିଟିର ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ସ୍କୁଟର ବ୍ରାଣ୍ଡ ଆମ୍ପେରେ ପକ୍ଷରୁ ନିକଟରେ ବାଲେଶ୍ୱରର କାଳିଦାସପୁରଠାରେ ନୂଆ ଇଭି ଡିଲରଶିପ୍ ଓ ଶୋ'ରୁମ୍‌ର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏହା ଜରିଆରେ (ଡିଲରଶିପ୍) କମ୍ପାନୀ ଓଡ଼ିଶା ବଜାରରେ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିବ।

ଏହି ଅବସରରେ ବାଲେଶ୍ୱରର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗ୍ରିଭ୍‌ସ ଇଲେକ୍‌ଟ୍ରିକ୍ ମୋବିଲିଟିର ସିଇଓ ତଥା କାର୍ଯ୍ୟକାରୀ ନିର୍ଦ୍ଦେଶକ ସଞ୍ଜୟ ବେହେଲ କହିଛନ୍ତି, ବାଲେଶ୍ୱରରେ ଆମର ନୂଆ ଡିଲରଶିପ୍‌ର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ । ଓଡ଼ିଶା ଗ୍ରିଭ୍‌ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଏଠାକାର ଗ୍ରାହକମାନେ ବର୍ତ୍ତମାନ ନୂଆ ଇଭି ମଡେଲ ସହ ଏକାଧିକ ଇଭି ଆକ୍‌ସେସରିଜ୍ ଏବଂ ନୂଆ ମ୍ୟାଗ୍‌ନସ୍ ଇଏକ୍ସ ସମେତ ନିଜ ପସନ୍ଦର ଆମ୍ପେରେ ଇଲେକ୍‌ଟ୍ରିକ୍ ସ୍କୁଟରଗୁଡ଼ିକର ଏକ ବିସ୍ତୃତ ରେଞ୍ଜରୁ କ୍ରୟ କରିପାରିବେ।

## ୨୦୨୫ ସୁଦ୍ଧା ୫୦୦୦ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର,୧୪।୯

ଷ୍ଟାର୍ଟଅପ୍ ଓଡ଼ିଶାର ଏକ ପଦକ୍ଷେପ ଭାବେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଶୁଭାରମ୍ଭ କରାଯାଇଥିଲା। ନିକଟରେ ଆରମ୍ଭ ହୋଇଥିବା ଉକ୍ତ ଯାତ୍ରା ମାତ୍ର କିଛିଦିନ ମଧ୍ୟରେ ରାଜ୍ୟର ୧୪ ଜିଲାରେ ପହଞ୍ଚି ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହା ସହ ୬୧ ଶିକ୍ଷାନୁଷ୍ଠାନର ୪୫୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିଛି ଏବଂ ଏହାର ମେଣ୍ଟରମାନଙ୍କୁ ୫୦୦ରୁ ଅଧିକ ଆଇଡିଆ ପଠାଯାଇଛି। ଓଡ଼ିଶା ୨୦୨୫ ସୁଦ୍ଧା ୫୦୦୦ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ ଅଭିନବ ବିଚାରଗୁଡ଼ିକୁ ଆଗକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଷ୍ଟାର୍ଟଅପ୍ ଓଡ଼ିଶା ଅଭିଯାନକୁ ଆନୁଷ୍ଠାନିକ ଓ ତୃଣମୂଳସ୍ତରରେ ଉଦୀୟମାନ ଉଦ୍ୟୋଗୀଙ୍କ ପାଇଁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୬ ଅଗଷ୍ଟରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଶୁଭାରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଷ୍ଟାର୍ଟଅପ୍ ଓଡ଼ିଶା ଡା.ଓମ୍‌କାର ରାଏ କହିଛନ୍ତି, ଓଡ଼ିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଷୟରେ ଯୁବକମାନଙ୍କୁ ତୃଣମୂଳସ୍ତରରେ ଅବଗତ କରାଇବା ଏବଂ ଚିନ୍ତାଧାରାର ସଂସ୍କୃତି ଜାଗ୍ରତ କରିବା ଓ ସ୍ୱୀକୃତି ଏବଂ ସମର୍ଥନ ପାଇଁ ଉଦ୍ଭାବକମାନଙ୍କୁ ଚିହ୍ନଟ କରିବା ପାଇଁ ଆମେ ତାଙ୍କ ନେତୃତ୍ୱ ଅଧୀନରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଆରମ୍ଭ କରିଥିଲୁ।

**ଫୁରସତ୍**



ଅଜୟ ଦେବଗନ୍

## ଅଡୁଆରେ ଅଜୟଙ୍କ 'ଥ୍ୟାଙ୍କ୍ ଗଡ୍'

**ମୁମ୍ବାଇ:** ମୁକ୍ତିଲାଭ କରିବାକୁ ଥିବା ହିନ୍ଦୀ ଫିଲ୍ମ 'ଥ୍ୟାଙ୍କ୍ ଗଡ୍'କୁ ନେଇ ବଲିଉଡ୍ ଅଭିନେତା ଅଜୟ ଦେବଗନ୍, ସିଦ୍ଧାର୍ଥ ମାଲହୋତ୍ରା ଏବଂ ନିର୍ଦ୍ଦେଶକ ଇନ୍ଦ୍ର କୁମାର ଏବେ ଅଡୁଆରେ ଛନ୍ଦି ହୋଇଯାଇଛନ୍ତି। ଫିଲ୍ମଟି ହିନ୍ଦୁ ଧର୍ମୀୟ ଭାବନାକୁ ପ୍ରଭାବିତ କରୁଥିବା ନେଇ ଉତ୍ତର ପ୍ରଦେଶର ଜାଉନପୁର କୋର୍ଟରେ ଆଇନ୍‌ଜୀବୀ ହିମାଂଶୁ ଶ୍ରୀବାସ୍ତବ ଦୁଇ ନାୟକ ଓ ଫିଲ୍ମ ନିର୍ଦ୍ଦେଶକଙ୍କ ନାଁରେ ଅଭିଯୋଗ କରିଛନ୍ତି। ନିକଟରେ ଫିଲ୍ମର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଏହା ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ହିମାଂଶୁ ନିଜ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ଅଜୟ ଦେବଗନ ଚିତ୍ରଗୁପ୍ତଙ୍କ ଛବି ଥିବା ଏକ ପୋଷାକ ପିନ୍ଧି ଜୋକ୍ କରୁଥିବାବେଳେ ଅଶାଳୀନ ଭାଷା ବ୍ୟବହାର କରୁଥିବାର ମଧ ଦେଖିବାକୁ ମିଳିଛି। ସ୍ୱର୍ଗରେ ରହି ଚିତ୍ରଗୁପ୍ତ ମନୁଷ୍ୟର ଭଲ ଓ ମନ୍ଦ କାମର ହିସାବ ରଖୁଥିବାବେଳେ ତାଙ୍କ ଚିତ୍ର ଥିବା ପୋଷାକ ଫିଲ୍ମରେ ବ୍ୟବହାର ହେବା ଅନୁଚିତ୍ ବୋଲି ହିମାଂଶୁ ପିଟିଶନ୍ ଜରିଆରେ କହିଛନ୍ତି। ଅଭିଯୋଗ ନେଇ ନଭେମ୍ବର ୧୮ରେ ଶୁଣାଣି ହେବାକୁ ଥିବାବେଳେ ଫିଲ୍ମଟି ଅକ୍ଟୋବର ୨୪ରେ ମୁକ୍ତିଲାଭ କରିବାକୁ ଅଛି।

## ୩ ଦଶନ୍ଧି ପୂର୍ବରୁ ତିଆରି ହୋଇଥିଲା ମହାରାଣୀଙ୍କ କଫିନ୍

ଲଣ୍ଡନ





ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ବ୍ରିଟେନ୍ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ପାଇଁ ମୃତ୍ୟୁର କଫିନ୍ ତିଆରି ହୋଇ ରହିଥିଲା। ରାଜପରିବାରର ପରମ୍ପରା ଅନୁସାରେ ପାଖାପାଖି ୩୨ ବର୍ଷ ପୂର୍ବରୁ ଓକ୍ ଗଛର ଶକ୍ତ କାଠରୁ ମହାରାଣୀଙ୍କ ପାଇଁ ଏହି ସ୍ୱତନ୍ତ୍ର କଫିନ୍ ନିର୍ମିତ ହୋଇଛି। ମହାରାଣୀଙ୍କ ମୃତ୍ୟୁ ପରେ ଏହାକୁ ସ୍କଟ୍‌ଲାଣ୍ଡରୁ ଅଣାଯାଇଥିଲା। ବାହାର ବାୟୁ ଯେମିତି କଫିନ ମଧ୍ୟକୁ ପ୍ରବେଶ ନ କରିବ ସେଥିପାଇଁ ଏହାକୁ ଏୟାର୍ ଟାଇଟ୍ କରାଯାଇଛି। ଏହି ସ୍ୱତନ୍ତ୍ର ପ୍ରକାର କଫିନ୍‌ରେ ରାଜମୁକୁଟ, ଓର୍ବ (ଗୋଲାକାର ପଦାର୍ଥ) ଏବଂ ସେପ୍ଟର (ରାଜପରିବାରର ଲୋକେ ବ୍ୟବହାର କରୁଥିବା ବାଡ଼ି) ଖଞ୍ଜା ଯାଇଥାଏ।

ଏଲିଜାବେଥଙ୍କ ସ୍ୱାମୀ ରାଜକୁମାର ଫିଲିପ୍‌ଙ୍କ ପାଇଁ ମଧ ସମାନ ପଦ୍ଧତିରେ କଫିନ୍ ତିଆରି କରାଯାଇଥିଲା। ଏଲିଜାବେଥଙ୍କ କଫିନ୍‌କୁ ସେହି କ୍ରିପ୍ଟ (ଶିଳାରେ ତିଆରି ଏକ ପ୍ରକୋଷ୍ଠ, ଯାହା ଚର୍ଚ୍ଚ କିମ୍ବା ବିଲ୍ଡିଂ ତଳେ ତିଆରି ହୋଇଥାଏ) ରେ ପୋତାଯିବ ଯେଉଁଠାରେ ଫିଲିପ୍‌ଙ୍କୁ ସମାଧି ଦିଆଯାଇଛି। ଫିଲିପ୍‌ଙ୍କ ସମାଧି କଡ଼ରେ ଏଲିଜାବେଥଙ୍କୁ ସମାଧି ଦିଆଯିବ । କଫିନ୍‌ଟି ଭାରି ହୋଇଥିବା କାରଣରୁ ୮ ଜଣ ଲୋକ ତାକୁ କାନ୍ଧେଇ କ୍ରିପ୍ଟ ନେବେ। କଫିନ୍ କେଉଁମାନେ ତିଆରି କରନ୍ତି ତାହା କାହାରିକୁ ଜଣା ନଥିବା ରାଜ ପରିବାରର ଅନ୍ତ୍ୟେଷ୍ଟିକ୍ରିୟା ନିର୍ଦ୍ଦେଶକ ଲେଭେରଟୋନ ଆଣ୍ଡ ସନ୍ସ କହିଛନ୍ତି । ୧୯୯୧ରୁ ସେ ରାଜପରିବାରରେ କାମ କରିଆସୁଛନ୍ତି। ୧୯ ତାରିଖରେ ଏଲିଜାବେଥଙ୍କ ଶେଷକୃତ୍ୟ ସମ୍ପନ୍ନ ହେବାକୁ ଥିବାବେଳେ ୱିଣ୍ଡସରରେ ଥିବା କିଙ୍ଗ୍ ଜର୍ଜ ଷଷ୍ଠଙ୍କ ମେମୋରିଆଲ ଚାପେଲରେ ଫିଲିପଙ୍କ ପାଖରେ ମହାରାଣୀଙ୍କୁ ସମାଧି ଦିଆଯିବ।

## ଗୁଆ ବିକ୍ରି ଟଙ୍କାରେ କିଣାହେଲା ବସ୍

**ବେଙ୍ଗାଲୁରୁ:** କର୍ନାଟକର ଦକଶିନ କନ୍ନଡ଼ ଜିଲାରେ ଥିବା ଏକ ସରକାରୀ ସ୍କୁଲ କର୍ତ୍ତୃପକ୍ଷ ଗୁଆ ବିକ୍ରି କରି ଏକ ବସ୍ କିଣିଛନ୍ତି। ୪.୧୫ ଏକର ପରିମିତ ଜାଗାରେ ଏହି ୧୧୨ ବର୍ଷ ପୁରୁଣା ସ୍କୁଲ ରହିଛି। ୨୦୧୭ରେ ସ୍କୁଲ ଉନ୍ନୟନ ଏବଂ ପରିଚାଳନା କମିଟି ଓ ବିଦ୍ୟାଳୟ ଶିକ୍ଷକମାନେ ମିଶି ୬୨୮ ଟି ଗୁଆଗଛ ଲଗାଇଥିଲେ। ଗତବର୍ଷ ଗଛରେ ଫଳ ଆସିବା ଆରମ୍ଭ ହୋଇଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ବିକ୍ରି କରି ଆୟ ଅର୍ଥକୁ ବିଦ୍ୟାଳୟ ଉନ୍ନୟନ କାମରେ ଲଗାଇବା ନେଇ ନିଷ୍ପତ୍ତି ନେଇଥିଲେ। ଗୁଆ ବିକ୍ରି କରି ଗତବର୍ଷ ସାଢ଼େ ୨ ଲକ୍ଷ ଟଙ୍କା ରୋଜଗାର ହୋଇଛି, ଯେଉଁଥିରେ ସ୍କୁଲ ୨୬ ସିଟ୍ ବିଶିଷ୍ଟ ଏକ ବସ୍ କିଣିଥିବା ପ୍ରଧାନ ଶିକ୍ଷକ ସରୋଜ କହିଛନ୍ତି। ବସ୍‌ର ମୂଲ୍ୟ ୫ ଲକ୍ଷ ଟଙ୍କା। ଗୁଆ ବିକ୍ରି ଟଙ୍କାରୁ ଯାହା ଆୟ ହେବ ସେଥିରେ ବସ୍‌ର ମେଣ୍ଟେନାନ୍ସ କାମ କରାଯିବ। ସ୍କୁଲରେ ମୋଟ ୧୧୮ ଜଣ ଛାତ୍ରୀଛାତ୍ର ପାଠ ପଢ଼ୁଥିବାବେଳେ ସେମାନଙ୍କ ଘର ସ୍କୁଲଠାରୁ ବହୁତ ଦୂର।




ଯାତାୟାତରେ ସେମାନଙ୍କୁ ବହୁ ଅସୁବିଧା ହେଉଥିବା କାରଣରୁ ଏହାକୁ ଲାଘବ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଏ ପ୍ରକାର ନିଷ୍ପତ୍ତି ନେଇଛନ୍ତି। ଏରିକା ଗଛର ଏହି ବିଶେଷ ପ୍ରକାର ଗୁଆରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଥିବା ହେତୁ ଏହାର ଚାହିଦା ଖୁବ୍ ଅଧିକ ରହିଛି। ଏହି କାରଣରୁ ଗୁଆସବୁ ଭଲ ଦରରେ ବିକ୍ରି ହେଉଥିବାବେଳେ ଏଥିରୁ ଭଲ ଆୟ ହେଉଥିବା କୁହାଯାଉଛି।

## ପୃଥିବୀ ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ**

**ପୃ**ଥିବୀର ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ। ଗଣତନ୍ତ୍ରର ଭୂମିକାକୁ ଉପଲବ୍ଧି କରି ୨୦୦୭ରେ ମିଳିତ ଜାତିସଂଘର ସାଧାରଣ ସଭା ଗଣତନ୍ତ୍ରର ନୀତିକୁ ପ୍ରୋତ୍ସାହନ ତଥା ସମର୍ଥନ କରିବା ଉଦ୍ଦେଶ୍ୟରେ ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ସଙ୍ଗଠନକୁ ଏହି ଦିନକୁ ଉପଯୁକ୍ତ ଢଙ୍ଗରେ ସ୍ମରଣ କରିବାକୁ ଆମନ୍ତ୍ରଣ କରିଥିଲା। ଗଣତନ୍ତ୍ର ହେଉଛି ଏକ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଆଧାରିତ ପ୍ରଣାଳୀ। ଗଣତାନ୍ତ୍ରିକ ରାଷ୍ଟ୍ର ନିଜର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଣାଳୀ ଏବଂ ଜୀବନର ସମସ୍ତ ଦିଗରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଲୋକମାନଙ୍କର ମୁକ୍ତ ଭାବରେ କାର୍ଯ୍ୟ କରିଥା'ନ୍ତି।

## ଆଧୁନିକ ଭାରତର ବିନ୍ଧାଣି ବିଶ୍ୱେଶ୍ୱରାୟା

**ଇଞ୍ଜିନିୟର୍ସ ଡେ'**



**ସେ**ପ୍ଟେମ୍ବର ୧୫ରେ ଭାରତ ରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନକୁ ଭାରତରେ ଇଞ୍ଜିନିୟର୍ସ ଦିବସ (ଇଞ୍ଜିନିୟର୍ସ ଡେ') ଭାବରେ ପାଳନ କରାଯାଏ। ଇଞ୍ଜିନିୟରିଂ ଏବଂ ଶିକ୍ଷା କ୍ଷେତ୍ରରେ ସାର୍ ଏମ୍. ବିଶ୍ୱେସରାୟାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ବିବେଚିତ ହୋଇଥିଲେ, ଯେଉଁମାନେ ଆଧୁନିକ ଭାରତର ବନ୍ଧ, ଜଳଭଣ୍ଡାର ଏବଂ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ଭାରତର ବିନ୍ଧାଣି ଭାବେ ବିଶ୍ୱେଶ୍ୱରାୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କର୍ନାଟକର କୃଷ୍ଣରାଜ ସାଗର ବନ୍ଧ ଏବଂ ହାଇଦ୍ରାବାଦର ବନ୍ୟା ସୁରକ୍ଷା ବ୍ୟବସ୍ଥା ସମେତ ମୁଖ୍ୟ ଇଞ୍ଜିନିୟର ଭାବରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ଦେଶର ବହୁ ମୁଖ୍ୟ ସ୍ଥାପତ୍ୟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୧୯୬୮ ମସିହାରେ ଭାରତ ସରକାର ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମ ବାର୍ଷିକକୁ ଇଞ୍ଜିନିୟର୍ସ ଦିବସ ଭାବରେ ଘୋଷଣା କରିଥିଲେ। ସେବେଠାରୁ, ଏହି ଦିନଟି ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନ ଏବଂ ସମ୍ମାନିତ କରିବା ପାଇଁ ପାଳନ କରାଯାଏ।

# ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପୁଣି ତେଜିଲା

■ ୨୮ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟି

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯାଉ

ସୁନ୍ଦରଗଡ଼,୧୪।୯(ଡି.ଏନ.ଏ. )

ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର୍ କମିଟି ବୈଠକ ବୁଧବାର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁସାରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର୍ କମିଟି ଆବାହକ ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୨୮ ତାରିଖ ଅପରାହ୍ନ ୧ଟା ବେଳେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର୍ କମିଟିର କର୍ମକର୍ତ୍ତା, ସଦସ୍ୟ ତଥା ପଶ୍ଚିମ ଓଡିଶାର ବିଭିନ୍ନ ଓକିଲ ସଂଘର ସଭାପତି, ସମ୍ପାଦକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଚିବାଳୟରେ ଭେଟି ସାକ୍ଷାତ ଆଲୋଚନା କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସାକ୍ଷାତ ସମୟରେ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରକୁ କରିଥିବା ସୁପାରିଶ ଉପରେ କେନ୍ଦ୍ର ଆଇନ ମନ୍ତ୍ରୀ ରାଜ୍ୟ ସରକାରଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ମତାମତ ନେଇ ଓ ରାଜ୍ୟପାଳଙ୍କ ପରାମର୍ଶ ନେଇ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ପାଇଁ ବାରମ୍ବାର ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ହେଲେ ଏଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ନିରବ ରହିଛନ୍ତି। ମୁଖ୍ୟମନ୍ତ୍ରୀ କାହା ଚାପରେ ଚୁପ ରହିଛନ୍ତି ବୋଲି କୋର କମିଟି ପ୍ରଶ୍ନ କରିଛି। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ କେନ୍ଦ୍ରକୁ ପ୍ରସ୍ତାବ ପଠାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି କୋର୍ କମିଟିର ଆବାହକ ଅଶୋକ କୁମାର ଦାଶ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ପଶ୍ଚିମ ଓଡିଶାର ସମସ୍ତ ବିଧାୟକ ଉପସ୍ଥିତ ରହିବା ପାଇଁ କମିଟି ତରଫରୁ ଅନୁରୋଧ କରାଯିବ। ବୈଠକରେ ହୋଇଥିବା ଦ୍ୱିତୀୟ ପ୍ରସ୍ତାବ ଅନୁଯାୟୀ ଏହି ୨୮ତାରିଖରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଓକିଲ ସଂଘମାନେ ପ୍ରତିବାଦ ଦିବସ ପାଳନ କରିବେ। ସେଦିନ ଓକିଲମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିବେ। ନିଜ ଅଞ୍ଚଳରେ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ଯଥା ତହସିଲଦାର, ଉପଜିଲାପାଳ, ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ପ୍ରତିବାଦ କରିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟ ପ୍ରସ୍ତାବ ମଧ୍ୟରେ ସୁନ୍ଦରଗଡ଼ଠାରେ ଏମ୍‌ସ ପ୍ରତିଷ୍ଠା ଦାବିକୁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି। ଏହି ବୈଠକରେ ସମ୍ବଲପୁର ଓକିଲ ସଂଘର ସଭାପତି ତଥା କୋର କମିଟିର ସୁରେଶ୍ୱର ମିଶ୍ର, କୋର କମିଟି ସମ୍ପାଦକ ବିଜିତେନ୍ଦ୍ରିୟ ପ୍ରଧାନ,ଝାରସୁଗୁଡା ଓକିଲ ସଂଘ ସଭାପତି ତ୍ରିନାଥ ଗୋୟଲ, ନିମାଇଁ ଚରଣ ନାଏକ, ଶରତ ଗୁରୁ, ଛୁରିଆ, ପ୍ରଦୀପ ବହିଦାର, ଧର୍ମେଶ ପଟେଲ, ଉମାଶଙ୍କର ପଟେଲ, ମହମ୍ମଦ ମହସୀନ, ରବୀନ୍ଦ୍ର ପଣ୍ଡା, ଅତନୁ ଘୋଷ, ରବି ପୂଜାରୀ, ସୁନ୍ଦରଗଡ଼ ଜିଲା ଓକିଲ ସଂଘର ସଭାପତି କମଳ ଲୋଚନ ସେନ, ସତ୍ୟଜିତ ନାଏକ, ସୁକାନ୍ତ ମହାପାତ୍ର, ଅଶୋକ ସ୍ୱାଇଁ ପ୍ରମୁଖ କୋର କମିଟିର ପ୍ରମୁଖ କୋର କମିଟି ସଦସ୍ୟ ବୈଠକରେ ଯୋଗ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଓକିଲମାନେ।

## ସଂକ୍ଷେପରେ

### ଦେବଗଡ଼ ଟିମ୍‌ର କଟକ ଗସ୍ତ

**୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ**

ଦେବଗଡ଼, ୧୪।୯ (ଡି.ଏନ.ଏ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଗୁରୁବାର ୧୫ ତାରିଖରୁ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୬ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟରେ ଭାଗ ନେବାକୁ ଦେବଗଡ଼ ଜିଲାର କ୍ରିକେଟ ଦଳ କଟକ ଗସ୍ତ କରିଛି। ସେଠାରେ ୧୫ ତାରିଖରେ ଦେବଗଡ଼ ଦଳ ସୋନପୁର ସହିତ ପ୍ରଥମ ମ୍ୟାଚ ଖେଳିବ। ସେହିପରି ୧୬ରେ କେନ୍ଦୁଝର ଜିଲା ଟିମ, ୧୭ରେ ଯାଜପୁର ଜିଲା ଟିମ୍ ସହିତ ଖେଳିବାର କାର୍ଯ୍ୟକ୍ରମ ଥିବା ନେଇ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଦେବଗଡ଼ ଜିଲା ୧୬ ବର୍ଷରୁ କମ କ୍ରିକେଟ ଦଳ କଟକ ଅଭିମୁଖେ ଯିବା ପୂର୍ବରୁ ସେମାନଙ୍କୁ ସ୍ଥାନୀୟ ଜିଲା କ୍ରିକେଟ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

### ଅଙ୍ଗନୱାଡ଼ି ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

ଲହୁଣୀପଡା, ୧୪।୯(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ସାନନୂଆଗାଁ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୀବନ ବିକାଶ ଅନୁଷ୍ଠାନ ତରଫରୁ ଆୟୋଜନ କରାଯାଇଥିଲା। ଏଥିରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ପୁଷ୍ପ ମଞ୍ଜରୀ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଛାତ୍ରୀଛାତ୍ରଙ୍କୁ ନିୟମିତ କେନ୍ଦ୍ରକୁ ଆସିବା ପାଇଁ କହିଥିଲେ। ସରକାରଙ୍କ ପକ୍ଷରୁ ଅଙ୍ଗନୱାଡି ଛାତ୍ରୀ ଛାତ୍ର ଓ ଗ୍ରାମର ଗର୍ଭବତୀ ପ୍ରସୂତି ମହିଳାମାନଙ୍କ ପାଇଁ ପ୍ରଚଳିତ ଯୋଜନାର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅଞ୍ଚଳର ପାଞ୍ଚୋଟି ଅଙ୍ଗନୱାଡି କେନ୍ଦ୍ର ତାଲବାହାଲି, ସାନଜୋଲ, କରଡ଼ା କୁଦର, ବୁଢାଭୁଇଁ, ସାନ ନୂଆଗାଁ ପ୍ରଭୃତି କେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ପ୍ରଦାନ କରାଯାଇଥିଲା। ଏହା ସହିତ ପ୍ରତ୍ୟେକ ଦିନ ବିସ୍କୁଟ ଓ କ୍ଷୀର ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ଭରତ କୁମାର ମାହାନ୍ତ ସୂଚନା ଦେଇଥିଲେ। ଅଙ୍ଗନୱାଡି କର୍ମୀ ସୁକାନ୍ତି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ

ରାଉରକେଲା ଅଫିସ,୧୪।୯: ରାଉରକେଲା ଇସ୍ପାତ କାରଖାନା ସଂସ୍କାର ଗେଟ ନିକଟରେ ବୁଧବାର ଟ୍ରାଫିକ ଓ କଞ୍ଚାମାଲ ସାମୂହିକଙ୍କ ଦ୍ୱାରା ଏକ ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ଏଥିରେ ଟ୍ରାଫିକ ବିଭାଗର ସିଜିଏମ ଅରୁଣ କୁମାର ବେହେରା ନେତୃତ୍ୱ ନେଇଥିଲେ। ଏହି ସଚେତନତା ଅଭିଯାନରେ ବିଭାଗର ବରିଷ୍ଠ ଅଧିକାରୀ କର୍ମଚାରୀ ଓ ଠିକା ଶ୍ରମିକ, ସୁରକ୍ଷା ଇଞ୍ଜିନିୟର ବିଭାଗର ପ୍ରତିନିଧି, କାର୍ମିକ ବିଭାଗର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସିନିୟର ମ୍ୟାନେଜର ବିନାୟକ ଜେନା ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅଭିଯାନରେ ଯାନବାହାନ ଚାଳକ ଓ ବିଭିନ୍ନ ପଥଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପୋଷ୍ଟର ଏବଂ ପ୍ଲାକାର୍ଡ ପ୍ରଦର୍ଶିତ ହୋଇଥିଲା। ସୁରକ୍ଷା ଅଭ୍ୟାସକୁ ଅଧିକ ସଦୃଢ଼ କରିବା, ବିଭିନ୍ନ ସଙ୍ଗଠନ ମଧ୍ୟରେ ସୁରକ୍ଷା ସଂସ୍କୃତିକୁ ଅଧିକ ମଜବୁତ କରିବା ଅଭିଯାନର ଉଦ୍ଦେଶ୍ୟ ଥିଲା।

## କୃଷକ ଉତ୍ପାଦକ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ

ଦେବଗଡ଼, ୧୪।୯(ଡି.ଏନ.ଏ.)

ବୁଧବାର ତିଳେଇବଣି କୃଷକ ଉତ୍ପାଦକ ସଂଘର କାର୍ଯ୍ୟାଳୟର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହକାରୀ ଉଦ୍ୟାନ ଅଧିକାରୀ ସୌଭାଗ୍ୟ କୁମାର ସାହୁ ଯୋଗଦେଇ ଫିତାକାଟି ଅଫିସ ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଉଦ୍ୟାନବିତ ଅବସରପ୍ରାପ୍ତ ଜଳସେଚନ ଯନ୍ତ୍ରୀ ରୁଦ୍ରମଣୀ ଦେହୁରୀ, ତିଳେଇବଣୀ କୃଷକ ଉତ୍ପାଦକ ସଂଘର ନିର୍ଦ୍ଦେଶକ ସୁବ୍ରତ କୁମାର ସାହୁ ଓ ଲାଇଭ୍ ହୁଡ ଅଲଟରନେଟିଭ ର ଚିଫ ଅପରେଟିଙ୍ଗ ଅଫିସର କେଦାର ଚନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍ପାଦକ ସଂଘର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଏହା ଦ୍ୱାରା ଚାଷୀ କେମିତି ଲାଭାନ୍ୱିତ ହୋଇପାରିବେ ସେହି ବିଷୟରେ ଆଲୋକପାତ କରିଥିଲେ। ଏହି ସଭାକୁ ସଂଘର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ଟାଲି ପରିଚାଳନା କରିଥିଲେ। ଶେଷରେ ରୋହିତସ୍ୱ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଆକ୍ରମଣରେ ଯୁବକ ମୃତ

ଲହୁଣୀପଡ଼ା/ଟେନ୍‌ସା, ୧୪।୯(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାରେ ବୁଧବାର ସନ୍ଧ୍ୟାରେ ହାତୀ ଜଣଙ୍କୁ କଚାଡି ମାରି ଦେଇଥିବା ଜଣାପଡିଛି। ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶଶ୍ୟକଳା ପଞ୍ଚାୟତ ବରସୁଆଁ ରେଞ୍ଜର ତନ୍ତରା (ଫୁଲଝର) ଠାରେ ଏହି ଘଟଣା ଘଟିଛି। ତନ୍ତରା ଗ୍ରାମର ଫୁଲଝର ବସ୍ତିରେ ରହୁଥିବା ଧନୁ ଦେହୁରୀଙ୍କ ପୁଅ ଅଜୟ (୨୫) ଘରୁ ଚାଲିଚାଲି ଯାଉଥିବାବେଳେ ହାତୀ ପଲ ସହିତ ମୁହାଁମୁହିଁ ହୋଇଥିଲେ। ଫଳରେ ଅଜୟକୁ ହାତୀ ଶୁଣ୍ଢରେ ଟେକି କଚାଡି ଦେବା ସହିତ ପାଦରେ ଦଳି ଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଫରେଷ୍ଟର କୈଳାସ କିଷାନ, ବନ କର୍ମଚାରୀ, ଟେନସା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି। କିଛି ଦିନ ହେଲା ବରସୁଆଁ ରେଞ୍ଜ ଅଧୀନରେ ଥିବା କେତେକ ଗ୍ରାମରେ ହାତୀପଲ ବୁଲୁଛନ୍ତି। ଏହି ହାତୀପଲ ଅଜୟକୁ ମାରି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସେଆଟେଲରେ ନୂଆଁଖାଇ ପାଳିତ

ସୁନ୍ଦରଗଡ଼,୧୨।୯(ଡି.ଏନ.ଏ.)

ଗତ ସେପ୍ଟେମ୍ବର ୧୧ ତାରିଖ ରବିବାର ଆମେରିକାର ସେଆଟେଲ ସହରରେ ଅନେକ ଉତ୍ସାହ ଏବଂ ଉଦ୍ଦୀପନାର ସହ ନୂଆଁଖାଇ ପାଳନ କରାଯାଇଛି। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇକୁ ଏଠି ସମଗ୍ର ଓଡ଼ିଆ ପରିବାର ଏକାଠି ହୋଇ ପାଳନ କରିଛନ୍ତି। ଅନେକ ଉଲ୍ଲାସର ସହ ଦୀର୍ଘ ୧୦ ବର୍ଷ ହେଲା ପାଳନ କରି ଆସୁଛନ୍ତି ଏହି ନୂଆଁଖାଇ ପର୍ବ। ଏ ବର୍ଷ ଟୋଲଟ ମାକଡୋନାଲ୍ଡ ପାର୍କରେ ୬୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଏକତ୍ରିତ ହୋଇ ମା' ସମଲେଇଙ୍କୁ ସ୍ମରଣକରି ନବାନ୍ନ ଗ୍ରହଣ କରିଥିଲେ। ଭାରତରୁ ଆସିଥିବା ଅମନ ହୋତା, ଲକ୍ଷ୍ମୀ କୋରାଡା, ତନ୍ମୟ ପଟେଲଙ୍କ ଅଭିଭାବଙ୍କଠୁ ଆଶୀର୍ବାଦ ନେଲେ। ତା'ପରେ ସମସ୍ତେ ନିଜ ପରିବାରର ପରିଚୟ ଅନ୍ୟ ସଦସ୍ୟମାନଙ୍କ ସହ କରେଇଲେ। ସେଆଟେଲରେ ଅନେକ ଆଇଟି କମ୍ପାନୀରେ ଅନେକ ଓଡ଼ିଆ କାର୍ଯ୍ୟରତ। ନିଜ ଦୈନନ୍ଦିନ କାର୍ଯ୍ୟରୁ ନିବୃତ ରହି ନୂଆଁଖାଇ ପାଳନ ମାଧ୍ୟମରେ ସମସ୍ତେ ଏକତ୍ରିତ ହୋଇ ଏକ ଭେଟ୍‌ଘାଟ୍ କରି ପାରୁଥିବାରୁ ସମସ୍ତ ଅଭିଭାବକ ଖୁସି ହେବା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପ୍ରଶଂସା କରିଥିଲେ। ଡାଲଖାଇ ରସରକେଲିର ତାଳେ ତାଳେ ସମସ୍ତେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ଓଡ଼ିଆ ପିଠାପଣା, ଓଡ଼ିଆ ଖାଦ୍ୟର ବାସ୍ନାରେ ସମସ୍ତ ପାର୍କ ମହକି ଉଠିଥିଲା। ଭାଇଚାରାର ପର୍ବ ନୂଆଁଖାଇ କୋଭିଡ୍ ପରେ ପ୍ରଥମଥର ପାଳନ କରାଯାଉଥିବାରୁ ସମସ୍ତ ଅଂଶଗ୍ରହଣକାରୀ ଉତ୍ସାହିତ ଥିଲେ। ସୁଦୂର ଆମେରିକାରେ ରହି ମଧ୍ୟ ନିଜ ସଂସ୍କୃତି ସହ ଜଡିତ ହେବା ସ୍ୱାଗତଯୋଗ୍ୟ। ପ୍ରବାସୀ ଓଡ଼ିଆ ସବୁ ବର୍ଷ ଏହା ପାଳନ କରି ଆସୁଛନ୍ତି। ଆଗାମୀ ଦିନରେ ଏ ପର୍ବକୁ ଆହୁରି ଧୁମଧାମ୍‌ରେ ପାଳନ କରାଯିବା ସହ ଅନ୍ୟ ରାଜ୍ୟରେ ଥିବା ଓଡ଼ିଆ ଅଧିବାସୀଙ୍କୁ ନିମନ୍ତ୍ରଣ କରି ଆହୁରି ଆଡମ୍ବର ସହକାରେ ମନେଇବା ପାଇଁ କର୍ମକର୍ତ୍ତା ନିଷ୍ପତି ନେଇଛନ୍ତି।


ନୂଆଁଖାଇରେ ସାମିଲ ହୋଇଥିବା ପ୍ରବାସୀ ଓଡ଼ିଆ।

## ୱାର୍ଡ ନମ୍ବର ୧, ୱାର୍ଡ ନମ୍ବର ୭ ବିଜୟୀ

### ଚେୟାରମ୍ୟାନ୍'ସ୍ କପ୍ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ



ଦେବଗଡ଼,୧୪।୯(ଡି.ଏନ୍.ଏ.)

ଦେବଗଡ଼ ପୌର ପରିଷଦ ପକ୍ଷରୁ ଜିଲା କ୍ରୀଡା ସଂସଦ ସହାୟତାରେ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା 'ଚେୟାରମ୍ୟାନ୍'ସ୍ କପ୍' ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ଦିବସରେ ୱାର୍ଡ ନମ୍ବର-୧ ଓ ୱାର୍ଡ ନମ୍ବର-୭ ବିଜୟୀ ହୋଇଛି। ବୁଧବାର ପ୍ରଥମ ମ୍ୟାଚ ୱାର୍ଡ ନମ୍ବର-୧ ଓ ୱାର୍ଡ ନମ୍ବର-୫ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୱାର୍ଡ ନମ୍ବର ୫କୁ ୨-୦ ଗୋଲରେ ପରାସ୍ତ କରି ୱାର୍ଡ ନଂ୧ ବିଜୟୀ ହୋଇଥିଲା । ଅନୁରୂପ ଭାବେ ଦ୍ୱିତୀୟ ମ୍ୟାଚ ୱାର୍ଡ ନମ୍ବର-୪ ଓ ୱାର୍ଡ ନମ୍ବର-୭ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ୱାର୍ଡ ନମ୍ବର-୪କୁ ୪-୧ ଗୋଲରେ ପରାସ୍ତ କରି ୱାର୍ଡ ନମ୍ବର-୭ ବିଜୟୀ ହୋଇଥିଲା। ମ୍ୟାଚ ଦ୍ୱୟକୁ ରେଫରୀ ଭାବେ ପ୍ରଦୀପ କୁମାର ବେହେରା, ମୁକୁନ୍ଦ ବେହେରା, ସୁଧିର କୁମାର ଦାସ ଓ କିଶୋର ବେହେରା ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ହେମନ୍ତ କୁମାର ମହାପାତ୍ର ମ୍ୟାଚ ପର୍ଯ୍ୟବେକ୍ଷଣ କରିଥିଲେ। ପ୍ରଥମ ମ୍ୟାଚକୁ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦର ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ମ୍ୟାଚକୁ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ୫ ନମ୍ବର ୱାର୍ଡର ୱାର୍ଡ ମେମ୍ବର ଜତିନ କୁମାର ନାୟକ, ଜିଲା କ୍ରୀଡା ସଂସଦର ସମ୍ପାଦକ ଧିରେନ୍ଦ୍ର ନାୟକ, ଭୁବନେଶ୍ୱର ପ୍ରଧାନ, ପ୍ରଦୀପ କୁମାର ଅମାନ୍ତ, ପ୍ରଭାତ କୁମାର ପ୍ରଧାନ, ରାଜକିଶୋର ଦାଶ, ଡିଲେଶ୍ୱର ପ୍ରଧାନ ଓ ବିରଂଚି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜିଲା କ୍ରୀଡା ସଂସଦର ସୁବାସ ଚନ୍ଦ୍ର ଭୋଇ ଓ କିଶୋର ରାୟଙ୍କ ସମେତ ସମସ୍ତ ସଦସ୍ୟ ଏବଂ କର୍ମକର୍ତ୍ତା ସହଯୋଗ କରୁଥିବା ଜଣାପଡିଛି।

## ନାଉଲିପଡା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଶିଳ୍ପକ୍ଷେତ୍ର ପରିଦର୍ଶନ

ଦେବଗଡ଼,୧୪।୯(ଡି.ଏନ.ଏ)

ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲିପଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବୁଧବାର ଶିଳ୍ପ କ୍ଷେତ୍ର ପରିଦର୍ଶନରେ କୁଡଝରଣ ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ରକୁ ଯିବାସହ ଶିଳ୍ପ ସମ୍ପର୍କୀତ ଶିକ୍ଷାଲାଭ କରିଥିବା ଜଣାପଡିଛି। ବିଦ୍ୟାଳୟର ଧନ୍ଦାମୂଳକ (ଭୋକେସନାଲ)ବିଭାଗରେ ପାଠ ପଢୁଥିବା ନବମ ଓ ଦଶମ ଶ୍ରେଣୀର ୫୫ ଛାତ୍ରୀଛାତ୍ର ବନ ବିଭାଗ ଅଧିନସ୍ଥ ଉକ୍ତ କୁଡଝରଣ ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଭୋକେସନାଲ ବିଭାଗର ଶିକ୍ଷୟତ୍ରୀ ରଶ୍ମୀରେଖା ମାଝୀ ଓ ମମତା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ନେଇ ଚାରା ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରାଇଥିଲେ।

## ଖଣି ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ବିସ୍ଥାପିତଙ୍କ ବିକ୍ଷୋଭ

ସୁନ୍ଦରଗଡ଼ /ହେମଗିର,୧୪।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା ଏମ୍‌ସିଏଲର କୋଇଲା ଖଣି ଯୋଗୁ ବିସ୍ଥାପିତ ହେଉଥିବା ୧୪ ଖଣ୍ଡ ଗ୍ରାମର ଅଧିବାସୀ ବୁଧବାର ଏମ୍‌ସିଏଲ ବସୁନ୍ଧରା ଖଣି ପ୍ରବନ୍ଧକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିସ୍ଥାପିତ ଅଧିକାର ମଞ୍ଚ ସଙ୍ଗଠନ ଓ ଆଦିବାସୀ ଏକତା ମଞ୍ଚ ହେମଗିର ସଙ୍ଗଠନ ପକ୍ଷରୁ ଏହି ଗ୍ରାମବାସୀମାନେ ନିଯୁକ୍ତି, ଥଇଥାନ ପୁନର୍ବାସ ଓ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ବିସ୍ଥାପିତଙ୍କୁ ହଇରାଣ ହରକତ ବିରୁଦ୍ଧରେ ଏବଂ ଜଳ, ଜଙ୍ଗଲ ଜମି ଓ ଜୀବନ, ଜୀବିକା ତଥା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ସୁରକ୍ଷା ପାଇଁ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ।

## ଗଛରୁ ପଡ଼ି ଜଣେ ମୃତ

ହେମଗିର,୧୪।୯ (ଡି.ଏନ ଏ )

ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ବସଷ୍ଟାଣ୍ଡ ନିକଟରେ ଥିବା ଏକ ପିପଲ ଗଛରୁ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ହେମଗିରର ରତ୍ନାକର ଧୁଆ। ସୂଚନା ଅନୁସାରେ ବୁଧବାର ପ୍ରାୟ ୪ଟାରେ ରତ୍ନାକର ଗଛ କାଟୁଥିବା ସମୟରେ ଭାରସାମ୍ୟ ହରାଇ ଗଛରୁ ତଳେ ପଡ଼ିଯାଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଯୁବକ ପହଞ୍ଚି ଆହତଙ୍କୁ ହେମଗିର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିବାବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ହନୁମାନ ପଇସା କାରବାର: ଜଣେ ଗିରଫ

ଦେବଗଡ଼, ୧୪।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା କନ୍ତ୍ରାପାଲି ଛକ ନିକଟରେ ହନୁମାନ ପଇସା କାରବାର ହେଉଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ହରିହରପୁର ଗ୍ରାମର ଯୋଗୀନ୍ଦ୍ର ନାଗ। ତାଙ୍କଠାରୁ ୨ଟି ହନୁମାନ ପଇସା ଜବତ କରାଯାଇଛି। ଯୋଗୀନ୍ଦ୍ର ହନୁମାନ ପଇସା ବିକ୍ରି ପାଇଁ ବିଭିନ୍ନ ଲୋକଙ୍କ ସହ ଯୋଗାଯୋଗ କରୁଥିଲେ। ବିଭିନ୍ନ ପ୍ରଲୋଭନ ଦେଖାଇ ଲକ୍ଷାଧିକ ଟଙ୍କାରେ ହନୁମାନ ପଇସା ବିକ୍ରି ଯୋଜନା ଚଳାଇଥିଲେ। ୫ ଲକ୍ଷ ଟଙ୍କାରେ ୨ଟି ହନୁମାନ ପଇସା ବିକ୍ରି ପାଇଁ ଉଦ୍ୟମ ହେଉଥିବାବେଳେ ଦେବଗଡ଼ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ସ୍କ୍ୱାଡ୍‌ର ଅଧିକାରୀମାନେ ଗ୍ରାହକ ସାଜି ଚଢାଉ କରି ଯୋଗୀନ୍ଦ୍ରଙ୍କୁ କାବୁ କରିଥିଲେ। ଅନ୍ୟପଟେ ଏହି ହନୁମାନ ପଇସା କାରବାର ରାକେଟ ପଛରେ ଆଉ କେଉଁମାନେ ଅଛନ୍ତି ସେ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଦେବଗଡ଼ ଏସ୍‌ପି ପ୍ରମୋଦ କୁମାର ରଥ ସୂଚନା ଦେଇଛନ୍ତି।


ହନୁମାନ ପଇସା କାରବାର ଅଭିଯୋଗରେ ଗିରଫ ଅଭିଯୁକ୍ତ।

## ଲ୍ୟାମ୍ପ୍‌ସ ପକ୍ଷରୁ ବିଭିନ୍ନ ଋଣ ପ୍ରଦାନ ଉପରେ ଗୁରୁତ୍ୱ

**ଲେଫ୍ରିପଡ଼ା ଲ୍ୟାମ୍ପସର ପରିଚାଳନା ପରିଷଦ ବୈଠକ**

■ ଲ୍ୟାମ୍ପସ୍ ପକ୍ଷରୁ ନୂତନ ବିଡ଼ିଓଙ୍କୁ ସ୍ୱାଗତ

■ ବିଦାୟୀ ବିଡିଓଙ୍କୁ ଉତ୍ତରୀୟ ପ୍ରଦାନ

ଲେଫ୍ରିପଡ଼ା,୧୪।୯(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଲ୍ୟାମ୍ପସର ପରିଚାଳନା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସଭାପତି ସୁନୀଲ କୁମାର କାଲୋ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ବୈଠକରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରଥମେ ପୂର୍ବ ସଭାର ବିବରଣୀ ପଠନ କରି ଅନୁମୋଦନ କରାଯାଇଥିଲା। ଲ୍ୟାମ୍ପସରେ ନୂତନ ଭାବେ ହୋଇଥିବା ସଭ୍ୟାସଭ୍ୟମାନଙ୍କୁ ପରିଚାଳନା ସମିତି ଦ୍ୱାରା ଅନୁମୋଦନ କରାଯାଇ ଚାଷୀମାନଙ୍କୁ ଚଳିତ ଖରିଫ ଚାଷ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ, ଜେଏଲଜି ଋଣ ଏବଂ ବଳରାମ ଯୋଜନାରେ ଋଣ ମଞ୍ଜୁରୀ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସେହିପରି ଲ୍ୟାମ୍ପସର ମାସିକ ଆୟ ବ୍ୟୟ ଅଟକଳ କରାଯାଇଥିଲା। ବିଭିନ୍ନ ପଞ୍ଚାୟତରେ ସମିତି ସକାଶେ ସରକାରୀ ଜମି ଆବେଦନ ପାଇଁ ପ୍ରସ୍ତାବିତ କରାଯାଇଥିବାବେଳେ ନୂତନ ଗୋଦାମ ଗୃହଠାରେ ଗାର୍ଡୱାଲ ନିର୍ମାଣ ପାଇଁ ସ୍ଥିର କରାଯାଇଥିଲା। ଆଗାମୀ ଦିନ ପାଇଁ ଧାନ କିଣାବିକା ଉପରେ ଏବଂ ବର୍ତ୍ତମାନ ଲ୍ୟାମ୍ପସରେ ଗଚ୍ଛିତ ଥିବା ୟୁରିଆ ସାରକୁ କେସିସି ମାଧ୍ୟମରେ ଋଣୀ ଚାଷୀ ଭଉଣୀ ଭାଇମାନଙ୍କୁ ପ୍ରଦାନ କରିବା ପାଇଁ ସର୍ବସମ୍ମତି କ୍ରମେ ସ୍ଥିର କରିଥିଲେ। ଅନ୍ୟପକ୍ଷରେ ବିଗତ ଦିନରେ ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ବଦଳି ହେବାରୁ ଲ୍ୟାମ୍ପସରେ ବିଦାୟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲ୍ୟାମ୍ପସ ପକ୍ଷରୁ ଫୁଲତୋଡ଼ା ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ବିଗତ ଦିନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଁସଦା ଲ୍ୟାମ୍ପସର ବିଭିନ୍ନ କାର୍ଯ୍ୟଧାରା ଉପରେ ଦିଗଦର୍ଶନ ପ୍ରଦାନ କରିଥିବା ବେଳେ ତାଙ୍କର ପ୍ରେରଣା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଲ୍ୟାମ୍ପସ ପକ୍ଷରୁ ମତ ପ୍ରକାଶ ପାଇଥିଲା। ଅପରପକ୍ଷରେ ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ବେହେରାଙ୍କୁ ଲ୍ୟାମ୍ପସ ପକ୍ଷରୁ ଫୁଲ ତୋଡ଼ା ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସର ନିର୍ଦ୍ଦେଶକ ବଚନ ପ୍ରଧାନ, ଉଦିତ କୁମାର ନାଏକ, ବିମଳକୁମାର ପଟେଲ, ମୀନକେତନ ନାଏକ, ଗୋପାଳ ପ୍ରଧାନ, କେଦାର ସିଂ, ଦେଶରଞ୍ଜନ ପଟେଲ ପ୍ରମୁଖଙ୍କ ସହିତ ଲ୍ୟାମ୍ପସ କର୍ମଚାରୀ ଭାଗ ନେଇଥିଲେ।


ଲ୍ୟାମ୍ପସ୍ ପକ୍ଷରୁ ନୂତନ ବିଡ଼ିଓଙ୍କୁ ସ୍ୱାଗତ କରାଯାଉଛି।


ସଭାରେ ବିଦାୟୀ ବିଡିଓ ଓ ଅନ୍ୟମାନେ ଉପସ୍ଥିତ।

# ପଦ୍ମ ଧରିଲେ ୮ କଂଗ୍ରେସ ବିଧାୟକ

## ଗୋଆ ରାଜନୀତି ଚଳଚଞ୍ଚଳ

### ଦିଗାମ୍ବର କାମାଥ, ମାଇକେଲ ଲୋବୋ ବିଦ୍ରୋହର ସୂତ୍ରଧର


ଭାଜପାରେ ସାମିଲ ବିଧାୟକମାନଙ୍କୁ ସ୍ବାଗତ କରୁଛନ୍ତି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ।

ପଣଜୀ,୧୪।୯

ଗୋଆ ରାଜନୀତି ଏବେ ଉଠୁଛି ପଡୁଛି। କାରଣ ଏହି ଉପକୂଳ ରାଜ୍ୟର ୧୧ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୮ ଜଣ ଦଳ ତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗାମ୍ବର କାମାଥ ଓ ଦୁଇମାସ ତଳେ ଦଳବଦଳ ଉଦ୍ୟମ ପାଇଁ ବିଧାନସଭା ବିରୋଧୀ ଦଳ ପଦ ହରାଇଥିବା ମାଇକେଲ ଲୋବୋଙ୍କ ନେତୃତ୍ୱରେ ଏହି ଏମ୍‌ଏଲ୍‌ଏମାନେ ଶାସକ ଦଳରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ହାତମୁଠାକୁ ଟାଣ କରିଛନ୍ତି। ଫଳରେ ୪୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୩କୁ ଖସିଆସିଥିବାବେଳେ ଭାଜପା ସଦସ୍ୟଙ୍କ ସଂଖ୍ୟା ୨୮ରେ ପହଞ୍ଚିଛି। ଅନ୍ୟପକ୍ଷେ ସଂଖ୍ୟାଗରିଷ୍ଠ ଦୁଇ-ତୃତୀୟାଂଶ ବିଦ୍ରୋହୀ ବିଧାୟକ କଂଗ୍ରେସ ଛାଡ଼ିଥିବାରୁ ସେମାନଙ୍କ କ୍ଷେତ୍ରରେ ଦଳବଦଳ ନିରୋଧୀ ଆଇନ ଲାଗୁ ହେବ ନାହିଁ। ଅର୍ଥାତ୍ ଏହି ବିଦ୍ରୋହୀମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ।

କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ବିଧାୟକଙ୍କ ମଧ୍ୟରେ ଅଛନ୍ତି ମାଇକେଲ ଲୋବୋଙ୍କ ସ୍ତ୍ରୀ ଦେଲିଲାହ ଲୋବୋ, ରାଜେଶ ଫଲଦେଶାଇ, କେଦାର ନାଏକ, ସଂକଳ୍ପ ଅମୋନକର, ଅଲେଇକ୍ସୋ ସେକ୍ୱେଇରା ଏବଂ ରୁଡୋଲ୍ଫ ଫର୍ନାଣ୍ଡିଜ୍। କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ଚଳାଇଥିବାବେଳେ ବିଧାୟକଙ୍କ ଗଣଦଳତ୍ୟାଗ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ଏହାକୁ ଦେଖି ଭାଜପା କହିଛି, ରାହୁଲ ପ୍ରଥମେ ନିଜ ଦଳକୁ ଯୋଡ଼ନ୍ତୁ, ଭାରତକୁ ପରେ ଯୋଡ଼ିବେ। 'କଂଗ୍ରେସ ଛୋଡ଼ୋ, ଭାଜପା କୋ ଯୋଡ଼ୋ' ବୋଲି ମାଇକେଲ ଲୋବୋ କହିଛନ୍ତି। କଂଗ୍ରେସ ଏହାକୁ ଆଉ ଏକ 'ଅପରେଶନ ଲୋଟସ୍' ବୋଲି ଅଭିହିତ କରିଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ଏହା ହେଉଛି ଅପରେଶନ କିଚଡ଼। କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ଆତଙ୍କିତ ଭାଜପା ସବୁ ପ୍ରକାର କୌଶଳ ଆପଣାଉଛି। କେନ୍ଦ୍ରୀୟ ତଦନ୍ତ ସଂସ୍ଥା, ଗୁଣ୍ଡାଙ୍କ ଜରିଆରେ ଧମକ, ଅର୍ଥ ପ୍ରଲୋଭନ ବଳରେ ଏସବୁ କରାଯାଉଛି। ଦଳବଦଳ ପାଇଁ ଦିଗାମ୍ବର କାମାଥ ଓ ମାଇକେଲ ଲୋବୋଙ୍କୁ ଦାୟୀ କରାଯାଉଛି, ଯାହାଙ୍କ ନେତୃତ୍ୱରେ ଦୁଇମାସ ତଳେ ଏକ ବିଦ୍ରୋହ ମୁଣ୍ଡ ଟେକିଥିଲା। କିନ୍ତୁ ସେତେବେଳେ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଏହି ବିଦ୍ରୋହକୁ ଚପାଇ ଦିଆଯାଇଥିଲା। ଲୋବୋଙ୍କୁ ବିରୋଧୀ ଦଳ ନେତା ପଦରୁ କଂଗ୍ରେସ ହଟାଇ ଦେଇଥିଲା। ବିଧାନସଭା ଅଧିବେଶନ ଚାଲି ନ ଥିଲେ ହେଁ ବୁଧବାର ସକାଳେ ବିଧାୟକମାନେ ବାଚସ୍ପତିଙ୍କୁ ଭେଟିବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ସେମାନେ ଗୈରିକ ଦଳରେ ସାମିଲ ହେବାକୁ ଯାଉଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ସଦାନନ୍ଦ ଶେଟ ତନାଭଡେ ସୂଚନା ଦେଇଥିଲେ। କାମାଥ କହିଛନ୍ତି, କଂଗ୍ରେସକୁ ନେଇ ଆମେ ଅସନ୍ତୁଷ୍ଟ। ନିକଟରେ କଂଗ୍ରେସ ଛାଡ଼ିଥିବା ଗୁଲାମନବୀ ଆଜାଦ ରାହୁଲଙ୍କ ରାଜନୈତିକ ବୁଦ୍ଧିମତ୍ତାକୁ ନେଇ ପ୍ରଶ୍ନ ଉଠାଇବାରୁ କ'ଣ ହେଲା ଆମେ ଦେଖିଛୁ। ଗୋଆର ଉନ୍ନତି ପାଇଁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ମିଶି କାମ କରିବୁ। ପ୍ରକାଶ ଯେ, ୨୦୧୯ରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳିଥିଲା। ସେତେବେଳେ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଭାଜପାରେ ସାମିଲ ହୋଇଥିଲେ।

## 'ଓଡ଼ିଶାରେ ଭାଜପା ସରକାର ଗଢ଼ିବା ମୂଳ ଲକ୍ଷ୍ୟ'

### ପ୍ରାଦେଶିକ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୧୪।୯

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ପୁରୀ ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ଚାଲିଥିବା ତିନିଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିରର ବୁଧବାର ଦ୍ୱିତୀୟ ଦିବସରେ ୬ଟି ସତ୍ର ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପଣ୍ଡିତ ଦୀନ ଦୟାଳଜୀଙ୍କ ଅନ୍ତ୍ୟୋଦୟ ଏବଂ ଏକାତ୍ମମାନବବାଦ ଦର୍ଶନ, ଗଣମାଧ୍ୟମ ପରିଚାଳନା, ନିର୍ବାଚନ ପରିଚାଳନା, ରାଷ୍ଟ୍ରୀୟ ସୁରକ୍ଷା, ଆତ୍ମନିର୍ଭର ଭାରତ, ସାଂସ୍କୃତିକ ରାଷ୍ଟ୍ରବାଦ, ବୈଦେଶିକ ନୀତି ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଉଦ୍‌ବୋଧନ ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ହେଉଛି ଭାଜପାର ପ୍ରାଥମିକତା। ମୋଦି ସରକାରଙ୍କ ରାଷ୍ଟ୍ରୀୟ ସୁରକ୍ଷା, ବିଦେଶ ନୀତି ଏବଂ ସର୍ବୋପରି ଆତ୍ମନିର୍ଭର ଓ ବିଶ୍ୱଗୁରୁ ରୂପେ ଭାରତବର୍ଷକୁ ଗଢ଼ି ତୋଳିବା ପାଇଁ ପ୍ରଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ। ଅନ୍ୟପଟେ ଦୀର୍ଘ ୨୩ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ଥିବା ରାଜ୍ୟ ସରକାରଙ୍କ ମହିଳା, ଗରିବ ଓ ଶିକ୍ଷାମାରଣ ନୀତି ଅତ୍ୟନ୍ତ ଚିନ୍ତାଜନକ। ଶାସକ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରିତ କରିବା ସହ ବିକାଶରେ ବାଧକ ସାଜିଛି। ମୋଦି ସରକାରଙ୍କ ବିଭିନ୍ନ ଜନ ଓ ଗରିବ କଲ୍ୟାଣ ଯୋଜନାର ସୁଫଳ ପାଇବାରୁ ଓଡ଼ିଶାବାସୀ ବଞ୍ଚିତ ହେଉଛନ୍ତି। ଭାଜପାକୁ ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ କରି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ସହ ଓଡ଼ିଶାରେ ସରକାର ଗଠନ କରିବା ହେଉଛି ଦଳର ମୂଳ ଲକ୍ଷ୍ୟ ବୋଲି ବକ୍ସିପାତ୍ର କହିଛନ୍ତି। କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଥିଲେ, ରାଜ୍ୟରେ ବିଜେଡି ସରକାର ୨୨ବର୍ଷ ହେଲା ସୁଶାସନ ଦେଇ ଆସୁଥିବା ପ୍ରଚାର କରୁଛି, ଯାହାର ସତ୍ୟତା ନାହିଁ। ରାଜ୍ୟ ସରକାର ଯଦି ୨୨ବର୍ଷରେ ୨୨ଟି ଭଲ କାର୍ଯ୍ୟ କରିବାର ପ୍ରମାଣ ଦେବେ ତେବେ ସେ ରାଜନୀତି ଛାଡ଼ିଦେବେ ବୋଲି କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରଦର୍ଶନୀକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଭାପତିଙ୍କ ସମେତ ପ୍ରଶିକ୍ଷଣ ପ୍ରକୋଷ୍ଠ ରାଷ୍ଟ୍ରୀୟ ସଂଯୋଜକ ମହେଶ ଚନ୍ଦ୍ର ଶର୍ମା, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଷ୍ଟ୍ରୀୟ ପ୍ରଶିକ୍ଷଣ ପ୍ରକୋଷ୍ଠ ପ୍ରଭାରୀ ଡି.ମୁରଲୀଧର ରାଓ, ପ୍ରଶିକ୍ଷଣ ପ୍ରକୋଷ୍ଠ ସଦସ୍ୟ ବି. ସତୀଶ ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଉଦ୍‌ବୋଧନ ଦେଇଥିଲେ। ତୃଣମୂଳ ସ୍ତର ପର୍ଯ୍ୟନ୍ତ ଦଳର ବାର୍ତ୍ତାକୁ ପହଞ୍ଚାଇବା ପାଇଁ ଏହି ପ୍ରଶିକ୍ଷଣ ଶିବିର ଅତ୍ୟନ୍ତ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଏହା ଦଳର କାର୍ଯ୍ୟକର୍ତ୍ତାଙ୍କୁ ଇନ୍ଧନ ଯୋଗାଇଛି ବୋଲି ଭାଜପା ନେତାମାନେ ମତବ୍ୟକ୍ତ କରିଛନ୍ତି। ଶିବିରରେ ସମସ୍ତ ଭାଜପା ଏମ୍‌ପି, ବିଧାୟକ, ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତିମାନେ ଯୋଗଦେଇଛନ୍ତି।


ପୁରୀଠାରେ ଚାଲିଥିବା ପ୍ରାଦେଶିକ ପ୍ରଶିକ୍ଷଣ ଶିବିରର ବୁଧବାର ଦ୍ୱିତୀୟ ଦିବସରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ଓ ନେତୃବୃନ୍ଦ।

## ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' ପଦଯାତ୍ରା

ଭୁବନେଶ୍ୱର,୧୪।୯(ବ୍ୟୁରୋ)

ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବୁଧବାର ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ନୱାଜ କହିଥିଲେ, ଦେଶର ଅଖଣ୍ଡତା ରକ୍ଷା କରିବା, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବା, ଦେଶର ସମ୍ପତ୍ତି ବିକ୍ରିକୁ ରୋକିବା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଛନ୍ତି, ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ର ବିଜେଡିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ପାଇଁ ଚକ୍ରାନ୍ତ ଚାଲିଛି। ଗୋଟିଏ ପଟେ ୪ବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ ରହିଥିବା ବେଳେ ଛାତ୍ର ବିଜେଡି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଛାତ୍ର ବିଜେଡି କେବେ ଛାତ୍ରସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରେ ନାହିଁ।

## ଆମେ କଂଗ୍ରେସ ନୁହେଁ ଯେ ଆମକୁ କିଣିଦେବ: କେଜ୍‌ରିୱାଲ

ନୂଆଦିଲ୍ଲୀ,୧୪।୯

ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଆମ ଆଦମୀ ପାର୍ଟି (ଏଏପି) ମଧ୍ୟରେ ବାକ୍‌ଯୁଦ୍ଧ ଥମିବାର ନାଁ ଧରୁନି। ଗୋଆରେ କଂଗ୍ରେସ ବିଧାୟକ ଭାଜପାରେ ଯୋଗଦାନକୁ ନେଇ ଭାଜପା ଉପରେ ବର୍ଷିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲ। ସେ କହିଛନ୍ତି, ଦିଲ୍ଲୀ ପରେ ଏହି ଲୋକମାନେ (ଭାଜପା) ଏଏପିର ବିଧାୟକଙ୍କୁ କିଣିବା ପାଇଁ ପଞ୍ଜାବରେ ପହଞ୍ଚିଛନ୍ତି। ଏମାନଙ୍କ ପାଖରେ ହଜାର ହଜାର କୋଟି ଟଙ୍କା କେଉଁଠୁ ଆସୁଛି। ଏମାନେ ବୁଝିଯାଆନ୍ତୁ ଯେ, ଆମେ କଂଗ୍ରେସ ନୁହେଁ, ଆମକୁ କିଣିବା ସହଜ ମଧ୍ୟ ନୁହେଁ।

କେଜ୍‌ରିୱାଲ ଆହୁରି ମଧ୍ୟ କହିଛନ୍ତି, ଭାଜପା ଅନ୍ୟ ଦଳର ବିଧାୟକଙ୍କୁ କିଣିବା ଲାଗି ସବୁବେଳେ ଚେଷ୍ଟା କରି ଆସୁଛି। ପଞ୍ଜାବରେ ମଧ୍ୟ ଏଏପିର ୧୦ ବିଧାୟକଙ୍କୁ ଯୋଗାଯୋଗ କରି ନିଜ ଆଡ଼କୁ ନେବା ପାଇଁ ଭାଜପା ପ୍ରୟାସ କରିଥିଲା। ଦିଲ୍ଲୀରେ ମଧ୍ୟ ସମାନ ଚେଷ୍ଟା କରି ଭାଜପା ବିଫଳ ହୋଇଥିଲା।

ସୂଚନାଯୋଗ୍ୟ, ବୁଧବାର ଗୋଆରେ ବଡ଼ ରାଜନୈତିକ ଓଲଟପାଲଟ ଦେଖିବାକୁ ମିଳିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗମ୍ବର କାମତ, ବିରୋଧୀ ଦଳର ନେତା ମାଇକେଲ ଲୋବୋଙ୍କ ସମେତ କଂଗ୍ରେସର ୮ ବିଧାୟକ କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଥିଲେ।

## ଖେଳ ଖବର

### ୭୦ କୋଟିର ବ୍ୟୟବରାଦକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୪।୯(ପି.ଟି.):** ଭାରତରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ୧୭ ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍। ପୂର୍ବରୁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଫିଫାକୁ ଏକ ସାଇନିଂ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିଲା। ବୁଧବାର କେନ୍ଦ୍ର ସରକାରଙ୍କ କ୍ୟାବିନେଟ ପକ୍ଷରୁ ଏହି ସାଇନିଂ ଗ୍ୟାରେଣ୍ଟିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୭୦ କୋଟି ଟଙ୍କାର ଖର୍ଚ୍ଚକୁ ମଞ୍ଜୁରୀ ମିଳିଛି। ତୃତୀୟ ପକ୍ଷ ହସ୍ତକ୍ଷେପ ଅଭିଯୋଗ କାରଣରୁ ଫିଫା ସର୍ବଭାରତୀୟ ଫୁଟବଲ ମହାସଂଘକୁ ବାସନ୍ଦ କରିବା କାରଣରୁ ଏହି ମଞ୍ଜୁରୀ ବିଳମ୍ବିତ ହୋଇଥିଲା। ଟୁର୍ନାମେଣ୍ଟ ଆୟୋଜନ ପାଇଁ ୬୦ କୋଟି ଟଙ୍କାର ବ୍ୟୟବରାଦ ଧାର୍ଯ୍ୟ କରାଯାଇଥିବା ବେଳେ ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫଏଫ୍)କୁ ୧୦ କୋଟି ଟଙ୍କା ପ୍ରଦାନ କରାଯିବ।

### ଡୁରାଣ୍ଡ କପ୍ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି

କୋଲକାତା,୧୪।୯(ପି.ଟି.)


ଗୋଲ କରିବା ପରେ ମୁମ୍ବାଇ ସିଟି ଏଫ୍‌ସି ଖେଳାଳିମାନେ ଖୁସି ମନାଉଛନ୍ତି।

ଡୁରାଣ୍ଡ କପ୍‌ର ୧୩୧ ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ ସିଟି ଏଫ୍‌ସି। ବୁଧବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲରେ ବିପିନ ସିଂଙ୍କ ଅନ୍ତିମ ମିନିଟ ଗୋଲ ବଳରେ ଦଳ ୧-୦ରେ ମହମ୍ମଡାନ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ବର୍ଥ ସୁରକ୍ଷିତ କରିଛି। ମୁମ୍ବାଇ ଦଳ ସାମାନ୍ୟ ଶକ୍ତିଶାଳୀ ମନେ ହେଉଥିଲେ ହେଁ ମହମ୍ମଡାନ ସ୍ପୋର୍ଟିଂ କଡ଼ା ଟକ୍କର ଦେଇଥିଲା। ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର କରିବାକୁ ପ୍ରୟାସ କରାଯାଇଥିଲେ ହେଁ ଗୋଲ ସ୍କୋର ହୋଇନଥିଲା। ମ୍ୟାଚଟି ଅତିରିକ୍ତ ସମୟ ଆଡକୁ ଯିବା ଭଳି ମନେ ହେଉଥିଲା। ହେଲେ ୯୦ମିନିଟରେ ବିପିନ ସିଂଙ୍କ ଗୋଲ ବଳରେ ମ୍ୟାଚ ଜିତି ନେଇଥିଲା ମୁମ୍ବାଇ। ଅନ୍ୟତମ ୱିଙ୍ଗର ଲାଲିଆନଜୁଲା ଛାଙ୍ଗଟେଙ୍କ ପାଶକୁ ଗୋଲରେ ପରିଣତ କରିଥିଲେ ବିପିନ। ଏହି ଗୋଲ ସ୍କୋର ହେବାର ୩ ମିନିଟ ମଧ୍ୟରେ ହୁଟର ବାଜିବା ସହିତ ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ କ୍ୱାର୍ଟର ଫାଇନାଲରେ ମହମ୍ମଡାନ ସ୍ପୋର୍ଟିଂ ୩-୦ରେ ଗୋକୁଲମ କେରଳକୁ ହରାଇଥିବା ବେଳେ ୫-୩ରେ ଚେନ୍ନାୟିନ୍ ଏଫ୍‌ସି ବିଦା କରିଥିଲା ମୁମ୍ବାଇ। ଫାଇନାଲରେ ହାଇଦ୍ରାବାଦ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚର ବିଜେତା ମୁମ୍ବାଇକୁ ଭେଟିବ।

### ସେମିଫାଇନାଲରେ ବିଡ଼ାନାସୀ କ୍ଲବ

**ସୁପର କପ୍ ଫୁଟବଲ**

ଭୁବନେଶ୍ୱର, ୧୪।୯ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ବିଡ଼ାନାସୀ କ୍ଲବ ୫-୩ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ଏଥିସହ ବିଡ଼ାନାସୀ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ଡ୍ର ରହିଥିଲା। ପରେ ପେନାଲ୍ଟି ଶୁଟ୍‌ଆଉଟରେ ବିଡ଼ାନାସୀ ପକ୍ଷରୁ ଆଶିଷ ପ୍ରଧାନ, ରାଜେଶ ନାୟକ, ବିଲ୍ଟୁ ଦେବନାଥ, ଚନ୍ଦନ ଦାଶ ଓ ଚିନ୍ମୟ ବେହେରା ଏବଂ ୟଙ୍ଗ ଉତ୍କଳ ପକ୍ଷରୁ ବବୁଲ ରାଉତ, ବାପୁନି ବିଦ୍ୟାଣୀ ଓ ରାକେଶ ସାହୁ ଗୋଲ ଦେଇଥିଲେ। ଗୁରୁବାର ସନ୍‌ରାଇଜ୍ କ୍ଲବ ଓ ରାଇଜିଂ ଷ୍ଟାର କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହେବ।


ବିଡ଼ାନାସୀ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

### ରିଫ୍ରେଶର କୋର୍ସ ଭାରୋତ୍ତୋଳନ ବିକାଶରେ ସହାୟକ ହେବ: ସାନ୍ଧୁ

ଭୁବନେଶ୍ୱର, ୧୪।୯ (କ୍ରୀଡ଼ା ପ୍ରତିନିଧି)


ରିଫ୍ରେଶର କୋର୍ସ ପରିଚାଳନା ଅବସରରେ ପାଲ୍ ସିଂ ସାନ୍ଧୁ।

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍‌ଏଫ୍)ର ମିଳିତ ଉଦ୍ୟମରେ କଳିଙ୍ଗ ଷ୍ଟାଡିୟମରେ ଏକ ୩ ଦିନିଆ ଟେକ୍ନିକାଲ ଅଫିସିଆଲ ରିଫ୍ରେଶର କୋର୍ସ (ନ୍ୟାଶନାଲ କାଟେଗୋରି-୨ ଓ କାଟେଗୋରି-୧) ଏବଂ ଆଇଡବ୍ଲ୍ୟୁଏଲ୍‌ଏଫ୍ ଲେଭଲ-୧ ସାର୍ଟିଫିକେଶନ ଇନ୍‌ଷ୍ଟ୍ରକ୍ଟରି କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏହା ୧୨ ତାରିଖରୁ ଆରମ୍ଭ ହୋଇ ୧୪ରେ ଶେଷ ହୋଇଛି। ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ପାଲ୍ ସିଂ ସାନ୍ଧୁ ଏବଂ ଆଇଡବ୍ଲ୍ୟୁଏଲ୍‌ଏଫ୍‌ର ବୈଷୟିକ ଅଧିକାରୀ କୁମ୍ବାସି ସୁବ୍ରମଣ୍ୟ ଏହି ଟ୍ରେନିଂ ପ୍ରୋଗ୍ରାମକୁ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶାର ମୋଟ ୨୨ କୋଚ୍ ଅଂଶଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପ୍ରତିନିଧିତ୍ୱ କରିବା ପାଇଁ ରାଜ୍ୟରେ କ୍ୱାଲିଫାଏଡ ଟେକ୍ନିକାଲ ଅଫିସିଆଲଙ୍କ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

"ଓଡ଼ିଶାରେ ବୈଷୟିକ ଦୃଷ୍ଟିରୁ ଅଧିକାରୀଙ୍କ ସଂଖ୍ୟା ଅଳ୍ପ। ଏହି କାର୍ଯ୍ୟକ୍ରମ ଦ୍ୱାରା ଆମେ ଅଂଶଗ୍ରହଣକାରୀଙ୍କ ଦକ୍ଷତା ଜାଣିପାରିଲୁ। ଏକ ପରୀକ୍ଷା କରାଯାଇଛି। ମେରିଟ ଭିତ୍ତିରେ ସେମାନେ ନ୍ୟାଶନାଲ କାଟେଗୋରି -୨ ଓ କାଟେଗୋରି -୧ ରେଫରି ପାଇଁ ଯୋଗ୍ୟତା ଅର୍ଜନ କରିବେ" ବୋଲି ପାଲ୍ ସିଂ ସାନ୍ଧୁ ପ୍ରକାଶ କରିଛନ୍ତି। ନ୍ୟାଶନାଲ-୧ କାଟେଗୋରି ପାଇଁ ଯୋଗ୍ୟତା ଅର୍ଜନ କରିଥିବା ରେଫରିମାନେ ଜାତୀୟ ଓ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ପରିଚାଳନା କରିପାରିବେ। କାଟେଗୋରି-୨ ରେଫରି ଜିଲାସ୍ତରରେ ପ୍ରତିଯୋଗିତା ପରିଚାଳନା କରିବେ। ଦୀର୍ଘକାଳୀନଭିତ୍ତିରେ ଏହି ପ୍ରକ୍ରିୟା ଜାରି ରହିଲେ ଏହା ଓଡ଼ିଶାରେ ଭାରୋତ୍ତୋଳନର ବିକାଶରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଭାରୋତ୍ତୋଳକଙ୍କର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବାର ଦକ୍ଷତା ଅଛି ବୋଲି ସୁବ୍ରମଣ୍ୟ କହିଛନ୍ତି। "୩ ଦିନିଆ କୋର୍ସ ଓଡ଼ିଶାର ଭାରୋତ୍ତୋଳନ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବ। ଆମେ ଏକ ପରୀକ୍ଷା କରିଛୁ, ଯାହାକି ଭାରତୀୟ ଭାରୋତ୍ତୋଳନ ଫେଡେରେଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଯୋଗ୍ୟତାସମ୍ପନ୍ନ ଅଂଶଗ୍ରହଣକାରୀମାନେ ବୈଷୟିକ ଅଧିକାରୀ ହୋଇପାରିବେ। କ୍ୱାଲିଟି ବୈଷୟିକ ଅଧିକାରୀ ବାହାର କରିବା ପାଇଁ ପ୍ରଥମଥର ପାଇଁ ଦେଶରେ ଏକ ରାଜ୍ୟ ସରକାର ଭାରୋତ୍ତୋଳନରେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏହି କ୍ରୀଡ଼ାକୁ ପ୍ରମୋଟ କରିବା ପାଇଁ ଅନ୍ୟ ରାଜ୍ୟମାନେ ମଧ୍ୟ ଏପରି ପଦକ୍ଷେପ ନେବା ଆବଶ୍ୟକ" ବୋଲି ସୁବ୍ରମଣ୍ୟ ପ୍ରକାଶ କରିଛନ୍ତି।

ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ବ୍ରହ୍ମପୁରର ପଦ୍ମିନୀ ପାଢ଼ୀ କହିଛନ୍ତି ଯେ, ଭାରୋତ୍ତୋଳନ ଇଭେଣ୍ଟ ଅବସରରେ ବିଭିନ୍ନ ପାରାମିଟର ଜଜ୍ କରିବା ପାଇଁ ରିଫ୍ରେଶର କୋର୍ସ ଆମକୁ ଅନେକ ସାହାଯ୍ୟ କରିଛି। ଆମେ ବିଭିନ୍ନ ନୀତି ନିୟମ ସମ୍ପର୍କରେ ଅବଗତ ହେଲୁ, ଯାହାକି ପ୍ରତିଯୋଗିତା ସମୟରେ ଆମକୁ ସହାୟତା କରିବ। ସେହିପରି ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ବାଳିକାଙ୍କ ପାଇଁ ଭାରୋତ୍ତୋଳନ କୋଚ୍ ଦାୟିତ୍ୱ ନିର୍ବାହ କରୁଥିବା ଧର୍ମା ରାଓଙ୍କ ମତରେ, ଏହା ଓଡ଼ିଶାର କୋଚ୍‌ମାନଙ୍କୁ ଜଣେ ରେଫରିଭାବେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକର ବିଭିନ୍ନ କାଟେଗୋରିରେ ଅଂଶଗ୍ରହଣ ପାଇଁ ସହାୟତା କରିବ। ପୂର୍ବତନ ଜାତୀୟ ଭାରୋତ୍ତୋଳିକା ରାନୁ ମହାନ୍ତି କହିଛନ୍ତି ଯେ, ଏପରି କୋର୍ସ ସିନିୟର ଖେଳାଳିଙ୍କୁ ମୋଟିଭେଟ କରିବ।

CLASSIFIED DISPLAY
MORE SPACE • SAME PRICE

GALAXY TOWER
ଗୋଲ୍ଡ ମେଟାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ
ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସୌଦାମିନି ଷଡ଼ଙ୍ଗୀ
ଆବିର୍ଭାବ : ତା.୨୯.୦୯.୧୯୫୬
ତିରୋଧାନ : ତା.୦୬.୦୯.୨୦୨୨
ଶୋକସନ୍ତପ୍ତ ପରିବାରବର୍ଗ
D-1521




# ସ୍ୱର ଯାଦୁଗର ରାଜକୁମାର

ଅପେରା ମଞ୍ଚ ଉପରେ ପାଦ ଦେବା ମାତ୍ରେ ଦର୍ଶକ ବିମୋହିତ ହୋଇଯାଆନ୍ତି। ତାଙ୍କ ଗୀତର ପ୍ରତିଟି ଧାଡ଼ିରେ ତାଳିମାଡ଼ ଦେଖିବାକୁ ମିଳିଥାଏ। ଏପରି କି କେତେକ ଦର୍ଶକ ମଞ୍ଚ ଉପରେ ତାଙ୍କୁ ପୁରସ୍କାର ପ୍ରଦାନ କରିବାକୁ ଭୁଲି ନ ଥାନ୍ତି। ଜଲିଉଡ୍‌ରେ ଜଣେ ନାମୀ ଗାୟକ ଭାବରେ ବେଶ୍ ପରିଚିତ ସେ। ହଁ, ସେହି ଗାୟକ ଜଣକ ଆଉ କେହି ନୁହନ୍ତି, ଅନ୍ୟତମ ଅଗ୍ରଣୀ ଅପେରା ଅନୁଷ୍ଠାନ କୋଣାର୍କ ଗଣନାଟ୍ୟରେ ଦୀର୍ଘ ୧୫ବର୍ଷ ଧରି ସଙ୍ଗୀତ ପରିବେଷଣ କରିଚାଲିଛନ୍ତି। ଏବେ ତାଙ୍କ ପରିଚୟ ଦେବା କେବଳ ଔପଚାରିକତା ମାତ୍ର। ସେ ହେଉଛନ୍ତି ସ୍ୱରର ଯାଦୁଗର ଶ୍ୱେତ କୁମାର ରଥ ଓରଫ୍ ରାଜକୁମାର। ଗଞ୍ଜାମ ଜିଲା ଛତ୍ରପୁର ଅନ୍ତର୍ଗତ ସାମନ୍ତରାପୁରରେ ତାଙ୍କର ଜନ୍ମ। ବାପା ଅନାମ ଚନ୍ଦ୍ର ରଥ ଜଣେ କଳାକାର। ଦୀର୍ଘ ୨୨ ବର୍ଷର କ୍ୟାରିୟର ସମ୍ପର୍କରେ ସେ କୁହନ୍ତି, 'ସ୍କୁଲ୍‌ରେ ପଢ଼ିବା ସମୟରୁ ମୁଁ ଗୀତ ଗାଇ ଆସୁଛି। ଘରେ ହାର୍‌ମୋନିୟମ ଶିଖୁଥିଲି। ତା'ପରେ ଗଞ୍ଜାମର ବିନୋଦ ବିହାରୀ କ୍ଲବ୍‌ରୁ ନିୟମିତ ଗୀତ ଶିଖିବା ସହ ଗାଁ ନାଟକରେ ଗୀତ ବୋଲିବା ଆରମ୍ଭ କଲି। ମୋ ସାଙ୍ଗ ନାରାୟଣ ବରାଳ ଯାତ୍ରା ଜଗତରେ ଏଣ୍ଟ୍ରି କରିବାକୁ ଉତ୍ସାହିତ କରିଥିଲେ। ୨୦୦୦ରେ ମୁଁ ପ୍ରଥମେ ତ୍ରିନାଥ ଗଣନାଟ୍ୟରେ ଯୋଗ ଦେଲି। ତା'ପରେ ପାର୍ବତୀ ଏବଂ ଏବେ ଦୀର୍ଘ ୧୫ ବର୍ଷ ଧରି କୋଣାର୍କ ଗଣନାଟ୍ୟରେ ମୁଁ ମୋ ଗାୟକ ଜୀବନକୁ ଆଗେଇ ନେଉଛି। ମୁଁ କେବଳ କିଶୋର କୁମାର, ମହମ୍ମଦ ରଫି ଏବଂ ସୁରେଶ ୱାଡେକରଙ୍କ ଗୀତ ଗାଇଥାଏ। ତା'ସହ ଅନେକ ନାଟକର ଟାଇଟଲ ଏବଂ ଅନ୍ୟ ଗୀତ ମଧ୍ୟ ଗାଇଛି। ମୋ ପାଇଁ ଦର୍ଶକ ସବୁକିଛି। ସେମାନଙ୍କର ଭଲ ପାଇବା ମୋତେ ଆଜି ଆଣି ଏହି ସ୍ଥାନରେ ପହଞ୍ଚାଇଛି।' ଓଡ଼ିଶୀ ଭୋକାଲରେ ବିଶାରଦ ଡିଗ୍ରୀ ହାସଲ କରିଥିବା ରାଜକୁମାର ନିଜକୁ ଜଣେ ଗାୟକ ଭାବେ ଆଗେଇନେବାକୁ ସତେଯେମିତି ପଣ କରିଛନ୍ତି। ସଙ୍ଗୀତ ଉପରେ ଯଥେଷ୍ଟ ଅଭିଜ୍ଞତା ଥିଲେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବାକୁ ସେ କେବେ ଇଚ୍ଛା କରିନାହାନ୍ତି ଏବଂ ଗୁରୁ ନୁହେଁ, ଜଣେ ଛାତ୍ର ହୋଇ ରହିବି ବୋଲି କହନ୍ତି ସେ। ଏକଦା ରାଉରକେଲାରେ ଗୋଟିଏ ଗୀତ ପାଇଁ ଜଣେ ବ୍ୟକ୍ତି ତାଙ୍କୁ ୪୮୦୦ ଟଙ୍କା ପୁରସ୍କାର ଆକାରରେ ଦେବା କଥାକୁ ସ୍ମରଣ କରନ୍ତି ରାଜକୁମାର। ସେ ଗୀତ ଗାଇଥିବା ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଯାଜ୍ଞସେନୀ, ଚିରାକାଗଜ, ନାଁ ଦେବେ ଆପଣ, କେନ୍ଦ୍ରାପଡ଼ାର ବାବା, ବେଇମାନ, ଦଇତାରୀ ପଣ୍ଡା ବାହା ହେଉଛି, କିଏ ହୀରା କିଏ ମୋତି ମାଣିକ, ବଦନାମ୍ ହେଲି ତୋରି ପାଇଁ ଏବଂ ଚଳିତବର୍ଷ କୋଣାର୍କ ଗଣନାଟ୍ୟର ପରିବେଷିତ ନାଟକ 'ତୋ ବିନା ମୁଁ ଅଧା ଅଧା' ଆଦି ଶତାଧିକ ନାଟକ।

# ଅନୁଷ୍କା ଯାହା ଚାହୁଁଥିଲେ..


'ଚକଡା ଏକ୍ସପ୍ରେସ୍' ଫିଲ୍ମରେ ଅନୁଷ୍କା

ଅନୁଷ୍କା ଶର୍ମା ଅନେକ ସିନେମାରେ ନାୟିକା ସାଜିସାରିଛନ୍ତି। ହେଲେ ତାଙ୍କର ଏକ ଆଶା ନିକଟରେ ପୂରଣ ହୋଇଛି। ଅନୁଷ୍କାଙ୍କ ଇଚ୍ଛା ଥିଲା, ଏକ କ୍ରିକେଟ୍‌ଭିତ୍ତିକ ସିନେମାରେ ଅଭିନୟ କରିବେ। ଯାହା ହେଉ ବିଲେଇ କପାଳକୁ ଶିକା ଛିଣ୍ଡିବା ପରି ଶୁଟିଂ ଚାଲିଥିବା 'ଚକଡା ଏକ୍ସପ୍ରେସ୍'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ଏହି ହିନ୍ଦୀ ସିନେମା। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ୍ ଭାବେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ପ୍ରଯୋଜନା କର୍ଣ୍ଣେସ୍ ଶର୍ମା କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପ୍ରୋସିତ୍ ରାୟ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା।

# କାହାକୁ ଡରନ୍ତି ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କ ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି? ନିଜ ଛାଇ। ଏକଦା ଏକ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ। ଏହି ସମୟରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି? ସେଦିନ ପଛକୁ ଚାହିଁବା ପରେ ଅନନ୍ୟା ନିଜ ଛାଇକୁ ଦେଖି ଡରିଯାଇଥିଲେ। ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ସମ୍ପର୍କରେ ଅନନ୍ୟା କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। କ୍ୟାମେରା ସାମ୍ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଲି। ଆଉ ତା'ପରେ ମୁଁ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରି ଉଠିଲି। ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ। ହେଲେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିବା ପରେ ସେଠାରେ କିଛି ସମୟ ପାଇଁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ତା' ସହ ଶୁଟିଂ ମଧ୍ୟ କିଛି ସମୟ ବନ୍ଦ ରହିଥିଲା। ତା'ପରେ ମୁଁ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲି।'


ଅନନ୍ୟା

# ମନ ଦୁଃଖ ଅନ୍ତରାଳେ...

ବଲିଉଡ୍‌ରେ ବାଣୀ କପୁର ଏଣ୍ଟ୍ରି କରିବା ଇତିମଧ୍ୟରେ ୯ ବର୍ଷ ହୋଇଗଲାଣି। ହେଲେ ସେ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛନ୍ତି। ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି କି ଅଭିନୀତ ଫିଲ୍ମର ସଂଖ୍ୟା ମଧ୍ୟ ହାତଗଣତି। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ନିକଟରେ ତାଙ୍କ ଅଭିନୀତ ସପ୍ତମ ଫିଲ୍ମ 'ସମସେରା' ମୁକ୍ତିଲାଭ କରିଛି। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ସେ ଯାହା ଆଶା କରୁଥିଲେ ତାହା ପୂରଣ ହେଲାନାହିଁ। ତେଣୁ ଯେଉଁ ଅଫର ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ ସେ। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, 'ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି।' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା।'


ବାଣୀ କପୁର

# ଦୁର୍ଗାପୂଜାରେ 'ରୁଦ୍ରାଣୀ'

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନିର୍ମିତ 'ରୁଦ୍ରାଣୀ' ଏଥର ଦଶହରାରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ବିଷୟରେ ସେ କୁହନ୍ତି, 'ରୁଦ୍ରାଣୀ ହେଉଛି ଏକ ଭିନ୍ନଧରଣର ଫିଲ୍ମ। ମିଛର ଉହାଡ଼ ଭିତରେ କେମିତି ସତ୍ୟ ଲୁଚିଯାଏ ଓ ସତ୍ୟର ସନ୍ଧାନ କରିବା କେତେ କଷ୍ଟକର, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହି ସିନେମାଟି ମୌଳିକ ଓଡ଼ିଆ କାହାଣୀକୁ ନେଇ ପ୍ରସ୍ତୁତ ଏବଂ ଏଥିରେ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ କରିବାକୁ ଜଣେ ଯୁବତୀ ଶପଥ ନେଇଛି ଏବଂ ସେଥିପାଇଁ ସେ ଏକ ନୂଆ ଅବତାର ନେଇଛି।' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି କେ.ମୁରଲୀ କ୍ରିଷ୍ଣା। ସିନେମାର ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ପ୍ରେମାନନ୍ଦ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ରିଏଟିଭ୍ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜକ ଭାବେ ଦାୟିତ୍ୱ ତୁଲାଇଛନ୍ତି ଅରୁଣ ସ୍ୱାଇଁ ଓ ରତ୍ନରାଜ ଖଟୁଆ। ଝିଲିକ୍‌ଙ୍କ ବ୍ୟତୀତ ଶୁଭାଶିଷ ଶର୍ମା(ମଣ୍ଟୁ), ଲୋହିତାକ୍ଷ ପଟ୍ଟନାୟକ, ନବାଗତା ମୁସ୍କାନ, ବାପି ବାବୁ, ବବି ମିଶ୍ର, ପିଣ୍ଟୁ ନନ୍ଦ, ଭିକି ମିଶ୍ର, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଟିଲୁ, ପ୍ରତିଭା ପଣ୍ଡା, ଶୁଭଙ୍କରୀ, ଅନୁରାଧା, ଗୁଡୁ, ଅମର, ସରୋଜ, ଧରିତ୍ରୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।


'ରୁଦ୍ରାଣୀ' ଫିଲ୍ମରେ ଝିଲିକ୍

# କ୍ୟାରିୟର ଆଗ, ମ୍ୟାରେଜ୍ ପଛ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି? ସେ କୁଆଡ଼େ ଚଳିତବର୍ଷ ହାତକୁ ଦି'ହାତ ହେବାକୁ ଯାଉଛନ୍ତି। ଏ କଥା ଆଲୋଚନାର ଶିରୋନାମା ପାଲଟିବା ପରେ ତାହା ତାଙ୍କ କାନରେ ପଡ଼ିଥିଲା। ଆଉ ଏପରି କଥା ଶୁଣି ସେ ଯେତିକି ଅଭିମାନ କରିଥିଲେ ସେତିକି ଦୁଃଖ ମଧ୍ୟ ପ୍ରକାଶ କରିଥିଲେ। ଏଭଳି କଥାକୁ ନେଇ ଜାହ୍ନବୀ କୁହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଏବେ ମ୍ୟାରେଜ୍ କରିବାର କୌଣସି ଯୋଜନା ନାହିଁ। କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ। କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ। ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।' ଜାହ୍ନବୀ ଏବେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି। ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି। କାରଣ ଖୁବ୍‌ଶୀଘ୍ର ସେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାର ଯୋଜନା ରହିଛି।


ଜାହ୍ନବୀ

# ଡବଲ ଅବତାର

ଗୋଟିଏ ସିନେମାଟିଏ ପ୍ରଯୋଜନା କରିବା ପୁଣି ସେଥିରେ ଖଳନାୟକ ଚରିତ୍ରରେ ଅବତୀର୍ଣ୍ଣ ହେବା–ଏ ଦୁଇଟି ସହଜ କଥା ନୁହେଁ। କାରଣ ଏଭଳି ଦାୟିତ୍ୱ ତୁଲାଇବାକୁ ନିଜକୁ ପ୍ରଥମେ ମାନସିକସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ହଁ, ସେଭଳି ରୂପରେ ଖୁବ୍‌ଶୀଘ୍ର ଦର୍ଶକ ଜଣେ ନବାଗତଙ୍କୁ ଦେଖିବାକୁ ପାଇବେ। ସେ ହେଲେ ସୁଶୀଲ କୁମାର ପ୍ରଧାନ। ନିର୍ମାଣାଧୀନ ଓଡ଼ିଆ ସିନେମା 'ସଦର ଥାନାରୁ ଇନ୍‌ସ୍ପେକ୍ଟର ସନା'ର ସେ ହେଉଛନ୍ତି ପ୍ରଯୋଜକ। ପ୍ରଥମଥର ପାଇଁ ଓଡ଼ିଆ ସିନେମାଟିଏ ତିଆରି କରିବାକୁ ଅଣ୍ଟା ଭିଡ଼ିଛନ୍ତି। ତା'ସହ ଏଥିରେ ତାଙ୍କୁ ଖଳନାୟକ ଭାବେ ଦେଖିବାକୁ ମିଳିବ। ଏ ନେଇ ସୁଶୀଲ କୁହନ୍ତି, 'ପେସାରେ ମୁଁ ଜଣେ କ୍ରିକେଟ୍ ଖେଳାଳି। ହେଲେ ଏବେ ସିନେମା ନିର୍ମାଣ କ୍ଷେତ୍ରରେ ପାଦ ଦେଇଛି। ଏହି ଫିଲ୍ମର କାହାଣୀ ମୌଳିକ ଏବଂ ଏଥିରୁ ଦର୍ଶକ ଶତପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ। ତା'ସହ ଏହି ସିନେମାରେ ମୁଁ ଖଳନାୟକ ଅଭିନୟ କରୁଛି। ବିଶେଷକରି ଆଖିକୁ ନେଇ ଏକ୍ସପେରିମେଣ୍ଟ କରାଯାଇଛି, ଯାହା ଦର୍ଶକଙ୍କ ପାଇଁ ସ୍ପେଶାଲ ହେବ ବୋଲି ମୋର ଆଶା।' ପ୍ରସ୍ତୁତ ହେଉଥିବା ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି 'ଗୁଆ ଘିଅ' ଫେମ୍ ବଣ୍ଟି ଆର. ସାମଲ ଓରଫ ଅନୁଗୁଳିଆ ବଣ୍ଟି ଏବଂ ତାଙ୍କ ନାୟିକା ସାଜିଛନ୍ତି ଅର୍ଚ୍ଚିତା ମହାନ୍ତି। ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି ସୁଦୀପ୍ତ ଷ୍ଟାଲିନ୍ ମହାପାତ୍ର ଏବଂ ନିର୍ଦ୍ଦେଶନା ଦେଉଛନ୍ତି ରାଜା ଡି.।


'ସଦର ଥାନାରୁ ଇନସ୍ପେକ୍ଟର ସନା' ଫିଲ୍ମରେ ସୁଶୀଲ

# ଗାଙ୍ଗୁଲି, ଶାହାଙ୍କ କାର୍ଯ୍ୟକାଳ ବଢ଼ିବ

ନୂଆଦିଲ୍ଲୀ, ୧୪।୯ (ପି.ଟି.)

ବିସିସିଆଇ ପଦାଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ସମ୍ବନ୍ଧିତ ସମ୍ବିଧାନ ସଂଶୋଧନକୁ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଛନ୍ତି। ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ମିଳିବା ସହିତ ବର୍ତ୍ତମାନର ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ କାର୍ଯ୍ୟକାଳ ବଢ଼ିବା ସ୍ପଷ୍ଟ ହୋଇଛି। ବୁଧବାର ସର୍ବୋଚ୍ଚ କୋର୍ଟ ଏହି ମାମଲାର ବିଚାର କରିବା ସହିତ ବିସିସିଆଇ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ନୂତନ ରାୟ ଅନୁସାରେ ଏଣିକି ବିସିସିଆଇର ଅଧିକାରୀମାନେ କୌଣସି ରାଜ୍ୟ ବୋର୍ଡରେ ୬ ବର୍ଷ ଓ ବିସିସିଆଇରେ ୬ ବର୍ଷ ଭାବରେ କାମ କରିବା ପରେ କୁଲିଂ ଅଫ୍ ପିରିୟଡ(ଅବ୍ୟାହତି) ନେବେ। ପୂର୍ବରୁ ଏହି ସମୟସୀମା ଉଭୟ ରାଜ୍ୟ ଓ ବିସିସିଆଇ ପାଇଁ ୩ ବର୍ଷ ରହିଥିଲା। ଉଭୟ ରାଜ୍ୟ ଓ ବିସିସିଆଇରେ ୩ ବର୍ଷ କାମ କରିବା ପରେ ୩ ବର୍ଷର ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ ରହୁଥିଲା। ବିସିସିଆଇ ପକ୍ଷରୁ ଆଗତ ମାମଲାର ବିଚାର କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଜଣେ ବ୍ୟକ୍ତି ଯେକୌଣସି ରାଜ୍ୟ ଆସୋସିଏଶନ ଓ ବିସିସିଆଇ ସହିତ ଲଗାତର ଦୁଇଟି ଟର୍ମ କାମ କରିପାରିବେ। ଏହା ସହିତ ୧୨ ବର୍ଷର ଏହି ସମୟସୀମା ଶେଷ ହେବା ପରେ କୁଲିଂ ଅଫ୍ ପିରିୟଡ ବାଧ୍ୟତାମୂଳକ କରାଯିବ।

## ବିସିସିଆଇ ସମ୍ବିଧାନକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ

୨୦୧୫-୨୦୧୯ ଯାଏ ଗାଙ୍ଗୁଲି ବେଙ୍ଗଲ କ୍ରିକେଟ ଆସୋସିଏଶନର ସଭାପତି ରହିଥିବା ବେଳେ ୨୦୧୯ରୁ ବିସିସିଆଇ ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ୨୦୧୩ରୁ ଗୁଜରାଟ କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ରହିଥିଲେ। ଉଭୟ ୨୦୧୯ରେ ବିସିସିଆଇରେ ସଭାପତି ଓ ସମ୍ପାଦକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ ଓ ଜଷ୍ଟିସ ହିମା କୋହଲିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଉଭୟ ରାଜ୍ୟ ସଂଘ ଓ ବିସିସିଆଇରେ ଜଣେ ବ୍ୟକ୍ତି ଦୁଇଥର ଲେଖାଏ କାର୍ଯ୍ୟ କରିପାରିବେ ଏବଂ ଏହା ପରେ ତାଙ୍କୁ କୁଲିଂ ଅଫ୍ ପିରିୟଡର ସାମ୍ନା କରିବାକୁ ହେବ। ବିସିସିଆଇର ଅନୁରୋଧ କ୍ରମେ କାର୍ଯ୍ୟକାଳ ବୃଦ୍ଧିକୁ ଗ୍ରହଣ କରିଥିଲେ ହେଁ କୁଲିଂ ଅଫ୍ ପିରିୟଡ ଶେଷ କରିବାକୁ କୋର୍ଟ ମନା କରିଛନ୍ତି। ବିସିସିଆଇ ସଭାପତି ଓ ସମ୍ପାଦକ ଭାବରେ ଉଭୟ ଗାଙ୍ଗୁଲି ଓ ଶାହାଙ୍କ କାର୍ଯ୍ୟକାଳ ପୂରଣ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଉଭୟଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇବା ସ୍ପଷ୍ଟ ହୋଇଛି। ବୋର୍ଡରେ ଏକଚ୍ଛତ୍ରବାଦ ସମାପ୍ତ କରିବା ପାଇଁ କୁଲିଂ ଅଫ୍ ପିରିୟଡ ବ୍ୟବସ୍ଥା ଆରମ୍ଭ କରାଯାଇଛି। ତେଣୁ ଏହାକୁ ବନ୍ଦ କରିବା ଅସମ୍ଭବ ବୋଲି ଖଣ୍ଡପୀଠ ନିଜ ରାୟରେ ପ୍ରକାଶ କରିଥିଲେ। ଏହା ସହିତ ସମ୍ବିଧାନ ସଂଶୋଧନ ସମ୍ପର୍କିତ ଜଷ୍ଟିସ୍ ଆର.ଏମ୍. ଲୋଧାଙ୍କ ରିପୋର୍ଟକୁ ମଧ୍ୟ ସର୍ବୋଚ୍ଚ କୋର୍ଟ ଗ୍ରହଣ କରି ନେଇଛନ୍ତି। ପୂର୍ବରୁ ସିଓଏଙ୍କ ପ୍ରସ୍ତାବିତ ସମ୍ବିଧାନକୁ ମଧ୍ୟ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଥିଲେ। ପୂର୍ବ ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି କୌଣସି ରାଜ୍ୟ ଆସୋସିଏଶନ ଏବଂ ବିସିସିଆଇ କର୍ମକର୍ତ୍ତା ଭାବରେ ସର୍ବାଧିକ ୩ ବର୍ଷ ଲେଖାଏ କାର୍ଯ୍ୟ କରିପାରିବେ। ୭୦ ବର୍ଷରୁ ଅଧିକ ବର୍ଷର ବ୍ୟକ୍ତି ଆଇସିସିରେ ଭାରତର ପ୍ରତିନିଧିତ୍ୱ କରୁଥିବା ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ବିସିସିଆଇ ସଭାପତି ଏନ୍ ଶ୍ରୀନିବାସନଙ୍କୁ ଭାରତ ଆଇସିସିକୁ ପଠାଇଥିବା ବେଳେ କୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି। ଶ୍ରୀନିବାସନଙ୍କ କାର୍ଯ୍ୟକାଳ ନଭେମ୍ବରରେ ଶେଷ ହେଉଥିବା ବେଳେ ଗାଙ୍ଗୁଲି ଏହି ପଦର ଦୃଢ଼ ଦାବିଦାର ଅଛନ୍ତି। ଏପରିକି ଗାଙ୍ଗୁଲି ପରବର୍ତ୍ତୀ ଆଇସିସି ସଭାପତି ହେବାର ସମ୍ଭାବନା ରହିଛି। ଏପରି ହେଲେ ଜୟ ଶାହାଙ୍କୁ ବିସିସିଆଇର ସଭାପତି କରାଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ୭୦ ବର୍ଷ ପରିବର୍ତ୍ତେ ୬୦ ବର୍ଷୀୟ ବ୍ୟକ୍ତିଙ୍କୁ ଆଇସିସିଙ୍କୁ ପଠାଇବା ସପକ୍ଷରେ କୋର୍ଟ ମତ ଦେଇଛନ୍ତି। ସେହିପରି ଆଇପିଏଲ ଚେୟାରମ୍ୟାନ ଥିବା ବ୍ରିଜେଶ ପଟେଲ ୭୦ ବର୍ଷରେ ନିଜ ଦାୟିତ୍ୱରୁ ଓହରୁଛନ୍ତି। କେଉଁ ପରସ୍ଥିତିରେ ଶ୍ରୀନିବାସନଙ୍କୁ ଦାୟିତ୍ୱ ଦିଆଗଲା ତାକୁ ନେଇ ପ୍ରଶ୍ନ ଉଠିଛି। କୋର୍ଟଙ୍କ ତାଗିଦ ପରେ ବିସିସିଆଇ ଏହି ମାମଲାରେ ନୀରବତା ଅବଲମ୍ବନ କରିଛି। ଗାଙ୍ଗୁଲି ଓ ଶାହାଙ୍କ ମାମଲା ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ।


ସୌରଭ ଗାଙ୍ଗୁଲି ଓ ଜୟ ଶାହା।

# ରବିନ ଉଥପ୍ପାଙ୍କ ଅବସର

ନୂଆଦିଲ୍ଲୀ,୧୪।୯(ପି.ଟି.)

ଭାରତୀୟ ଦଳର ପୂର୍ବତନ ଓପନର ତଥା ୨୦୦୭ ଟି୨୦ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରବିନ ଉଥପ୍ପା କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ପ୍ରଫେସନାଲ କ୍ରିକେଟ ଖେଳିବା ପରେ ଶେଷରେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହା ସହିତ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବେ ବୋଲି ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଭାରତ ପାଇଁ ୫୯ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଉଥପ୍ପା ୧୧୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ୪୬ ଦିନିକିଆରେ ୯୩୪ ରନ୍ ଓ ୧୩ ଟି୨୦ରେ ସେ ୨୪୯ ରନ କରିଛନ୍ତି। ଏହା ସହିତ ୨୦୦୭ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ଉଥପ୍ପା ପାକିସ୍ତାନ ବିପକ୍ଷ ବୋଲ ଆଉଟରେ ଅଂଶଗ୍ରହଣ କରିଥିଲେ। ୨୦୦୬ରେ ମୋହାଲିରେ ଚ୍ୟାଲେଞ୍ଜର ଟ୍ରଫିରେ ୧୦୬ ରନ୍ କରିବା ପରେ ତାଙ୍କୁ ଦିନିକିଆ ଦଳକୁ ଡାକରା ମିଳିଥିଲା। ଇଂଲଣ୍ଡ ବିପକ୍ଷ ପଦାର୍ପଣ ମ୍ୟାଚରେ ୮୬ ରନ୍ କରି ସେ ବ୍ରିଜେଶ ପଟେଲଙ୍କ ରେକର୍ଡ ଭାଙ୍ଗିଥିଲେ। ଅବସର ଗ୍ରହଣ କରିବା ସହିତ କର୍ନାଟକ ଟିମର ସମସ୍ତ ସଦସ୍ୟ ଓ ନିଜର ସମସ୍ତ ଆଇପିଏଲ ଫ୍ରାଞ୍ଚାଇଜିଙ୍କୁ ଉଥପ୍ପା ଧନ୍ୟବାଦ ଜଣାଇଛନ୍ତି।





ପ୍ଲେୟର ଅଫ୍ ଦ ମ୍ୟାଚ୍ ସ୍ମୃତି ମନ୍ଧାନା।

# ଇଂଲଣ୍ଡକୁ ହରାଇଲା ଭାରତ

ଡର୍ବି,୧୪।୯(ପି.ଟି.)

ଓପନର ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ମୁକାବିଲାରେ ବିଜୟୀ ହୋଇଛି ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜ ବର୍ତ୍ତମାନ ୧-୧ରେ ରହିଥିବା ବେଳେ ଗୁରୁବାର ଅନ୍ତିମ ମ୍ୟାଚ ଖେଳାଯିବ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଫ୍ରେୟା କେମ୍ପଙ୍କ ଅପରାଜିତ ୫୧ ରନ ବଳରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ଜବାବରେ ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ୧୬.୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଭାରତୀୟ ବୋଲର ଟାଇଟ ବୋଲିଂ କରିଥିଲେ। ସୋଫିଆ ଡଙ୍କଲି(୫), ଡାନିଏଲ ୱାୟାଟ(୬) ଓ ଆଲିସ୍ କ୍ୟାପସେ(୫) ସହଜରେ ଆଉଟ ହେବା ସହିତ ଇଂଲଣ୍ଡ ୧୬ ରନରେ ୩ ଉଇକେଟ ହରାଇଥିଲା। ପରେ ସ୍ନେହ ରଣାଙ୍କ ଘାତକ ବୋଲିଂ ବଳରେ ଇଂଲଣ୍ଡ ୫୪ ରନରେ ୫ ଉଇକେଟ ହରାଇଥିଲା। ତେବେ କେମ୍ପ(୫୧*) ଓ ମାଇଆ ବୌଚିଅର(୩୪)ଙ୍କ ମଧ୍ୟରେ ୬୫ ରନର ଭାଗୀଦାରି ହୋଇଥିଲା। ୧୭ ବର୍ଷୀୟା କେମ୍ପ ୩୭ ବଲର ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ୧୮ ତମ ଓଭରରେ ରଣା ବୌଚିଅରଙ୍କୁ ଆଉଟ କରି ଏହି ଭାଗୀଦାରି ଭାଙ୍ଗିଥିଲେ। ନିର୍ଦ୍ଧାରିତ ଓଭରରେ ଇଂଲଣ୍ଡ ୬ ଉଇକେଟରେ ୧୪୨ ରନ ସଂଗ୍ରହ କରିଥିଲା। ସ୍ନେହ ରଣା ୨୪ ରନରେ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୪୩ ରନର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ସ୍ମୃତି ମନ୍ଧାନା(୭୯*) ଓ ଶେଫାଳି ବର୍ମା(୨୦) ପାୱାର ପ୍ଲେରେ ଯୋଡିଥିଲେ ୫୫ ରନ୍। ୧୭ ବଲ ଖେଳି ୨୦ ରନ୍ କରିଥିବା ଶେଫାଳି ପାୱାର ପ୍ଲେର ଅନ୍ତିମ ବଲରେ ଆଉଟ ହୋଇଥିଲେ। ଏହାର ୧୬ ବଲ ମଧ୍ୟରେ ଦୟଲାନ ହେମଲତା ମାତ୍ର ୯ ରନ କରି ଫ୍ରେୟା ଡେଭିସଙ୍କ ବଲରେ ବୋଲ୍ଡ ହୋଇଥିଲେ। ୭୭ ରନରେ ଦୁଇ ଉଇକେଟର ପତନ ପରେ ଅଧିନାୟିକା ହରମନପ୍ରୀତ କ୍ରିଜ୍‌ରେ ଯୋଗ ଦେଇଥିଲେ। ସେ ମନ୍ଧାନାଙ୍କ ସହିତ ୬୯ ରନ ଯୋଡି ଦଳକୁ ବିଜୟୀ କରିଥିଲେ। ୫୩ ବଲ୍ ଖେଳ ସ୍ମୃତି ୧୩ ଚୌକା ସହିତ ଅପରାଜିତ ୭୯ ରନ କରିଥିଲେ। ସେହିପରି ୨୨ ବଲ ଖେଳି ହରମନପ୍ରୀତ୍ ୪ ଚୌକା ମାରିଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ମନ୍ଧାନାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଭାରତ ବିପକ୍ଷ ସିରିଜରୁ ମାର୍ଶ, ଷ୍ଟାର୍କ, ଷ୍ଟୋଇନିସ ଓହରିଲେ


ମିଚେଲ ଷ୍ଟାର୍କ, ମାର୍କୁସ ଷ୍ଟୋଇନିସ ଓ ମିଚେଲ ମାର୍ଶ।

ମେଲବୋର୍ନ, ୧୪।୯ (ପି.ଟି.)

ଆସନ୍ତା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ କ୍ରିକେଟ ସିରିଜରୁ ଅଷ୍ଟ୍ରେଲିଆର ମିଚେଲ ମାର୍ଶ, ମିଚେଲ ଷ୍ଟାର୍କ ଓ ମାର୍କୁସ ଷ୍ଟୋଇନିସ ଓହରି ଯାଇଛନ୍ତି। ଆହତ ସମସ୍ୟା କାରଣରୁ ଏହି ଖେଳାଳିମାନେ ଭାରତରେ ହେବାକୁଥିବା ସିରିଜପାଇଁ ଉପଲବ୍ଧ ହୋଇପାରିବେ ନାହିଁ ବୋଲି ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷ୍ଟାର୍କ ଆଣ୍ଠୁରେ ଆଘାତ ପାଇଥିବାବେଳେ ମାର୍ଶ ଓ ଷ୍ଟୋଇନିସ ଯଥାକ୍ରମେ ପାଦ ଓ ସାଇଡ୍ ଷ୍ଟ୍ରେନ୍ ସମସ୍ୟାରେ ଅଛନ୍ତି। ଆହତ ସମସ୍ୟା ମାମୁଲି ଥିଲେ ହେଁ ଆଗକୁ ଟି୨୦ କ୍ରିକେଟ ବିଶ୍ୱକପକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ରିସ୍କ ନେବାକୁ ଚାହୁଁନାହିଁ। ଅକ୍ଟୋବରରେ ଅଷ୍ଟ୍ରେଲିଆ ଏହାର ଘରୋଇ ମାଟିରେ ଟି୨୦ କ୍ରିକେଟ ବିଶ୍ୱକପ ଖେଳିବ। ଭାରତ ବିପକ୍ଷ ଟୁର୍ ପାଇଁ ଡେଭିଡ ୱାର୍ନରଙ୍କୁ ବିଶ୍ରାମ ଦିଆଯାଇ ସାରିଥିବାରୁ ଆହତ ଏହି ୩ ଖେଳାଳିଙ୍କ ସ୍ଥାନରେ ଚୟନକର୍ତ୍ତାମାନେ ଆଉ ୩ ଜଣଙ୍କୁ ନେବାକୁ ବାଧ ହୋଇଛନ୍ତି। ବଦଳ ଖେଳାଳିଭାବେ ଅଷ୍ଟ୍ରେଲିଆ ଦଳରେ ନାଥାନ ଏଲିସ, ଡାନିଏଲ ସାମ୍ସ ଓ ସିଅନ ଆବୋଟ ସ୍ଥାନ ପାଇଛନ୍ତି। ମାର୍ଶ ଓ ଷ୍ଟୋଇନିସ ଯଥାକ୍ରମେ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଆଘାତ ପାଇଥିଲେ। ଷ୍ଟାର୍କଙ୍କ ପାଦରେ ସ୍କାନ କରାଯିବାପରେ ତାଙ୍କୁ ବିଶ୍ରାମ ପରାମର୍ଶ ଦିଆ ଯାଇଛି। ଅଷ୍ଟ୍ରେଲିଆ ଦଳ ସେପ୍ଟେମ୍ବର ୨୦, ୨୩ ଓ ୨୫ରେ ଯଥାକ୍ରମେ ମୋହାଲି, ନାଗପୁର ଓ ହାଇଦ୍ରାବାଦରେ ୩ଟି ଟି୨୦ ଖେଳିବ। ଭାରତ ଟୁର୍‌ପରେ ଅଷ୍ଟ୍ରେଲିଆ ଆଗାମୀ ବିଶ୍ୱକପ ପୂର୍ବରୁ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜ ଖେଳିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ସଂକ୍ଷେପରେ

### ଟାଟା ମ୍ୟାଜିକ ଗାଡ଼ି ୧୫ ଫୁଟ ପୋଖରୀ ତଳକୁ ଖସିଲା

**ଲାଞ୍ଜିଗଡ,୧୪।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ ଥାନା ଅନ୍ତର୍ଗତ ଆଶ୍ରମପଡା ପୋଖରୀରେ ଏକ ଟାଟା ମ୍ୟାଜିକ ଗାଡି ୧୫ ଫୁଟ ତଳକୁ ଖସି ପଡ଼ିଛି। ଗାଡି ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ଗ୍ରାମର ଧନୁର୍ଯ୍ୟ ନାଏକଙ୍କ ହୋଇଥିବା ବେଳେ ମହେନ୍ଦ୍ର ଗଉଡ଼ ଯୁବକ ମଙ୍ଗଳବାର ରାତି ସାଢ଼େ ୧୧ଟାରେ ଲାଞ୍ଜିଗଡଠାରୁ ବିଶ୍ୱନାଥପୁର ରାସ୍ତାରେ ଯିବା ସମୟରେ ଲାଞ୍ଜିଗଡ ଆଶ୍ରମ ପଡା ପୋଖରୀ ମଧ୍ୟରେ ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଥିଲା। ଖବର ପାଇ ବୁଧବାର ସକାଳେ ଗାଡି ମାଲିକ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଚାଳକ ମହେନ୍ଦ୍ର ପୋଖରୀ ଭିତରେ ଗାଡି ଛାଡି ଫେରାର ହୋଇଯାଇଥିବା ମାଲିକ ପ୍ରକାଶ କରିଛନ୍ତି। ଗାଡିର ୬୦ ପ୍ରତିଶତ ଭାଙ୍ଗି ଯାଇଥିବା ବେଳେ ଦ୍ରୁତ ଗତି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

### ଆଦିବାସୀ ସଂଘର ନୂଆଁଖାଇ ଭେଟ୍‌ଘାଟ୍

**କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ପ୍ରସଙ୍ଗ ଉଠିଲା**

**ଲୋଇସିଂହା,୧୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାନିପାଲିଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ଲୋଇସିଂହା ଶାଖା ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସ୍ୱତନ୍ତ୍ର କନ୍ଧାର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅପରପକ୍ଷେ ଉକ୍ତ କାର୍ଯ୍ୟକ୍ରମରେ ସତ୍ୟନାରାୟଣ ଭୋଇଙ୍କ ସମେତ ବ୍ଲକ ଆଦିବାସୀ ସଂଘ ସଭାପତି ଦଶରଥ ଛତ୍ରିଆ, ସମ୍ପାଦକ ଗୋପାଳ ପଧାନ ପ୍ରମୁଖ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସଂଘର ବହୁ ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ଜାଣି ନ ଥିବା ସତ୍ୟନାରାୟଣ ଭୋଇ କହିଛନ୍ତି। ଯେଉଁଠି ହଜାର ହଜାର ଆଦିବାସୀଙ୍କ ମେଳି ଜମେ ସେଠି ହାତଗଣତି ଲୋକଙ୍କୁ ନେଇ କାର୍ଯ୍ୟକ୍ରମ କରିବା ଲଜ୍ଜାଜନକ ବୋଲି ସେ କହିଥିଲେ। ଜିଲାରେ ଜଣେ ମହିଳା ଅଧିକାରୀଙ୍କୁ ନିର୍ଯାତନା ମାମଲାରେ ବିଶି ଆନ୍ଦୋଳନ ଡାକରା ଦେଇଥିଲେ। ହେଲେ ରାତି ପାହିଲା ବେଳକୁ ଆନ୍ଦୋଳନ କାହିଁକି ସ୍ଥଗିତ ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସଂଘ ଅସ୍ଥାୟୀ ସଭାପତି ଶ୍ୟାମସୁନ୍ଦର ଭୋଇ ଓ ଅନ୍ୟମାନଙ୍କ ପରାମର୍ଶ କ୍ରମେ ଲୋଇସିଂହାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବ ଏବଂ ଆନ୍ଦୋଳନ ପାଇଁ ତାରିଖ ଧାର୍ଯ୍ୟ ହେବ ବୋଲି ଭୋଇ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ କାଯ୍ରକର୍ତ୍ତାଙ୍କ ଅନୁପସ୍ଥିତ ସମ୍ପର୍କରେ ସାଂସଦ ବିଶିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଏହା ଏକ ପଞ୍ଚାୟତସ୍ତରୀୟ କାର୍ଯ୍ୟକ୍ରମ। ତଥାପି ଶହଶହ ଲେକେ ଉପସ୍ଥିତ ଥିଲେ। ଆନ୍ଦୋଳନ କଥା କୁହାଯାଉଛି ଯାହା ନୂଆଁଖାଇ ପୂର୍ବରୁ। ଏବେ ସେ ହାଇକୋର୍ଟରୁ ଷ୍ଟେଟ ଆଣିଛନ୍ତି। ଆଇନ ହାତକୁ ନିଆଯାଇ ପାରିବ ନାହିଁ। ତେବେ ଆନ୍ଦୋଳନ କରିବାକୁ କାହାକୁ ମନା ନାହିଁ ବୋଲି ବିଶି କହିଛନ୍ତି।

# ଗୋରସ ପିଇ ଗାଈ ଛାଡ଼ିବା ଅଭ୍ୟାସ ବନ୍ଦ କର

**ବଲାଙ୍ଗୀର ଅଫିସ, ୧୪।୯**

ବୁଲା ଗୋରୁଙ୍କ ଅବାଧ ବିଚରଣ ଯୋଗୁଁ ପ୍ରତିଦିନ ବଲାଙ୍ଗୀର ସହରର ବିଭିନ୍ନ ରାସ୍ତାଘାଟରେ ଟ୍ରାଫିକ ସମସ୍ୟା ଏବଂ ଦୁର୍ଘଟଣା ବୃଦ୍ଧି ପାଉଛି। ମ୍ୟୁନିସିପାଲିଟି ପକ୍ଷରୁ ବୁଲା ଗୋରୁଙ୍କୁ ଆୟତ୍ତରେ ରଖିବା ପାଇଁ ବାରମ୍ବାର ତାଗିଦ୍ କରାଯିବା ସତ୍ତ୍ୱେ କେହି ନଶୁଣିବାରୁ ଶେଷରେ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଛି। ବୁଧବାର ମ୍ୟୁନିସିପାଲିଟି ଷ୍ଟାଫ୍ ସହରର ବିଭିନ୍ନ ରାସ୍ତା ଏବଂ ଛକରେ ବୁଲୁଥିବା ଗୋରୁଙ୍କୁ ଆଣି କୋଶଳ କଳାମଣ୍ଡଳ ପଡିଆରେ ରଖିଥିଲେ। ପ୍ରାଣୀଧନ ଚିକିତ୍ସାଳୟ ସହାୟତାରେ ବଲାଙ୍ଗୀର–କଳାହାଣ୍ଡି–ନୂଆପଡା ଦୁଗ୍ଧ ସମବାୟ ସମିତି ପଞ୍ଜୀକୃତ ଚାଷୀଙ୍କୁ ଧରିଥିବା ଗୋରୁଙ୍କୁ ବଣ୍ଟନ କରାଯାଇଥିଲା। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସାମିରେଡ୍ଡି ଜୟଶ୍ରୀ କଳାମଣ୍ଡଳ ପଡିଆରେ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।

ବଲାଙ୍ଗୀର ସହରରେ ବାଇପାସ୍ ରାସ୍ତା ନାହିଁ। ଏଭଳି ସ୍ଥିତିରେ ରାତି ୧୨ଟାରୁ ଦିନ ୬ଟା ମଧ୍ୟରେ ସହର ମଧ୍ୟ ମୁଖ୍ୟରାସ୍ତାରେ ଭାରିଯାନ ଓ ଟ୍ରକ୍ ଚଳାଚଳ କରୁଛି। ଦ୍ରୁତ ଗତିରେ ଯିବା ଆସିବାବେଳେ ବୁଲା ଗୋରୁମାନେ ଏହି



ଅଧିକାରୀଙ୍କ ଉପସ୍ଥିତିରେ ବୁଲା ଗୋରୁଙ୍କୁ ଚାଷୀଙ୍କୁ ବଣ୍ଟନ କରାଯାଉଛି।

ଦ୍ରୁତଗାମୀ ଭାରିଯାନଗୁଡିକ ସମ୍ମୁଖରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ଦୁର୍ଘଟଣାରେ ଲୋକଙ୍କ ଜୀବନହାନୀ ବି ଘଟୁଛି। ସହରରେ ଗାଈ ରଖିଥିବା କିଛି ଲୋକ କ୍ଷୀର ସଂଗ୍ରହ ପରେ ରାସ୍ତା ଉପରକୁ ଛାଡି ଦେଉଛନ୍ତି। ଏନେଇ ପଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର ଏବଂ ସଚେତନତା ସୃଷ୍ଟି କରାଯାଇ ନିଜ ଗାଈକୁ ଘରେ ରଖିବାକୁ ପରାମର୍ଶ ଦିଆଯାଇଥିଲା। ବାରମ୍ବାର ଘୋଷଣା ସତ୍ତ୍ୱେ ପରିସ୍ଥିରେ କୌଣସି ପରିବର୍ତ୍ତନ ନ ହେବାରୁ ବୁଧବାର ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରର ବିଭିନ୍ନ ରାସ୍ତାରେ ବୁଲାବୁଲି କରୁଥିବା ଗାଈଗୁଡିକୁ କୋଶଳ କଳାମଣ୍ଡଳ ପଡିଆକୁ ଆଣିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ଦୁଗ୍ଧ ଚାଷୀଙ୍କୁ ଉକ୍ତ ଗାଈ ସବୁ ବାଣ୍ଟି ଦିଆଯାଇଛି। ପ୍ରାଣୀଧନ ବିଭାଗ ପକ୍ଷରୁ ସବୁ ଗାଈଙ୍କୁ ନମ୍ବର କରାଯାଇଥିଲା। ନିର୍ବାହୀ ଅଧିକାରୀ ଜୟଶ୍ରୀ କହିଥିଲେ ଯେ, ବାରମ୍ବାର ତାଗିଦ୍ ସତ୍ତ୍ୱେ ଲୋକେ ନିୟମ ମାନୁନାହାନ୍ତି। କ୍ଷୀର ସଂଗ୍ରହ ପରେ ଗାଈକୁ ରାସ୍ତା ଉପରେ ଛାଡି ଦେଉଛନ୍ତି। ଏହି କାରଣରୁ ଦୁର୍ଘଟଣା,

**ବୁଲା ଗୋରୁ କାବୁ ପାଇଁ ମ୍ୟୁନିସିପାଲିଟିର କଡା ଆଭିମୁଖ୍ୟ**

- ଗାଁର ଦୁଗ୍ଧଚାଷୀଙ୍କୁ ଦେଇଦେଲେ ବୁଲା ଗୋରୁ
- ଗୋରୁ ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଟ୍ରାଫିକ ଅବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ୟା ଦେଖାଯାଉଛି। ଏଣୁ ଜିଲା ପ୍ରଶାସନ ବୁଲା ଗୋରୁଙ୍କୁ ଯତ୍ନ କରିବା ପାଇଁ ଦୁଗ୍ଧଚାଷୀଙ୍କୁ ଦେଇଦେବାକୁ ସ୍ଥିର କରିଛି। ଏଣୁ ଏଣିକି ଗୋରସ ପିଇ ଗାଈ ଛାଡିବା ଅଭ୍ୟାସ ବନ୍ଦ କରିବାକୁ ପଡିବ। ଆଜି ପ୍ରଥମ ପର୍ଯ୍ୟାୟରେ ଏଭଳି ପଦକ୍ଷେପ ନିଆଯାଇ କେତେକ ଚାଷୀଙ୍କୁ ଗାଈ ବଣ୍ଟନ କରାଯାଇଛି। କୌଣସି ବ୍ୟକ୍ତି ଏହି ଗାଈ ଗୁଡିକୁ ନିଜର ଦାବି କଲେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ତହସିଲଦାର ଅମୃତଲାଲ ସାହୁ, ମ୍ୟୁନିସିପାଲିଟି ଷ୍ଟାଫ, ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଷ୍ଟାଫ୍, ବିକେଏନ୍ ଦଗ୍ଧ ସମବାୟ ସମିତି ଅଧିକାରୀ ଉପସ୍ଥିତ ଥିଲେ।

## ୨୨ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର, ୧୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ପୋଲିସ ବୁଧବାର ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ ବେଳେ ୨୨ ଦାଦନ ଶ୍ରମିକଙ୍କୁ ଦୁଇ ପୃଥକ ସ୍ଥାନରୁ ଉଦ୍ଧାର କରିଛି। ବେଲପଡ଼ା ଥାନା କୁମାରଖାନ ଗ୍ରାମର ଦାଦନ ସର୍ଦ୍ଦାର କାର୍ତ୍ତିକ ଧରୁଆ ୧୬ ଦାଦନ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଲାଠୋର ବସ୍‌ଷ୍ଟାଣ୍ଡ ପାଖରେ ରଖିଥିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରୁ ସେମାନଙ୍କୁ ଉଦ୍ଧାର କରଥିଲା। ସର୍ଦ୍ଦାରଙ୍କ ନାମରେ ଲାଠୋର ଥାନାରେ ଏକ ମାମଲା ରୁଜୁ କରିଛି। ସେହିପରି ଖପ୍ରାଖୋଲ ଥାନା ଅଧିନ ତେଲେନପାଲି ଗ୍ରାମର ସର୍ଦ୍ଦାର ଦେବାନନ୍ଦ ମାଝି ଲାଠୋର କଲେଜ ଛକଠାରେ ଚାଲାଣ ଉଦ୍ଦେଶ୍ୟରେ ରଖିଥିବା ୬ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଦେବାନନ୍ଦଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଗିରଫ ଉଭୟ ସର୍ଦ୍ଦାରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଦ୍ଧାର ଦାଦନ ଶ୍ରମିକମାନଙ୍କୁ ନିଜ ଗ୍ରାମକୁ ପଠାଇ ଦିଆଯାଇଛି। ନବାନ୍ନ ପରଠାରୁ ଦାଦନ ଶ୍ରମିକ ଚାଲାଣ ହେଉଥିବା ବେଳେ ଲାଠୋର ପୋଲିସ ଦ୍ୱାରା ଏହା ହେଉଛି ବର୍ଷର ପ୍ରଥମ କାର୍ଯ୍ୟାନୁଷ୍ଠାନ ବୋଲି ଥାନା ଅଧିକାରୀ ଝସକେତନ ଭୋଇ ସୂଚନା ଦେଇଛନ୍ତି।

# ଅଧିକାରୀଙ୍କ ଦେଖା ନ ପାଇ ଫେରିଲେ

**ଲୋଇସିଂହା,୧୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ମନସାପାଲି ଗାଁର ଲକ୍ଷ୍ମୀ ଧରୁଆ(୮୩)। ଦୀର୍ଘଦିନ ତଳେ ସ୍ୱାମୀ ଓ ଦୁଇପୁଅଙ୍କୁ ହରାଇଛନ୍ତି। ବରଗଡ ଜିଲା ବରପାଲି ଥାନା ଅନ୍ତର୍ଗତ ଖେମେସରାରେ ଏକମାତ୍ର ଝିଅ ଧନମତିଙ୍କୁ ବିବାହ ଦେଇଥିଲେ। ହେଲେ କୌଣସି କାରଣରୁ ସେ ଶାଶୁଘରେ ନ ରହି ବୃଦ୍ଧା ମାଙ୍କ ପାଖରେ ଆସି ରହୁଛନ୍ତି। ଜମିବାଡି କିଛି ନାହିଁ। ମୂଲ ଲାଗି ଜୀବିକା ନିର୍ବାହ କରୁଥିଲେ। ହେଲେ ଏବେ ପରିଣତ ବୟସ ଯୋଗୁ ଲକ୍ଷ୍ମୀ ଆଉ କାମଧନ୍ଦା କରି ପାରୁନାହାନ୍ତି। ଧନମତି(୫୦) କାମଧନ୍ଦା କରି ଯାହା ରୋଜଗର କରୁଛନ୍ତି ସେଥିରେ ମା, ଝିଅ ଚଳୁଛନ୍ତି। ଲକ୍ଷ୍ମୀଙ୍କୁ ପଞ୍ଚାୟତ ତରଫରୁ ମାସକୁ ଭତ୍ତା ବାବଦ ୭ଶହ ଭତ୍ତା ଟଙ୍କା ଏବଂ ରାଶନ କାର୍ଡରେ ୫ କେଜି ଚାଉଳ ମିଳୁଛି । ସେହିପରି ସ୍ୱତନ୍ତ୍ର ରାଶନ କାର୍ଡରେ ଧନମତୀ ୫ କେଜି ଚାଉଳ ପାଉଛନ୍ତି। ଏତିକିରେ ସେମାନଙ୍କୁ ମାସଟିଏ ଚଳିବା କଷ୍ଟକର ହେଉଛି । ତେବେ କୌଣସି କାରଣରୁ ଗତ ୨ମାସ ହେଲା ଲକ୍ଷ୍ମୀଙ୍କ ଭତ୍ତା ବାବଦକୁ ୭ଶହ ଜାଗାରେ ୫ଶହ ଟଙ୍କା ମିଳୁଛି। ଏପରିକି ଦୁଇ ମାସ ହେଲା ପଡିଏସ୍ ଚାଉଳ ତାଙ୍କୁ ମିଳିନାହିଁ। ଏଥିପାଇଁ ଲକ୍ଷ୍ମୀ ଝିଅ ଧନମତିଙ୍କ ସହ ମଙ୍ଗଳବାର ବିଡିଓ ବିଜୟ କୁମାର ହୋତା ଏବଂ ପଞ୍ଚାୟତ ସମିତି ଅଧକ୍ଷ ଯତୀନ୍ଦ୍ର ପଟେଲଙ୍କୁ ସାକ୍ଷାତ୍ କରିବାକୁ



ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ମା’ ଝିଅ।

- ଅଭିଯୋଗ ନେଇ ବ୍ଲକ ଅଫିସ ଆସିଥିଲେ ମା’ଝିଅ
- ଭତ୍ତା ଟଙ୍କା ୭ଶହ ବଦଳରେ ପାଉଛନ୍ତି ୫ଶହ
- ଅନ୍ତ୍ୟୋଦୟ ଯୋଜନାରେ ୩୫କେଜି ଚାଉଳ ଦେବାକୁ ଦାବି

ବ୍ଲକ ଅଫିସ ଆସିଥିଲେ। ୧୦କେଜି ଚାଉଳରେ ଦୁଇଓଳି ଚଳି ହେଉନାହିଁ। ତେଣୁ ଅନ୍ତୋଦୟ ଯୋଜନାରେ ୩୫କେଜି ଚାଉଳ ଏବଂ ଭତ୍ତା ବାବଦ ୭ଶହ ଟଙ୍କା ପୂର୍ବପରି ଯୋଗାଇ ଦେବାକୁ ଲକ୍ଷ୍ମୀ କହିଥାନ୍ତେ। ହେଲେ ବିଡିଓ କିମ୍ବା ସମିତି ଅଧ୍ୟକ୍ଷଙ୍କ ଅନୁପସ୍ଥିତ ଯୋଗୁ ନିରାଶ ହୋଇଥିଲେ। ଶେଷରେ ଲକ୍ଷ୍ମୀ ପଞ୍ଚାୟତକୁ ପିଡିଏସ ଆଣିବାକୁ ଯିବାରେ ସମସ୍ୟା ହେଉଥିବାରୁ ଗାଁରେ ଯୋଗାଇ ଦେବାକୁ ଦାବି କରି ବ୍ଲକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇଥିଲେ। ଅଧିକାରୀ ନଥିବାରୁ ସେଠାରେ ମଧ୍ୟ ମା, ଝିଅଙ୍କୁ ନିରାଶ ହେବାକୁ ପଡିଥିଲା। ଶେଷରେ କେତେକ ସାମାଜିକ କର୍ମୀଙ୍କ ସହାୟତାରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନଙ୍କୁ ଭେଟି ଭତ୍ତା ସମସ୍ୟା ସମାଧାନ ପାଇଁ କାଗଜପତ୍ର ଦାଖଲ କରିଥିଲେ। ଲକ୍ଷ୍ମୀଙ୍କ ଭତ୍ତା ସମ୍ପର୍କିତ କାଗଜ ପତ୍ରର ତର୍ଜମା କରାଯାଉଛି। ଖୁବ୍‌ଶୀଘ୍ର ପୂର୍ବପରି ଲକ୍ଷ୍ମୀ ୭ଶହ ଟଙ୍କା ଭତ୍ତା ରାଶି ପାଇବେ ବୋଲି ଅଧିକାରୀ ଜଣକ କହିଛନ୍ତି।

## ନୂତନ ରାଜସ୍ୱ ଗ୍ରାମ ପାଇଁ କ୍ଷେତ୍ର ପରିଦର୍ଶନ

**କୋକସରା,୧୪।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଭୂର୍ଷାଗୁଡା ଭୁର୍ଷାଗୁଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇ ଆସୁଥିଲେ। ତେବେ ରାଜ୍ୟ ସରକାର ଭୂର୍ଷାଗୁଡା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ନିମନ୍ତେ ବିବେଚିତ କରିଛନ୍ତି। ଏହି ଖବର ଜାଣିବା ପରେ ଗ୍ରାମବାସୀ ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। କୋକସରା ଭାରପ୍ରାପ୍ତ ତହସିଲଦାର ରାକେଶ ପରୁଆ ସୋମବାର ଭୂର୍ଷାଗୁଡା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହିତ ସାକ୍ଷାତ କରି ନୂତନ ରାଜସ୍ୱ ଗ୍ରାମ ସକାଶେ ଏକ ପ୍ରସ୍ତୁତି ବୈଠକ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ କୋକସରା ରାଜସ୍ୱ ପର୍ଯ୍ୟବେକ୍ଷକ ଅଜୟରାଜ ସିଁକା, ଗୋତମୁଣ୍ଡା ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ନାଏକ, ଅମିନ ମହେନ୍ଦ୍ର ମାଝି, ମହିମା ସରପଞ୍ଚ ଈଶରାମ କୋଲଥିଆ ପ୍ରମୁଖ ଉପସ୍ଥିତ ରହିଥିଲେ। ନକୁଳ ନାଏକ, ଟଙ୍କଧର ନାଏକ, ପୁରୁଷୋତ୍ତମ ମାଝି, ଔରଜ ମାଝି, ଭାରତ ଦୁର୍ଗାଙ୍କ ସମେତ ଭୁର୍ଷାଗୁଡାବାସୀ ଉପସ୍ଥିତ ରହିଥିଲେ।

## ସତ୍‌ସଙ୍ଗ କମିଟିର ନୂତନ କର୍ମକର୍ତ୍ତା

**ମୁରିବାହାଲ, ୧୪।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା ଗ୍ରାମ ପଞ୍ଚାୟତର କୋକଡୁଙ୍ଗରିଠାରେ ପଞ୍ଚସଖା ସତ୍‌ସଙ୍ଗ କମିଟିର ନୂତନ କର୍ମକର୍ତ୍ତା ଚୟନ ସହ ଗିରି ଗୋବର୍ଦ୍ଧନ ପୂଜା ପାଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସତ୍‌ସଙ୍ଗ କମିଟି ପ୍ରତିଷ୍ଠାତା ସତ୍ୟନାରାୟଣ ଭୋଇ ଓ ଚମ୍ପେଶ୍ୱର ନାଗଙ୍କ ବିୟୋଗରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥଇ। ମୁଖ୍ୟ ଅତିଥିଭାବେ ଚଉଷଠି ଯୋଗିନୀ ସାହିତ୍ୟ କଳା ପରିଷଦ ସଭାପତି ଡ.ନାରାୟଣ ମିଶ୍ର ଯୋଗ ଦେଇଥିଲେ। ପରେ ନୂତନ କମିଟି ଗଠନ କରାଯାଇଥିଲା। ସଭାପତିଭାବେ ବଳିୟାର ମାଝି, ଉପସଭାପତି ଶଙ୍କର ତାଣ୍ଡି, ସମ୍ପାଦକ ମାଲିକ ମହାକୁର, ସହସମ୍ପାଦକ କପିଳାସ ଭୋଇ, କୋଷାଧ୍ୟକ୍ଷ ମହାଦେବ ଟାହାଣି, ସଂଯୋଜକ ଦେବରାଜ ଲୁହା, ମିଡିଆ ସେଲରେ ଯୁଧିଷ୍ଠିର ପୁଟେଲଙ୍କୁ ମନୋନୟନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଦିଗସନ ଭୋଇ, ପୁରୁଷୋତ୍ତମ ଟାହାଣୀ, ପଦମ ପୁଟେଲ, କାର୍ଯ୍ୟକାରୀ ସଦସ୍ୟ ପୂର୍ଣ୍ଣ ଟାହାଣୀ, ସୁରେଶ ଭୋଇ, ତେଜୁରାମ ବାଗ, ରାୟଧର ମହାକୁର, ଶରତ ଚନ୍ଦ୍ର ଅମାତ, ମୋହନ ଗହୀର, ନାରାୟଣ ନାଗ, ପ୍ରସାଦ ଭୋଇ, ନରେନ୍ଦ୍ର ଯାନୀ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ଆସନ୍ତା ନଭେମ୍ବର ୨୬ରେ ଗିରି ଗୋବର୍ଦ୍ଧନ ପୂଜା ମହାସମରୋହରେ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବ୍ରାହ୍ମଣ ତାଣ୍ଡି, ଆନନ୍ଦ ଯାନୀ, କବିରାଜ ଖମାରି, ନୃପ ଯାନୀ, ରଥ ଭୋଇ ପ୍ରମୁଖଙ୍କ ସହ ବହୁ ସଦସ୍ୟ ବୈଠକରେ ସାମିଲ ଥିଲେ।



ସତ୍‌ସଙ୍ଗ କମିଟି ବୈଠକରେ ଉପସ୍ଥିତ ସଦସ୍ୟ ଓ କର୍ମକର୍ତ୍ତା।

# ପ୍ରଭାବିତ ବୁଢ଼ାବାହାଲ ଗାଁରେ ଜନଶୁଣାଣି

**ବଲାଙ୍ଗୀର ଅଫିସ, ୧୪।୯**

**ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ**

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ବୁଡାବାହାଲ ଗ୍ରାମରେ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଲକର, ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମହାପାତ୍ର, ବଲାଙ୍ଗୀର ଉପଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ସତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ଲୋଇସିଂହା ତହସିଲଦାର ସଙ୍ଘମିତ୍ରା କାଲୋ, ରେଙ୍ଗାଲି ସରପଞ୍ଚ ଶୋଭାଗିନୀ ରାଉତ, ପ୍ରଭାବିତ ବୁଡାବାହାଲ ଗ୍ରାମର ବିସ୍ଥାପିତ ଯୋଗଦେଇଥିଲେ। ଜମି ଅଧିଗ୍ରହଣ, କ୍ଷତିପୂରଣ ରାଶି ପ୍ରଦାନ ଇତ୍ୟାଦି ସମ୍ପର୍କରେ ଅତିରିକ୍ତ ଜିଲାପାଳ ମହାପାତ୍ର ଗ୍ରାମବାସୀଙ୍କୁ ବୁଝାଇଥିଲେ। ଜନ ଶୁଣାଣିରେ ଗ୍ରାମବାସୀ ସେମାନଙ୍କର ଅଭିଯୋଗ ଦାଖଲ କରିଥିଲେ। ସେମାନଙ୍କର ବିଭିନ୍ନ ଆପତ୍ତି ଅଭିଯୋଗଗୁଡିକର ଶୁଣାଣି କରିବା ସହ ଆଇନ ଅନୁସାରେ ତର୍ଜମା କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। ସର୍ବାଙ୍ଗୀନ ବିକାଶ ନିମନ୍ତେ ଗ୍ରାମବାସୀ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ରାଣା କହିଥିଲେ।



ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀ ଓ ପ୍ରଭାବିତ ଗାଁର ଜନସାଧାରଣ।

# ମନ୍ଦିର ରକ୍ଷଣାବେକ୍ଷଣ ଅବହେଳାକୁ ନେଇ ଉଦ୍‌ବେଗ

**ବଲାଙ୍ଗୀର ଅଫିସ,୧୪।୯**

ବଲାଙ୍ଗୀର ସହରର ସମଲେଶ୍ୱରୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଗୋପାଳଜୀ ମନ୍ଦିରର ଅବ୍ୟବସ୍ଥା, ଅବହେଳା ପ୍ରତିବାଦ ଏବଂ ମନ୍ଦିରଗୁଡିକର ନବୀକରଣ ଦାବି ନେଇ ବୁଧବାର ଗାନ୍ଧୀନଗର ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ତିନିଜଣ ସୂଚନା ଅଧିକାର କର୍ମୀ ଧାରଣା ଦେଇଥିଲେ। ପ୍ରଶାନ୍ତ ମହାକୁର, ଶମ୍ଭୁ ପ୍ରସାଦ ଶତପଥୀ ଓ ବିକାଶ ସା ମନ୍ଦିରମାନଙ୍କ ଜରାଜୀର୍ଣ୍ଣ ଅବସ୍ଥା ଏବଂ ଏନେଇ ପ୍ରଶାସନିକ ଅବହେଳା ପ୍ରଦର୍ଶନର ବିରୋଧ କରିଥିଲେ। ଉପରୋକ୍ତ ମନ୍ଦିରଗୁଡିକ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ଉପଯୁକ୍ତ ମରାମତି ଓ ନବୀକରଣ କରାଯାଉନାହିଁ। ସରକାର କୌଣସି ପଦକ୍ଷେପ ନନେବା ବଲାଙ୍ଗୀରବାସୀଙ୍କୁ ବ୍ୟଥିତ କରିଛି ବୋଲି କହିଥିଲେ। ଏହିସବୁ ସମସ୍ୟା ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଧାରଣାରେ ବସିଥିବା କହିଥିଲେ। ସମଲେଶ୍ୱରୀ ମନ୍ଦିରର ଛାତ ଭୁଶୁଡିବା ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ଏହାର ମରାମତି ଦାବି କରି ଆସୁଛନ୍ତି। ତେବେ ମରାମତି ନାଁରେ କେବଳ ଟିଣ ଚଦର ଛାଉଣି କରାଯାଇଛି।



ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତ ତଳେ ଅନୁଷ୍ଠିତ ଧାରଣା।

ଏହାର ମରାମତି କାମ ପାଇଁ ଚଳିତବର୍ଷ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ତଥ୍ୟ ସୂଚନା ଅଧିକାର ଆଇନ ଯୋଗେ ଦେବୋତ୍ତର କାର୍ଯ୍ୟାଳୟରୁ ମହାକୁରଙ୍କୁ ପ୍ରଦାନ କରାଯାଇଥିବା କହିଛନ୍ତି। କିନ୍ତୁ ଉପରୋକ୍ତ ୧୦ ଲକ୍ଷ ଟଙ୍କା ଏଠାରେ ଚଳିତବର୍ଷ ଆଦୌ ଖର୍ଚ୍ଚ କରାଯାଇ ନ ଥିବା ଅଭିଯୋଗ କରାଯାଇଛି। ପୁନଶ୍ଚ ମନ୍ଦିରଗୁଡିକର ସୁରକ୍ଷା ଓ ପରିଚାଳନା ପାଇଁ ଦେବୋତ୍ତର ଉପଦେଷ୍ଟା କମିଟି ଗଠନ କରାଯାଇଥାଏ । ଏହି ଉପଦେଷ୍ଟା କମିଟି ବିଭିନ୍ନ ସମୟରେ ବୈଠକ କରି ମନ୍ଦିରଗୁଡିକ ବିଷୟରେ ବିଭିନ୍ନ ନିଷ୍ପତ୍ତି ନେଇଥାନ୍ତି । କିନ୍ତୁ ୨୦୦୮ ମସିହା ପରେ ଦୀର୍ଘ ୧୨ ବର୍ଷ ଧରି ଏହି କମିଟି ବୈଠକ ହୋଇ ନଥିବା ତଥ୍ୟ ଖୋଦ ଦେବୋତ୍ତର କାର୍ଯ୍ୟାଳୟ ସୂଚନା ଅଧିକାର କର୍ମୀ ଶମ୍ଭୁ ପ୍ରସାଦ ଶତପଥୀଙ୍କୁ ପ୍ରଦାନ କରିଛି।

**ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ ସୂଚନା ଅଧିକାର କର୍ମୀ**

ମୋଟ ୧୩୮ଟି ଦୋକାନ ଗୃହ ବଲାଙ୍ଗୀର ଦେବୋତ୍ତର ବିଭାଗ ଅଧୀନରେ ରହିଛି । ଏହି ୧୩୮ଟି ଦୋକାନ ଗୃହକୁ ଶାଗମାଛ ଦରରେ ଭଡା ଦିଆଯାଇ ବଲାଙ୍ଗୀର ଦେବୋତ୍ତର ବିଭାଗର ପ୍ରାୟ ୧୨ରୁ ୧୫କୋଟି ଟଙ୍କା ରାଜସ୍ୱ କ୍ଷତି କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଯେଉଁ ୧୦ ଲକ୍ଷ ୯୧ ହଜାର ୪୦୦ ଟଙ୍କା ବାର୍ଷିକ ହାରରେ ଭଡା ସୂତ୍ରରେ ଦେବୋତ୍ତର ବିଭାଗକୁ ମିଳିଛି ତାକୁ ମଧ୍ୟ ମନ୍ଦିରଗୁଡିକର ରକ୍ଷାଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯାଉନାହିଁ। ଫଳରେ ଦେବାଳୟର ଅବସ୍ଥାରେ ଅବନତି ଘଟିଛି ବୋଲି ଗୁରୁତର ଅଭିଯୋଗ କରିଛନ୍ତି। ଉପଜିଲାପାଳ କୁମାର ନାଗଭୂଷଣ ଧାରଣାରତ କର୍ମୀମାନଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ଉଠିଥିଲା । ବରିଷ୍ଠ ନାଗରିକ ମଞ୍ଚସଭାପତି ପ୍ରଭାକର ମିଶ୍ର, ମନୋରଞ୍ଜନ ପୁରୋହିତ, ମନୋରଞ୍ଜନ ମିଶ୍ର ଗୋପବନ୍ଧୁ ଶତପଥୀ ଓ ବିରଞ୍ଚି ହୋତା ଧାରଣାରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୋଲିସ କବାଜ୍‌ରେ ଡକାୟତ ଦଳର ମୁଖ୍ୟ

ଭବାନୀପାଟଣା/ଧର୍ମଗଡ଼,୧୪।୯ (ସ୍ୱ.ପ୍ର./ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଅଞ୍ଚଳରେ ବିଭିନ୍ନ ଡକାୟତି ମାମଲାରେ ପୋଲିସ ଗତ ଅଗଷ୍ଟରେ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ସାମିଲ ଥିବା ମୁଖ୍ୟଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆମପାଣି ଥାନା ବଡ଼କେନ୍ଦୁଗୁଡା ଗ୍ରାମର ମୋହନ ପୂଝାରୀ (୫୦)। ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ ଚୋପଦାର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମୋହନ ଜିଲା ବାହାରୁ ଡକାୟତମାନଙ୍କୁ ଡକାଇ ଡକାୟତି କରାଇବାରେ ମୁଖ୍ୟ ସୁତ୍ରଧର ସାଜିଥିଲେ। ବେହେରା ଗ୍ରାମର ଅଳଙ୍କାର ଦୋକାନ ଡ଼କାୟତି, ଗୋଲାମୁଣ୍ଡା ଥାନା ପଞ୍ଚଆରେ ଡ଼କାୟତି, କୋକସରା ଥାନା କାଉଡୋଲା ଗ୍ରାମର ଡ଼କାୟତି ସହ ଗୃହକର୍ତ୍ତାଙ୍କୁ ଆକ୍ରମଣ ଘଟଣାରେ ସେ ଜଡ଼ିତ ଥିବା ପୋଲିସ କହିଛି। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଗୋଟିଏ ଖଣ୍ଡା ଓ ମୋବାଇଲ ଫୋନ, ବାସନକୁସନ ପୋଲିସ ଜବତ କରିଛି। ଖବରଦାତା ସମ୍ମିଳନୀରେ ଗୋଲାମୁଣ୍ଡା ଥାନା ଅଧିକାରୀ ଯୁଗଳ କିଶୋର ଶବର ଉପସ୍ଥିତ ଥିଲେ।

### ବ୍ଲକ କାର୍ଯ୍ୟାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଖଡ଼ିଆଲ,୧୪।୯(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରୁ ପ୍ରତିଦିନ ଜନପ୍ରତିନିଧିଙ୍କ ସମେତ ଶତାଧିକ ଲୋକ ବିଭିନ୍ନ କାମ ପାଇଁ ଏଠାକୁ ଆସନ୍ତି। କିନ୍ତୁ କାର୍ଯ୍ୟାଳୟ ପରିସରରେ କୌଣସି ଶୌଚାଳୟ କିମ୍ବା ପରିସ୍ରାଗାର ନ ଥିବାରୁ ବିଶେଷ କରି ମହିଳାଙ୍କ ପାଇଁ ଅଧିକ ଅସୁବିଧା ହେଉଛି। ଏପରି କି ପିଇବା ପାଣିର ସୁବ୍ୟବସ୍ଥା ନ ଥିବାରୁ ଲୋକେ ବାଧ ହୋଇ ଉଚ୍ଚ ଦରରେ ଦୋକାନରୁ ପାଣି ବୋତଲ କିଣି ପିଉଛନ୍ତି। ଯାହା ଗ୍ରାମାଞ୍ଚଳରୁ ଆସୁଥିବା ଲୋକଙ୍କୁ ବେଶି ବାଧୁଥିବା ଅଭିଯୋଗ କରନ୍ତି। ବ୍ଲକ ପରିସରରେ ବିଶ୍ରାମ ନେବାର ସୁବିଧା ନ ଥିବା ବେଳେ ଗାଡି ପାର୍କିଂ ସୁବିଧା ନାହିଁ। ଅଫିସ ସାମ୍ନାରେ ଶତାଧିକ ଗାଡି ପାର୍କିଂ ହେଉଥିବା ବେଳେ ଲୋକେ ବିଶ୍ରାମ ନେବା ପାଇଁ ଇତସ୍ତତଃ ହେଉଛନ୍ତି। ପ୍ରଶାସନ ଏହି ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

### ଗ୍ରାମାଞ୍ଚଳରେ ମନମୁଖି ବିଦ୍ୟୁତ୍ କାଟ

ଖଡ଼ିଆଲ,୧୪।୯(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲଠାରେ ମନମୁଖି ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ଆସିଛି। ବିଭାଗ ବାରମ୍ବାର ବିଦ୍ୟୁତ୍ କାଟରେ ଖଡ଼ିଆଲ ଅଞ୍ଚଳର ଜନସାଧାରଣ ଅତିଷ୍ଠ ହୋଇଥିବା ବେଳେ ସହରର ବିଭିନ୍ନ ଛକରେ ଲଗାଯାଇଥିବା ବିଦ୍ୟୁତ୍ ଖୁଣ୍ଟର ଲାଇଟଗୁଡିକ ମଧ ଦିନରାତି ଜଳୁଥିବା ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ଘଣ୍ଟା, ଘଣ୍ଟା ବିଦ୍ୟୁତ୍ କାଟ ହେଉଥିବାରୁ ଲୋକେ ଅତିଷ୍ଠ ହୋଇଗଲେଣି। ଫଳରେ ବିଦ୍ୟୁତ୍ ସେବାର ଅବ୍ୟବସ୍ଥା ଯୋଗୁ ବିଭିନ୍ନ କାର୍ଯ୍ୟ ଅଟକି ଯାଉଥିବା ମଧ ଲୋକେ ଅଭିଯୋଗ କରୁଛନ୍ତି। ବିଦ୍ୟୁତ୍ କାଟରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭାଗ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

କୋକସରା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କୁସୁମଖୁଣ୍ଟି ନିର୍ବାହୀ ଯନ୍ତ୍ରୀଙ୍କୁ ଇନ୍ଦ୍ରାବତୀ ମେଗାଲିଫ୍ଟରୁ ଜଳ ଯୋଗାଣ ପାଇଁ ବାରମ୍ବାର ଦାବି କରି ଚାଷୀ ନୟାନ୍ତ ହେଲେଣି। ଅନ୍ୟପଟେ ବର୍ଷା ଅଭାବରୁ କୋକସରା ବ୍ଲକ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ଫାଟି ଗଲାଣି। ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଚାଷୀମାନେ କୋକସରା ବ୍ଲକ କୁସୁମଖୁଣ୍ଟି ମେଗାଲିଫ୍ଟ କେନାଲର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସି ଫେରାଦ ହେଉଛନ୍ତି। କେତେବେଳେ ଧାରଣା ଦେଉଛନ୍ତି ତ କେତେବେଳେ କୀଟନାଶକ ଧରି ଜୀବନ ହାରିଦେବାକୁ ଚେତାବନୀ ମଧ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ। ବୁଧବାର ପୁଣି କୋକସରା ବ୍ଲକ ମୂଷାପାଲି ଅଞ୍ଚଳର ଶତାଧିକ ଚାଷୀ ମେଗାଲିଫ୍ଟ କାର୍ଯ୍ୟାଳୟରେ ପ୍ରତିବାଦ ସହ ଜଳଯୋଗାଣ କରିବାକୁ


ଚାଷୀମାନେ ମେଗାଲିଫ୍ଟ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଦାବି କରିଛନ୍ତି। ଯେଉଁ ପ୍ରକଳ୍ପ ପାଇଁ ଦିନେ ଅଞ୍ଚଳର ଚାଷୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ। ରାଜ୍ୟ ସରକାର ଚାଷୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ। ୨୦୨୧ ଜାନୁୟରୀରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଲୋକାର୍ପଣ କରିଥିଲେ। ହେଲେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାର ଦାୟିତ୍ୱହୀନତା କାରଣରୁ ଭୂତଳ ପାଇପରେ ବୈଷୟିକ ତ୍ରୁଟିରୁ ଶହ ଶହ ପଏଣ୍ଟରେ ପାଣି ଆସୁନାହିଁ ଓ ଚାଷୀଙ୍କୁ ନିରାଶ ହେବାକୁ ପଡିଛି। ବୁଧବାର ମୂଷାପାଲି ପଞ୍ଚାୟତ ଶତାଧିକ ଚାଷୀ ସରପଞ୍ଚ ଅକ୍ଷୟ କୁମାର ନାଏକଙ୍କ ନେତୃତ୍ୱରେ ଆସି ଅଭିଯୋଗ କରିଛନ୍ତି। ଏଥିରେ ଘନଶ୍ୟାମ ନାଏକ, ଦୈତାରି

**ମେଗାଲିଫ୍ଟ କେନାଲରୁ ଜଳ ଯୋଗାଣ ଦାବି**

ସୁନାନୀ, ମଧୁ ସାଗର, ନାରାୟଣ ଗୋପାଳ, ଦୁର୍ଗା ପ୍ରସାଦ ଗୋପାଳ, ପ୍ରକାଶ ରାଉତ, ମହେଶ୍ୱର ଦୁର୍ଗା, ଘେନୁରାମ ମାଝି, ବିଶେଶ୍ୱର ଗୋପାଳ, ପ୍ରକାଶ ରାଉତ, ରଖିରାମ ଦୁର୍ଗା, ଦୀନବନ୍ଧୁ ରାଉତ, ତୋଫାନ ନାଏକ ପ୍ରମୁଖ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ଭୋଇ ଉପସ୍ଥିତ ନ ଥିବାରୁ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଓ କୌଣସି ସମାଧାନ ନ ହେଲେ କାର୍ଯ୍ୟାଳୟ ଘେରାଉ ସହ ରାଜରାସ୍ତା ଅବରୋଧ କରିବାକୁ ମଧ ଚେତାବନୀ ଦେଇଛନ୍ତି। ଏ ନେଇ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ଭୋଇଙ୍କ ପ୍ରତିକ୍ରିୟା ନେବାରୁ ଚାଷୀଙ୍କ ଅଭିଯୋଗ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ହାତୀବନ୍ଧା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ନୂଆପଡ଼ା ଅଫିସ୍/ସିନାପାଲି, ୧୪।୯(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା ସରକାରୀ ଉଚ୍ଚବିଦ୍ୟାଳୟରେ ବୁଧବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ହିନ୍ଦୀ ଶିକ୍ଷକ କମଳ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷକ ସୁବାଷ ଚନ୍ଦ୍ର ମେହେର, ରୂପେଶ କୁମାର ମେହେର, ନିପେନ୍ଦ୍ର ବାଗ, ଅନିଲ କୁମାର ମେହେର, ପ୍ରିତିଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହିନ୍ଦୀ ଦିବସ ପାଳନର ମହତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଶିକ୍ଷକ ଚନ୍ଦ୍ରମଣି ମେହେର ଧନ୍ୟବାଦ ଦେଇଥିଲେ।


ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରାରେ କାଳସି ନିଆଁରେ ଚାଲୁଥିବା ଦୃଶ୍ୟକୁ ଲୋକେ ଦେଖୁଛନ୍ତି।

## ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ସମ୍ପନ୍ନ

ଲାଞ୍ଜିଗଡ,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ସହରର ପରମ ଆରାଧ ଅଗ୍ନି ଭୈରବଙ୍କ ପ୍ରସିଦ୍ଧ ଝାମୁଯାତ୍ରା ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥା ଅନୁଯାୟୀ ନୂଆଁଖାଇ (ଲାଞ୍ଜିଗଡରେ ଦଶମୀ ନୂଆଁଖାଇ ହୋଇଥାଏ), ଆଉ ବାସୀ ପର୍ବ ପାଳିତ ହେବା ପରେ ତ୍ରୟୋଦଶୀ ଦିନ ଲାଞ୍ଜିଗଡଠାରେ ଥିବା ପ୍ରସିଦ୍ଧ ଭୈରବ ମନ୍ଦିରରୁ ଭୈରବ ଦେବଙ୍କ ଖଣ୍ଡା ବାହାର କରାଯାଇ ସ୍ଥାନୀୟ ରାଜ ଉଆସକୁ ନିଆଯାଇଥିଲା । ସେଠାରୁ ପୂଜାର୍ଚ୍ଚନା ପରେ ଅଗ୍ନି ଭୈରବଙ୍କ ଗୋଟିଏ ଖଣ୍ଡା, ବାଲି ଭୈରବଙ୍କ ଗୋଟିଏ ଖଣ୍ଡା ଓ ବୁଢା ଭୈରବଙ୍କ ଦୁଇଟି ଖଣ୍ଡାକୁ ବାଲି ଘରକୁ ନିଆଯାଇଥିଲା। ସେହି ଦିନ ହିଁ ସ୍ଥାନୀୟ ଶୁକ୍ଲିନାଳକୁ ପୂଜକମାନେ ଯାଇ ୯ଟି ଟାଙ୍ଗୁଡିରେ ବାଲି ଭର୍ତ୍ତି କରି ଆଣିଥିଲେ। ଲୋକଙ୍କ ଘରୁ ନଅ ପ୍ରକାର ଶସ୍ୟ ସଂଗ୍ରହ କରି ତାକୁ ବାଲି ଘରେ ରଖି ପୂଜାର୍ଚ୍ଚନା ଜାରି ରଖିଥିଲେ। ଏହା ପରେ ଅଶ୍ୱପଞ୍ଚମୀ ତିଥିରେ ଭୈରବ ଦେବଙ୍କ ଝାମୁଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଏହା ପୂର୍ବରୁ ତିନି ଭୈରବଙ୍କ ପ୍ରତୀକ ବାଲି ଘରୁ ମୁଖ୍ୟ ମନ୍ଦିରକୁ ଯିବା ସହିତ ସେଠାରୁ ଆଜ୍ଞାମାଳ ଆଣିବା ପରେ ନିଆଁରେ ତିଆରି ଖନ୍ଦା(ଝାମୁ)କୁ ତିନିଥର ପ୍ରଦକ୍ଷିଣ କରି ସାରିବା ପରେ ଠାକୁରାଣୀ ଗୁଡି(ମନ୍ଦିର)କୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରିଥିଲେ। ଏହାପରେ ଠାକୁରାଣୀ ଦେବୀ ମଧ ସାମିଲ ହୋଇଥିଲେ ଝାମୁଯାତ୍ରାରେ। ଏହି ସମୟରେ ୪ଟି କଟା କଦଳୀ ଗଛକୁ ଧଳା କପଡା ଘୋଡାଇ ପ୍ରସ୍ତୁତ କରାଯାଇଥିଲା ଗଉରୀଘର। ଯେଉଁଠି ବଡଭୋଗ (ପାରା ବଳି)ଦେବା ପରେ ଝାମୁଯାତ୍ରାର ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ଏହା ପରେ ଅଗ୍ନି ଭୈରବଙ୍କ କାଳସି ଉହତହ ତତଲା ରଡ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହର୍ଷଧ୍ୱନୀ ସହିତ ଡମବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦ ଗୁଞ୍ଜରି ଉଠୁଥିଲା। ଯାତ୍ରା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା ଶହଶହ କୁକୁଡା, ପାରା, ବତକ, ଛେଳି ଆଦି ବଳି ଦିଆଯାଇଥିଲା। ପୂଜକ ଅଭିମନ୍ୟୁ ପାତ୍ର, ହରିଶ୍ଚନ୍ଦ୍ର ମୁଣ୍ଡଛିନା, ଜମ୍ବେଶ୍ୱର ପୂଝାରୀ, କୁନାଲ ପ୍ରଧାନୀ ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ । ଲାଞ୍ଜିଗଡ଼ର ହରିହର ସାଂସ୍କୃତିକ ଅନୁଷ୍ଠାନ, ଲାଞ୍ଜିଗଡ଼ ଯୁବକ ସଂଘର କର୍ମକର୍ତ୍ତାଙ୍କ ସମେତ ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବିଶ୍ୱନାଥପୁର, ବନ୍ଧପାରି ଓ ବଳଭଦ୍ରପୁରରେ ମଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## କଳାହାଣ୍ଡି ବିକାଶ ପରିଷଦର ଆଲୋଚନାଚକ୍ର

ଭବାନୀପାଟଣା,୧୪।୯(ସ୍ୱ.ପ୍ର.)

କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ବୁଧବାର ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟଠାରେ ଅବିଭକ୍ତ କଳାହାଣ୍ଡିର ଐତିହ୍ୟ ସଂସ୍କୃତିର ସୁରକ୍ଷା ଏବଂ ବିକାଶରେ କଳାକାର ଏବଂ ଲେଖକଙ୍କ ସହଭାଗିତା ଶୀର୍ଷକ ନେଇ ଏକ କର୍ମଶାଳା ଆୟୋଜନ ହୋଇଯାଇଛି। କର୍ମଶାଳାରେ ମୁଖ୍ୟ ଆଲୋଚକ ଭାବେ ଡକ୍ଟର ଫନିନ୍ଦମ ଦେଓ ଯୋଗଦେଇ ଉକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ଲୋକଙ୍କ ଜୀବନ ଧାରା ଓ ଦୃଷ୍ଟି ଭଙ୍ଗୀର ପ୍ରତୀକ ହେଉଛି ଲୋକନାଚ, ଲୋକଗୀତ, ଲୋକ ସଂସ୍କୃତି, ପରମ୍ପରା, ଗୁଡ଼ି, ମନ୍ଦିର ତଥା ସାହିତ୍ୟ ଯାହା କି କଳାହାଣ୍ଡିର ପରିବେଶ ଓ ପାରି ପାର୍ଶ୍ୱରେ ଗଢି ଉଠିଛି ଓ ସୁଦୃଢ ହୋଇଛି ବୋଲି ସେ କହିଥିଲେ। ଏହାସହ କଳାହାଣ୍ଡିର କଳା ଓ ସଂସ୍କୃତିକୁ ବୁଝିବାକୁ ହେଲେ ଏ ଅଞ୍ଚଳର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପରିସ୍ଫୁଟନଶିଳତା ବିଶ୍ଳେଷଣ କରିବା ଗୁରୁତ୍ୱପୂର୍ଣ୍ଣ। ଏ ସମସ୍ତରେ କଳାହାଣ୍ଡିର ଶ୍ରମିକ, କାରିଗରଙ୍କ କଳା ନୈପୁଣ୍ୟ ଦେଖିବାକୁ ମିଳେ ବୋଲି କହିଥିଲେ। ଅତିଥି ଭାବେ ଯୋଗଦେଇ ଅଧାପକ ଲିଙ୍ଗରାଜ ପାତ୍ର, ସାହିତ୍ୟ, କଳା, ସଂସ୍କୃତି, ଐତିହ୍ୟର ସୁରକ୍ଷା ପାଇଁ ଲେଖକ ଓ କଳାକାରଙ୍କୁ ଆହ୍ୱାନ କରିବା ସହିତ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥଲେ। ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି ଧର୍ମଗଡ ବିକାଶ କାର୍ଯ୍ୟରେ ଏନ୍ଏସି ଅଞ୍ଚଳରେ ରହୁଥିବା ସମସ୍ତ ଲେଖକ ଓ କଳାକାରଙ୍କ ମାଧ୍ୟମରେ ଯାହା ଉନ୍ନତି ମୂଳକ କାର୍ଯ୍ୟ ହେବ ସେଥିପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କର୍ମଶାଳାରେ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ସତ୍ୟ ପଟ୍ଟନାୟକ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଭାଗ ନେଇ ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡାକ୍ତର ସୁନିତୀ ମୁଣ୍ଡ ପରିଚାଳନା କରିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

କୋକସରା,୧୪।୯(ଡି.ଏନ.ଏ.)

ଭାରତକୁ ଏକ ନିଶାମୁକ୍ତ ଦେଶ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହିକ୍ରମରେ କାଳାହାଣ୍ଡି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋକସରା ବ୍ଲକ ସଦର ମହକୁମାସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠରେ ସୋମବାର ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍କୁଲ ଓ କଲେଜ ଏନସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ତଥା ନିଶାମୁକ୍ତ ଭାରତ ଗଠନ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ଜବାହର ଉଚ୍ଚ ବିଦ୍ୟାପୀଠ ନେଭାଲ ଏନସିସି କ୍ୟାଡେଟ ଓ କୋକସରା ଡିଗ୍ରୀ କଲେଜ ଏନ୍‌ସିସି ଅଧିକାରୀ ଅଶିନୀ କୁମାର ପଟ୍ଟନାୟକ, ଅମିତ ମହାନ୍ତିଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ଆଲୋଚନା କରାଯାଉଛି।

ତୁଣ୍ଡଲା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ କଦମପଡାଠାରେ ୧୨ବର୍ଷ ହେଲା ଗଜଲକ୍ଷ୍ମୀ ପୂଜା ସ୍ଥାନୀୟ ବଣିକ ପୂଜା କମିଟି ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ଗଜଲକ୍ଷ୍ମୀ ପୂଜା କମିଟି ପାକ ପ୍ରସ୍ତୁତି ବୈଠକ ବଜାର ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବାନ ଭୋଇ ସଭାପତିତ୍ୱ କରିଥିଲେ । ଉକ୍ତ ପୂଜାରେ କର୍ତ୍ତା ଭାବେ ବେଲଦାର ଭୋଇ ଓ ଝଷନେତ୍ରୀ ଭୋଇଙ୍କୁ ପୂଜା କମିଟି ପକ୍ଷରୁ ମନୋନୀତ କରାଯାଇଛି। ପୂଜା କମିଟି ସମ୍ପାଦକ କ୍ଷୀରୋଦ୍ର ଚୌଧୁରୀ, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସୁରେନ୍ଦ୍ର ଭୋଇ, ବସନ୍ତ ସାହୁ, ବ୍ରଜମଣୀ ଭୋଇ, କାଳିଆ ବାରିକ, ଆନନ୍ଦ ଗହୀର, କାର୍ତ୍ତିକ ସାହୁ, ମାନଧାତା ଭୋଇ, ସହଦେ ରେଡ଼ି, ଶିବରାମ ଭୋଇ, ନାରାୟଣ ବାରିକ, ବୈଦ୍ୟନାଥ ଚୌଧୁରୀ, କିରଣ ସାହୁ, ଈଶ୍ୱର ସାହୁ ଏବଂ କମିଟି ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଗାମୀ ବୁଧବାର ହେବାକୁ ଥିବା ପରବର୍ତ୍ତୀ ବୈଠକରେ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଓ କମିଟି ଦାୟିତ୍ୱ ଭାର ଦିଆଯିବା ସ୍ଥିର କରାଯାଇଥିବା କମିଟି ସମ୍ପାଦକ କ୍ଷୀରୋଦ୍ର ଚୌଧୁରୀ ଜଣାଇଛନ୍ତି।

## ବାଲା, ପୋଷଣ ବଗିଚା କାର୍ଯ୍ୟକ୍ରମ

କୋକସରା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୈବଲ୍ୟ ଶିକ୍ଷା ସଙ୍ଗଠନ ପକ୍ଷରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓ ସହଯୋଗୀ ଶିକ୍ଷକଙ୍କ ସହଯୋଗରେ ବାଲା ଓ ପୋଷଣ ବଗିଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତୋଫାନ ମାଝି, ମୁଖ୍ୟବକ୍ତା ଭାବେ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦୀନବନ୍ଧୁ କର, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁବାସ ବାଗ, ଅଜୟ ମାଝି, ଦୁର୍ଯ୍ୟୋଧନ ବାଗ, ଭାଗ୍ୟବାନ ବାଗ, ଦୟାସାଗର ଘି, ଶିକ୍ଷୟିତ୍ରୀ ଜୟଶ୍ରୀ ।ଲା ଠାକୁର, ଡଲି ନାଏକ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଚିତ୍ର ମାଧ୍ୟମରେ ବିଦ୍ୟାଳୟ କାନ୍ଥରେ ଅଙ୍କନ କରି ଛାତ୍ରୀଛାତ୍ରଙ୍କୁ ପାଠପଢା ପାଇଁ ଆକୃଷ୍ଟ କରାଇବା ସହିତ ମଧ୍ୟାହ୍ନ ଭୋଜନରେ ପୋଷକ ଆହାର ନିମନ୍ତେ ପୋଷଣ ବଗିଚା କାର୍ଯ୍ୟକ୍ରମରେ ବିଭିନ୍ନ ପନିପରିବା ଗଛ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି। ବ୍ଲକ ମ୍ୟାନେଜେର କୌଶଳ କିଶୋର ବିଦ୍ୟାଳୟରେ ପିଲାଙ୍କ ଶିକ୍ଷାର ବିକାଶ ଲାଗି ଶିକ୍ଷକମାନଙ୍କ ଏହି ଉଦ୍ୟମକୁ ପ୍ରସଂଶା କରି କୋଭିଡ ଯୋଗୁ ପିଲାଙ୍କ ପାଠପଢ଼ାରେ ଆଗ୍ରହ କମି ଯାଇଥିବା ଓ ଏହାକୁ ବୃଦ୍ଧି କରାଇବା ପାଇଁ ଶିକ୍ଷକଙ୍କ ସହ ଅଭିଭାବକମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ନୂଆ ହୋଇଥିବାରୁ ପିଲାମାନେ ବହୁତ ଆଗ୍ରହର ସହ ଏହାକୁ ଉପଭୋଗ କରିବେ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ବୈକୁଣ୍ଠ ଜାଲ ମଞ୍ଚ ପରିଚାଳନା କରିଥିବା ବେଳେ କୈବଲ୍ୟ ଶିକ୍ଷା ସଙ୍ଗଠନ କର୍ମକର୍ତ୍ତା ଓ ଶିକ୍ଷା ବିଭାଗର ୩୩ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସହଶିକ୍ଷକମାନେ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ରମାନେ ବହିଗୁଡ଼ିକ ବୁଲି ଦେଖୁଛନ୍ତି।

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ନୂଆପଡ଼ା ଅଫିସ,୧୪।୯

ନୂଆପଡା ଜିଲା ନବନିର୍ବାଚିତ ଜିଲା ପରିଷଦ ବୁଧବାର ଷଷ୍ଠତମ ଜିଲା ପରିଷଦ ବୈଠକ ଜିଲାପାଳଙ୍କ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝିଙ୍କ ସଭାପତିତ୍ୱ କରିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁଛନ୍ଦା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲାପାଳ ହେମାକାନ୍ତ ସାଏ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା କୌଶଲ୍ୟା, ଏମିପି ପ୍ରତିନିଧି କମଲେଶ ଦିକ୍ଷୀତ, ବିଧାୟକ ପ୍ରତିନିଧି ଧନୀରାମ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ୧ ଟି ଯାକ ଜିଲା ପରିଷଦ ସଭ୍ୟା/ସଭ୍ୟ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ନୂଆପଡା ବ୍ଲକ ଅଧ୍ୟକ୍ଷ ତାରେଶ୍ୱରୀ ସାହୁ, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରି ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲା କୃଷି ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଖାଦ୍ୟ ଯୋଗାଣ ଓ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଷଷ୍ଠତମ ଜିଲା ପରିଷଦ ବୈଠକ**

ଖାଉଟି କଲ୍ୟାଣ ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ସ୍ୱାସ୍ଥ୍ୟ ପରିବାତ କଲ୍ୟାଣ ବିଭାଗ, ମତ୍ସ୍ୟ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ସର୍ବଶିକ୍ଷା ଅଭିଯାନ, ସମାଜ କଲ୍ୟାଣ ବିଭାଗ, ପଶୁ ସମ୍ପଦ, ସାମାଜିକ ସୁରକ୍ଷା, ଜଳ ବିଭାଜିକା ମିଶନ, ଉଠା ଜଳସେଚନ, ପଞ୍ଚାୟତିରାଜ, ଜଳସେଚନ, ଜିଲା ଶିଳ୍ପ କେନ୍ଦ୍ର, ବିଦ୍ୟୁତ୍ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ଆଦି ୧୯ ବିଭାଗର ବିଭିନ୍ନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜିଲା ପାଇଁ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଉପସ୍ଥିତ ସଭ୍ୟମାନେ ନିଜ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ପୂର୍ବରୁ ପ୍ରସ୍ତାବିତ ଖଡିଆଳଠାରେ ଡାୟଲେସିସ ସୁବିଧା ପ୍ରଦାନ କରିବା ପ୍ରସ୍ତାବକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନେଇ ବିଧାୟକ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଅନୁସୁଚିତ ଜାତି ଓ ଜନଜାତି ବିଭାଗ ଆଲୋଚନା ସମୟରେ ଅନ୍ୱେଷା ଯୋଜନାରେ କେବଳ ନୂଆପଡା ବିଧାନସଭା ମଣ୍ଡଳୀରେ ଥିବା ୩ଟି ବିଦ୍ୟାଳୟକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଖଡିଆଳ, ସିନାପାଲି, ବୋଡେନ ବ୍ଲକରେ ବିଭିନ୍ନ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଥିବା ସତ୍ତ୍ୱେ ସେମାନଙ୍କୁ ପ୍ରାଧାନ୍ୟ ମିଳୁ ନ ଥିବା ନେଇ ଖଡିଆଳ ବିଧାୟକ ପ୍ରଶ୍ନ ଉଠାଇବା ସହ ଆଗାମୀ ବର୍ଷରୁ ଖଡ଼ିଆଳର କୌଣସି ଏକ ବିଦ୍ୟାଳୟରେ ଅନ୍ୱେଷା ଛାତ୍ରବାସ ଖୋଲିବାକୁ ପ୍ରସ୍ତାବ ଦେବାକୁ କହିଥିଲେ।

## ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଷଣ ସପ୍ତାହ ପାଳିତ

ଉଲୁଣ୍ଡା,(ଡି.ଏନ.ଏ): ଉଲୁଣ୍ଡା ସିଏଚ୍‌ସି ପୁଷ୍ଟି ସାଧନ କେନ୍ଦ୍ରରେ ପୋଷଣ ସପ୍ତାହ ପାଳିତ ହୋଇଯାଇଛି। ଡାକ୍ତର ଆଶୁତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ସଭାରେ ବିପିଏମ୍ ସୁଧାଂଶୁ ଶେଖର ସେଠୀ ଯୋଗଦେଇ ପୋଷଣ ସପ୍ତାହର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ସିଡିପିଓ ଜୟନ୍ତୀ ସ୍ୱାଇଁ ଏହି ସପ୍ତାହକୁ ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ପାଳନ କରିବାକୁ ଅନୁରୋଧ କରିଥିଲେ। ସାଧନ କେନ୍ଦ୍ର ପରାମର୍ଶଦାତ୍ରୀ ସ୍ୱାଗତିକା ଉଦ୍‌ଗାତା କୁପୋଷଣର ଭୟାବହତା ଓ ପ୍ରତିକାର ବିଷୟରେ ବୁଝାଇଥିଲେ।

## ସଂକ୍ଷେପରେ

### ନୂଆପଡ଼ା ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ବିନିକା, ୧୪।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ସହର ନୂଆପଡ଼ା ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଦନ ମୋହନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାକୁ ଚଳିତବର୍ଷ ଆଡମ୍ବରପୂର୍ଣ୍ଣ ଭାବେ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳାରେ ପୂଜା କରିବା ପାଇଁ ଏକ କମିଟି ଗଠତ ହୋଇଥିଲା। ଏଥିରେ ସଭାପତି ଭାବେ ସୁଦାମ ମେହେର, ସମ୍ପାଦକ ଶମ୍ଭୁ ପ୍ରସାଦ ମେହେରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେହିପରି ପୂଜା ପରିଚାଳନା ପାଇଁ ୨୫ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ଏଥର ପୂଜା ୩୭ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ଭଳି ୧୦ ଦିନ ପର୍ଯ୍ୟନ୍ତ ପୂଜା, ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ସଭାପତି ପ୍ରକାଶ କରିଛନ୍ତି।

### ହିନ୍ଦୀ ଦିବସ ସମାରୋହ

ଡୁଙ୍ଗୁରିପାଲି,୧୪।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଫଟାମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଦିବସ ସମାରୋହ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଘନଶ୍ୟାମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଶାଖୁ ପଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ର ଯେପରି ପରୀକ୍ଷାରେ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବେ ସେ ବିଷୟରେ ନିଜ ମତ ରଖିଥିଲେ । ହିନ୍ଦୀ ଶିକ୍ଷକ ମୁରଲୀଧର ମେହେର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ରୂପକଳା ତିୱାରୀ ପରିଚାଳନା କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସମାରୋହରେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ସାଧୁଚରଣ ଖମାରୀ, ପ୍ରଜ୍ଞାଲି ମହଲା, ବିଭୁତି ଭୂଷଣ ସାହୁ, ଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ବିମଲ କିଶୋର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ୟାଙ୍କ ଛାତରୁ ସ୍ଲାବ ଖସି ଦୁଇ କର୍ମଚାରୀ ଆହତ

ବରପାଲି, ୧୪।୯ (ଡି.ଏନ.ଏ.): ବରଗଡ ଜିଲା ବରପାଲି କଲେଜ ଛକ ନିକଟ ଆଇସିଆଇସିଆଇ ବ୍ୟାଙ୍କ ଛାତରୁ ଏକ ସ୍ଲାବ ଖସି ବୁଧବାର ୨ଜଣ କର୍ମଚାରୀ ଆହତ ହୋଇଛନ୍ତି। ବ୍ୟାଙ୍କ କ୍ୟାଶିଅର ଦେବଦତ୍ତ ମହନ୍ତ(୨୭) ସାମାନ୍ୟ ଆହତ ହୋଇଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶଙ୍କର ସୁନା (୪୫) କର୍ମଚାରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଉଭୟଙ୍କୁ ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶଙ୍କରଙ୍କ ଅବସ୍ଥା ଅଧିକ ଖରାପ ହେବାରୁ ତାଙ୍କୁ ବରଗଡ଼ ଡାକ୍ତରଖାନା ପଠାଯାଇଛି ।

# ମିଳୁନି ବୀମା କ୍ଷତିପୂରଣ, ବଢୁଛି ଅସନ୍ତୋଷ

ବରଗଡ଼ ଅଫିସ୍/ସୋହେଲା,୧୪।୯

- ଜାତୀୟ ରାଜପଥ ଅବରୋଧ କଲେ ଚାଷୀ
- ଜିଲାପାଳଙ୍କ ଅଫିସରେ ତ୍ରିପାକ୍ଷିକ ବୈଠକ
- ୭ଦିନ ସମୟ ମାଗିଲା ବୀମା କମ୍ପାନୀ

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନରେ ସମ୍ପୃକ୍ତ ବୀମା କମ୍ପାନୀ ସ୍ୱେଚ୍ଛାଚାରିତା ଚଳାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ଚାଷକାର୍ଯ୍ୟ ପୂର୍ବରୁ ନିର୍ଦ୍ଧାରିତ ନିୟମାନୁସାରେ ବୀମା ପ୍ରିମିୟମ ଜମା କରିଥିଲେ ସୁଦ୍ଧା ସେମାନଙ୍କୁ ଠିକ୍‌ଭାବେ ବୀମା ସହାୟତା ମିଳୁ ନାହିଁ। ଅନ୍ୟପକ୍ଷେ ବୀମା ପ୍ରଦାନକୁ ନେଇ ସମ୍ପୃକ୍ତ ବୀମା କମ୍ପାନୀ ନାନା ଆଳରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ବୀମା କମ୍ପାନୀର ଏଭଳି ଟାଳଟୁଳ ନୀତିକୁ ନେଇ ଜିଲାରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହାକୁ ନେଇ ଧାରଣା, ବିକ୍ଷୋଭ, ସରକାରୀ ଅଫିସ ଅଚଳ, ରାସ୍ତାରୋକୋଠାରୁ ରେଲରୋକ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଛି। ଏହାସତ୍ତ୍ୱେ ଚାଷୀଙ୍କୁ କିଛି ସୁଫଳ ମିଳିନାହିଁ। ଅନ୍ୟପକ୍ଷେ ବୀମା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବାବେଳେ ହକ୍ ପାଇଁ ଆନ୍ଦୋଳନ ତଥା ରେଲରୋକୋକୁ ଓହ୍ଲାଇଥିବା ଚାଷୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଏହାକୁ ନେଇ ଚାଷୀ ଅଶାନ୍ତି ବୃଦ୍ଧି ପାଇବାରେ ଲାଗିଛି।ବୁଧବାର ଚାଷୀମାନେ ଜିଲାର ସୋହେଲା ଥାନା ଅନ୍ତର୍ଗତ ଦଶମାଇଲ


ସୋହେଲା ଥାନା ଦଶମାଇଲ ଛକରେ ଚାଷୀଙ୍କ ରାଜପଥ ଅବରୋଧ ।


ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ତ୍ରିପାକ୍ଷିକ ବୈଠକ ।

ଛକରେ ଚାଷୀମାନେ ୫୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେହିପରି ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ପ୍ରଶାସନ, ଚାଷୀ ସଂଗଠନ ଏବଂ ବୀମା କମ୍ପାନୀକୁ ନେଇ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ଆସନ୍ତା ୭ଦିନ ମଧ୍ୟରେ ଯୋଗ୍ୟ ଚାଷୀଙ୍କୁ ବୀମା ପ୍ରଦାନ ନେଇ କମ୍ପାନୀ ପ୍ରତିନିଧି ପ୍ରତିଶ୍ରୁତି ଦେଇଥିଲେ ।

ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଜୟ କିଶାନ ଆନ୍ଦୋଳନ ନେତୃତ୍ୱରେ ଶତାଧିକ ଚାଷୀ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରୁ ଦଶମାଇଲ ଛକକୁ ଆସି ରାସ୍ତାରୋକୋ ଆରମ୍ଭ କରିଥିଲେ। ଆନ୍ଦୋଳନସ୍ଥଳକୁ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଚାଷୀମାନେ ରାସ୍ତା ଉପରେ ରନ୍ଧବଢ଼ା କରି ମଧ୍ୟାହ୍ନ ଭୋଜନ କରିଥିଲେ। ପରେ ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର ସେଠାରେ ପହଞ୍ଚିଥିଲେ ଏବଂ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସହାୟତା ପ୍ରଦାନ ପାଇଁ ବୀମା କମ୍ପାନୀ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିଲେ। ଏହାପରେ ସନ୍ଧ୍ୟା ପ୍ରାୟ ୭ଟାରେ ଚାଷୀମାନେ ରାସ୍ତା ଉପରୁ ଉଠିଥିଲେ ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଜୟ କିଶାନ ଆନ୍ଦୋଳନର ସଭାପତି ସୁଶିଲ ସାହୁ, ସମ୍ପାଦକ ହର ବଣିଆ, ବ୍ଲକ ସଭାପତି ସୁରେନ୍ଦ୍ର ମେହେର, ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ, ଅରୁଣ ପ୍ରଧାନ, କିଶୋର ସାହୁ ପ୍ରମୁଖ ଏଠାରେ ନେତୃତ୍ୱ ନେଇଥିଲେ ।

ସେହିପରି ବୀମା ବିବାଦକୁ ନେଇ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ, ଏସପି ସ୍ମିଥ୍ ପି. ପରମାର୍, ବୀମା କମ୍ପାନୀ ଏବଂ ଚାଷୀ ସଂଗଠନଗୁଡ଼ିକର ପ୍ରତିନିଧି ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ବାରମ୍ବାର ଦାବି ସତ୍ତ୍ୱେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ପ୍ରଦାନ କରାଯାଉ ନଥିବା ଯୋଗୁ ଚାଷୀ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଆସନ୍ତା ୭ଦିନ ମଧ୍ୟରେ ଯୋଗ୍ୟ ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ପ୍ରଦାନ କରାଯିବ ବୋଲି ବୀମା କମ୍ପାନୀର ପ୍ରତିନିଧିମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ସଭାପତି ବାଞ୍ଛାନିଧି ନାୟକ, ଅଶୋକ ସାହୁ, ଅଜିତ ଶତପଥି, ରମେଶ ମହାପାତ୍ର, ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ସୋହେଲା କୃଷକ ବିକାଶ ମଞ୍ଚର ସଭାପତି ମନୋରଞ୍ଜନ ମାଝି, ଅତାବିରା କୃଷକ ସଂଗଠନର ବିରେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ

ବିନିକା,୧୪।୯(ଡି.ଏନ.ଏ.)

ବୁଧବାର ବ୍ୟାଙ୍କ ଅଫ ବରୋଦା ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲା ବିନିକା ସେଣ୍ଟସ ଭେଲି ଉଚ୍ଚ ବିଦ୍ୟାଳୟଠାରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ବାଳ ଗୋପାଳ ପଣ୍ଡା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ବ୍ୟାଙ୍କ ଅପ ବରୋଦାର ଶାଖା ପରିଚାଳକ ଅବିନ କୁମାର ମେହେର, ମୁଖ୍ୟବକ୍ତା ଯୁଗ୍ମ ଶାଖା ପରିଚାଳକ ଅଜିତ କୁମାର ଦେବତା, ସମ୍ମାନିତ ଅତିଥି ଭାବେ ବିନିକା ବଣିକ ସଂଘର ସମ୍ପାଦକ ସନ୍ତୋଷ ଅଗ୍ରୱାଲା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଐତିହାସିକ ସୁଦାମ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ହିନ୍ଦୀ ଶିକ୍ଷୟିତ୍ରୀ ଭାରତୀ ହୋତା ଧନ୍ୟବାଦ ଦେଇଥିଲେ । ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସ୍ମିତା ମାଝୀ ପ୍ରଥମ , ପ୍ରିୟାଂଶୀ ନାଏକ ଦ୍ୱିତୀୟ , ଅର୍ପିତା ହୋତା ତୃତୀୟ ଏବଂ କନିଷ୍ଠ ବିଭାଗରେ ଆଶ୍ୱସ୍ତି ନାଏକ ପ୍ରଥମ, ଆୟୁଷ ଜାଲ ଦ୍ୱିତୀୟ, ସାଇରାମ ଥନାପତି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସୁବ୍ରତ କୁମାର ଦାସ,ସୁବ୍ରତ ପଧାନ, ସତ୍ୟନାରାୟଣ ସାହୁ, ନିତ୍ୟାନନ୍ଦ ପଧାନ, ଅଶୋକ ଦାସ, ସ୍ମୃତିରେଖା ବିଶ୍ୱାଳ, ମିନା ଭୋଇ,କମଳିନୀ ମାଝୀ, କମଳିନୀ ପଧାନ ଯୋଗ ଦେଇଥିଲେ । ବ୍ୟାଙ୍କ ଅପ ବରୋଦାର ସୁଶାନ୍ତ ଭୋଇ, ବିଶ୍ୱଜିତ ସରାଫ, ଉମାକାନ୍ତ ମେହେର, କୃତ୍ତିବାସ ଭୋଇ ସହଯୋଗ କରିଥିଲେ ।

# ହିନ୍ଦୀ ଭାଷା ରାଷ୍ଟ୍ରର ପଥ ପ୍ରଦର୍ଶକ

ବରଗଡ଼ ଅଫିସ୍,୧୪।୯

**ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳନରେ ମତ**

ରାଷ୍ଟ୍ରଭାଷା ହେଉଛି ରାଷ୍ଟ୍ରର ଆତ୍ମା। ରାଷ୍ଟ୍ରର ସମୃଦ୍ଧି ଓ ପଥ ପ୍ରଦର୍ଶକଭାବେ ରାଷ୍ଟ୍ରଭାଷାର ମହତ୍ତ୍ୱକୁ ରାଷ୍ଟ୍ର ସ୍ୱୀକାର କରିଥାଏ ବୋଲି ବୁଧବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳନ ଅବସରରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ହିନ୍ଦୀ ଶିକ୍ଷକ ସଂଘ ସଭାପତି ମନୋହର ସାହୁଙ୍କ ଅଧ୍ୟକ୍ଷତା ଏବଂ ଡୋଲାମଣି ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥିଭାବେ ଯୋଗଦେଇ ହିନ୍ଦୀଭାଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟର ସେବାନିବୃତ୍ତ ହିନ୍ଦୀ ଅଧ୍ୟାପକ ଡଃ ବରୁଣେନ୍ଦ୍ର ସିଂ ମୁଖ୍ୟବକ୍ତା ଏବଂ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ଡିଗ୍ରୀ


ଜିଲାସ୍ତରୀୟ ହିନ୍ଦୀ ଦିବସରେ ସମ୍ବର୍ଦ୍ଧନା ଦିଆଯାଉଛି ।

କଲେଜର ହିନ୍ଦୀ ଅଧ୍ୟାପକ ଡଃ ଦୟାନିଧି ସା ସମ୍ମାନିତ ବକ୍ତାଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ହିନ୍ଦୀର ଭୂମିକା ଉପରେ ମତ ରଖିଥିଲେ। ସଭା ପ୍ରାରମ୍ଭରେ ହିନ୍ଦୀ ଶିକ୍ଷୟିତ୍ରୀଗଣ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବଳରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସମ୍ପାଦକ ପ୍ରଦୀପ କୁମାର ସାହୁ ବିବରଣୀ ପାଠ କରିଥିଲେ। ତ୍ରିଲୋଚନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାର ବିଭିନ୍ନ ବିଦ୍ୟାଳୟର ସେବାନିବୃତ ହିନ୍ଦୀ ଶିକ୍ଷୟିତ୍ରୀ, ଶିକ୍ଷକ ଶୀତଳ ପ୍ରଧାନ, ରୁଦ୍ରାଣୀ ଦୀକ୍ଷିତ, ମନ୍ଦାକିନୀ ପ୍ରଧାନ, ଅମୃତା ବେହେରା, ସୁରେଶ କୁମାର ପଣ୍ଡା, କୀର୍ତ୍ତନ ବୈଶାଖ, ଅଶୋକ ମହାକୁର, ତ୍ରିଲୋଚନ ଶାସ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ନୂତନଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷକ ରାମକୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜ ଡିଗ୍ରୀ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ସରୋଜ କୁମାର ଦେବତା ସଭାପତିତ୍ୱ କରିଥିଲେ। ପ୍ରଦୀପ କୁମାର ପଣ୍ଡା ହିନ୍ଦୀ ଦିବସର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ଶତପଥି, ବିଦ୍ୟୁତପ୍ରଭା ଖେତି, ଚିନ୍ମୟୀ ଜେନା, ଦିପନ୍ତୀ ପ୍ରଧାନ, ଅପର୍ଣ୍ଣା ସାହୁ, ମାମୀ ସାହୁ, ସ୍ୱାଧୀନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ଜଳନ୍ଧର ବରଣ

ଅମରପାଲି,୧୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଜଳନ୍ଧର ବଧ ହେବ। ଏଥିରେ ବିନିକା ଅରିଗାଁର ଗୋପାଳ ଦାଶ ଜଳନ୍ଧର ଭୂମିକାରେ ଅଭିନୟ କରିବେ। ଆସନ୍ତା ଅକ୍ଟୋବର ୯ରୁ୧୫ ତାରିଖ ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଜଳନ୍ଧର ବଧ ପରିବେଷଣ ହେବ। ଏଣୁ ବୁଧବାର ଖଣ୍ଡହତା ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଜଳନ୍ଧର ବରଣ କରାଯାଇଛି। ଜଳନ୍ଧର ଭୂମିକାରେ ଅଭିନୟ କରିବାକୁ ଥିବା ଗୋପାଳ ଦାଶଙ୍କ ଅରିଗାଁ ବାସଭବନକୁ ଯାଇ ଗୁଆ,ନଡିଆ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ବରଣ କରାଯାଇଥିଲା। ପୂଜା କମିଟିର ସଭାପତି ରୁଦ୍ର ପ୍ରକାଶ ମିଶ୍ର, କୋଷାଧକ୍ଷ ପ୍ରକାଶ ବଡାଇ,ସଭ୍ୟ ତ୍ରିପୁରାରୀ ଠାକୁର,ସୁଶାନ୍ତ କର୍ଣ୍ଣ, ସୁଦାମ କର୍ମୀ ଓ ମଧୁସୂଦନ ମହାକୁର ପ୍ରମୁଖ ଜଳନ୍ଧର ବରଣ କରିବାକୁ ଯାଇଥିଲେ।


ଜଳନ୍ଧର ବରଣ କରାଯାଉଛି ।

## ପାନୀୟ ଜଳଯୋଗାଣରେ ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ଦାବିପତ୍ର

ଅମରପାଲି,୧୪।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତରେ ପାନୀୟ ଜଳଯୋଗାଣ ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କମ କ୍ଷମତା ଥିବା ମଟର ବସିଥିବାରୁ କମିରା ଗ୍ରାମରେ ଥିବା ଜଳଯୋଗାଣ ପ୍ରକଳ୍ପରୁ ଏକ ସମୟରେ ସମସ୍ତ ଗାଁକୁ ଜଳ ଯୋଗାଣ ସମ୍ଭବପର ହୋଇପାରୁ ନାହିଁ। ଫଳରେ ୧ ଘଣ୍ଟା ବଦଳରେ ୩ ଘଣ୍ଟା ଧରି ପ୍ରକଳ୍ପକୁ ଚାଲୁ କରିବାକୁ ପଡୁଛି। ଏଥିପାଇଁ ଅଧିକ ବିଦ୍ୟୁତ୍ ଦେୟ ଦେବାକୁ ପଡୁଥିବା ସେ ଦର୍ଶାଇଛନ୍ତି । ସେହିଭଳି ଆମସରଭଟ୍ଟା ଗ୍ରାମକୁ ସୁରୁବାଲି ଯୋଉରୁ ତିନୋଟି ପଞ୍ଚାୟତରେ ଥିବା ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି । ଉକ୍ତ ପ୍ରକଳ୍ପରୁ କମିରା ପଞ୍ଚାୟତର ଆମସରଭଟ୍ଟା ସମେତ ସଂଗ୍ରାମପୁର ଓ ପିତାମହୁଲ ପଞ୍ଚାୟତର ସଦର ଗ୍ରାମକୁ ଜଳଯୋଗାଣ ହେଉଥିବା ବେଳେ ଏଥିପାଇଁ ବହୁ ସମୟ ଧରି ମଟର ଚଳାଇବାକୁ ପଡୁଛି । ଏଥିପାଇଁ ସମସ୍ତ ଦେୟ କମିରା ପଞ୍ଚାୟତକୁ ଦେବାକୁ ପଡୁଛି। ସେହିଭଳି ଲକ୍ଷ୍ମୀ ଗ୍ରାମରେ ଥିବା ପ୍ରକଳ୍ପରୁ ଗାଁରେ ସଂପୂର୍ଣ୍ଣ ଭାବେ ପାଇପ ବିଛାଯାଇ ନାହିଁ । ଫଳରେ ବହୁ ଗ୍ରାମବାସୀ ପାଇପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିଭଳି ବିକଳପୁର ଗ୍ରାମରେ ଥିବା ପ୍ରକଳ୍ପ କାମ ସଂପୂର୍ଣ୍ଣ ହେବାର ଏକ ବର୍ଷ ବିତିଯାଇଥିଲେ ମଧ ପ୍ରକଳ୍ପକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିବା ନେଇ ପଧାନ ଜିଲାପାଳଙ୍କୁ ଦାବିପତ୍ର ଦେଇ ଅଭିଯୋଗ କରିଛନ୍ତି।

## ଠିକାଦାର ସଂଘର ବୈଠକ

ବାଉଁଶୁଣୀ,୧୪।୯(ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀର ପଞ୍ଜୀକୃତ ଠିକାଦାରମାନଙ୍କ ଏକ ବୈଠକ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ସିଙ୍ଗାରୀ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଗକୁ କିପରି ସଂଘ ସୁଦୃଢ଼ ହୋଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ସଂଘର ସଭାପତି ସୁରେନ୍ଦ୍ର ମେହେର,ସରୋଜ ତ୍ରିପାଠୀ, ପୁରନ୍ଦର ବକ୍ସି, ବାଳମୁକୁନ୍ଦ ମେହେର, ଶ୍ରୀମନ୍ତ ମିଶ୍ର, ପ୍ରଫୁଲ୍ଲ ପଟ୍ଟନାୟକ, ଏସ. ସାହୁ, ଶମ୍ଭୁ ସାହୁଙ୍କ ସମେତ କଣ୍ଟାମାଳ ବିଧାନସଭା ନିର୍ବାଚନମଣ୍ଡଳୀର ୬୦ ଜଣ ଠିକାଦାର ଯୋଗ ଦେଇଥିଲେ।

## ଶିକ୍ଷକ, ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ


ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ଅଭିଭାବକ ସମ୍ମିଳନୀରେ ଶିକ୍ଷକ ଓ ଅନ୍ୟମାନେ ।

ଅମରପାଲି,୧୪।୯(ଡି.ଏନ.ଏ.)

**ଅମରପାଲି ହାଇସ୍କୁଲରେ ଅଭିଭାବକ ସମ୍ମିଳନୀ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ବୁଧବାର ଅପରାହ୍ନରେ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସ୍କୁଲର ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷକ ଶ୍ୟାମ ସୁନ୍ଦର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟହ ସ୍କୁଲକୁ ପଠାଇବା ପାଇଁ ଅଭିଭାବକମାନଙ୍କୁ ଅନୁରୋଧ କରାଯାଇଥିଲା। ପିଲାଙ୍କୁ ଅନ୍ୟ କୌଣସି କାମ ପାଇଁ ପାଠପଢାରୁ ବଞ୍ଚିତ ନ କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସହିତ ପ୍ରାକ୍ ପରୀକ୍ଷା ସମ୍ବନ୍ଧୀୟ ଆଲୋଚନା, ଫର୍ମ ପୂରଣ, ପ୍ରତ୍ୟହ ପିଲାଙ୍କ ଉପସ୍ଥାନ, ପାଠପଢା ଉପରେ ଆଲୋଚନା ହୋଇଥିଲା। ପିଲାଙ୍କ ବୌଦ୍ଧିକ ଉନ୍ନତି ପାଇଁ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ହାଇସ୍କୁଲ ତୃତୀୟ ପର୍ଯ୍ୟାୟରେ ୫-ଟି ହୋଇଛି। ଏଣୁ ୫-ଟି ହେଲେ ପିଲା କ'ଣ ସବୁ ସୁବିଧା ପାଇବେ ସେନେଇ ପ୍ରଧାନଶିକ୍ଷକ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ସସ୍ମିତ ପ୍ରଧାନ ଓ ପଦ୍ମନାଭ ପ୍ରଧାନ ପିଲାଙ୍କ ପାଠପଢା ଓ କାର୍ଯ୍ୟଦକ୍ଷତା ଉପରେ ଅଭିଭାବକଙ୍କୁ ସୂଚନା ପ୍ରଦାନ କରିଥିଲେ। ସମ୍ମିଳନୀରେ ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ସଭ୍ୟ କାର୍ତ୍ତିକ ପ୍ରଧାନ, ବିନୋଦ ସେଠୀ,ଅଭିଭାବକ ଚିତ୍ତରଞ୍ଜନ ପ୍ରଧାନ, ନାଗେଶ୍ୱର ଭୋଇ, ବ୍ରଜମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘ ମୃତ୍ୟୁ ଘଟଣାକୁ ନେଇ ବନବିଭାଗ ତନାଘନା

ସୋନପୁର,୧୪।୯(ନି.ପ୍ର.)

**ସନ୍ଦେହରେ ୨ ଅଟକ**

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲର ବାଘପାଲି ନିକଟରୁ ମଙ୍ଗଳବାର ଏକ ପ୍ରାପ୍ତ ବୟସ୍କା ମାଈ କଲରାପତରିଆ ବାଘର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ଏହି ବାଘ ପ୍ରାୟ ୪ ଦିନ ପୂର୍ବରୁ ମରିଥିବା ଅନୁମାନ କରାଯାଉଛି। ବାଘ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲେ ହେଁ ବାରହା ଫାଶରେ ପଡି ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ବାଘର ୪ଟି ଗୋଡକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଏହି ଘଟଣାରେ ବନବିଭାଗ ଏକ ମାମଲା ରୁଜୁ କରି ଶିକାରୀଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି। ବୁଧବାର ବନବିଭାଗ ୨ ଜଣ ଶିକାରୀଙ୍କୁ ସନ୍ଦେହରେ ଧରି ଆଣି ପଚରାଉଚୁରା କରୁଛି। ସୁବର୍ଣ୍ଣପୁର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ, ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲିପ କୁମାର ପ୍ରଧାନ, ସୋନପୁର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ବାଘ ପ୍ରମୁଖ ଘଟଣାସ୍ଥଳରେ ରହି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛନ୍ତି ।


ବାଘର ଗଳିତ ମୃତଦେହ ।

କୋଟସମଲାଇ ପଞ୍ଚାୟତ ବାଘପାଲି ଗାଁ ନିକଟ ଜଙ୍ଗଲରେ ଛେଳି ଚରାଳିମାନେ ଏକ କଲରାପତରିଆ ବାଘର ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। ଖବର ପ୍ରଚାରିତ ହେବା ପରେ ବାଘ ଦେଖିବା ପାଇଁ ଜଙ୍ଗଲରେ ଭିଡ ଜମିଥିଲା। ବାଘ ପଚି ସଡି ଦୁର୍ଗନ୍ଧ ହେଉଥିଲା। ଦେହ ସାରା ପୋକ ସାଲୁବାଲୁ ହେଉଥିଲେ। ଖବର ପାଇ ବନବିଭାଗ ଉଲୁଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁବ୍ରତ କୁମାର ପୁରୋହିତଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ପରେ ବାଘକୁ ପୋଡି ଦିଆଯାଇଥିଲା। ବାଘ ମୃତ୍ୟୁର ୯୬ ଘଣ୍ଟା ବିତି ଯାଇଥିବା ଓ ଶରୀର ପଚି ଯାଇଥିବାରୁ ମୃତ୍ୟୁର କାରଣ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ସ୍ପଷ୍ଟ ହୋଇ ପାରି ନ ଥିଲା। ତେବେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର କେତେକ ଶିକାରୀ ବାରହା ଓ ଅନ୍ୟ ବନ୍ୟଜନ୍ତୁ ଶିକାର ପାଇଁ ହୁକ ପକାଇ ରାତିରେ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଉଛନ୍ତି। ଏହି ବିଦ୍ୟୁତ୍ ଫାଶରେ ପଡି ପୂର୍ବରୁ ବାଘପାଲିର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ନିକଟରେ ଦୁଇ ଜଣ ବ୍ୟକ୍ତି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଳ୍ପକେ ବର୍ତ୍ତିଥିଲେ। ବିଭିନ୍ନ ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗାଈ ଗୋରୁ ମରୁଛନ୍ତି। ଏହାସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଜଙ୍ଗଲ ଅଞ୍ଚଳରେ କେବୁଲ ତାର ଟାଣୁନାହିଁ। ବନବିଭାଗ ଓ ସ୍ଥାନୀୟ ବନ ସୁରକ୍ଷା ସମିତି ମଧ ଅବହେଳା ପ୍ରଦର୍ଶନ କରି ଆସୁଛି । ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।